

'ସ୍ପିରିଟ୍'
ପ୍ରଭାସ ନେଇଛନ୍ତି
୧୬୦ କୋଟି
▶ପୃଷ୍ଠା-୧୧ ଦେଖନ୍ତୁ...



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-163 •TUESDAY •9 DECEMBER 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୧୬୩ •ମଙ୍ଗଳବାର •୯ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା

# ଗୋଷ୍ଠୀ ସଂଘର୍ଷରେ ଜଳୁଛି ମାଲକାନଗିରି

**ଇଣ୍ଟରନେଟ୍ ସେବା ଓ ମଦ ଦୋକାନ ବନ୍ଦ**

**ଧସ୍ତାଧସ୍ତିରେ ପୁଲିସ ଆହତ**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ବଙ୍ଗଳା ଭାଷାଭାଷୀ**

**ପୋଟେରୁ ଜଳ ଶୁଖାଇ ଖୋଜା ଚାଲିଛି କଟାମୁଣ୍ଡ**



■ ମାଲକାନଗିରି/କୋରୁକୋଣ୍ଡା, ୮ ।୧୨(ସମିସ): ମୁଣ୍ଡବିହୀନ ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ କୋରୁକୁଣ୍ଡା ବ୍ଲକ୍ ମାରିବେଡ଼ା ପଞ୍ଚାୟତ ଅଧୀନ ରଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମରେ ଲାଗି ରହିଥିବା ସଂଘର୍ଷ ଥମିବାର ନାଁ ଧରୁନି। ଆଜି ମଧ୍ୟ ରଖେଲଗୁଡ଼ାର କିଛି ଗ୍ରାମବାସୀ ଏମ୍‌ଭି-୨୬ ଗ୍ରାମର ବହୁ ଲୋକଙ୍କ ଘର ଜାଳି ଦେଇଛନ୍ତି। ଅପରପକ୍ଷେ, ଏହାର ପ୍ରତିବାଦରେ ୨ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଳା ଭାଷାଭାଷୀ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି। ମାଲକାନଗିରିସ୍ଥିତ ଏମ୍‌ଭି-୩ରୁ ସେମାନେ ଏକ ବିଶାଳ ରାଲିରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବଙ୍ଗଳା ଭାଷାଭାଷୀଙ୍କ ବିରୋଧରେ ଅତ୍ୟାଚାର ବଢ଼ୁଥିବା ବେଳେ କାହିଁକି ଜିଲ୍ଲା ଏବଂ ପୁଲିସ୍ ପ୍ରଶାସନ କାହିଁକି ଚୁପ୍ ବସିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ଉତ୍ତେଜନା କ୍ରମଶଃ ବଢ଼ୁଥିବାରୁ ପ୍ରଶାସନ ପକ୍ଷରୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ଏହାସହ ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମଦ ଦୋକାନକୁ ମଧ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି, ଆଜି ସଂଧ୍ୟାରେ ପୁଲିସ ଡିଜି ୱାଇ.ବି ଖୁରାନିଆ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂ, ଏଡିଜି (ଅପରେସନ୍) ସଂଜୀବ ପଣ୍ଡା ପ୍ରମୁଖ ମାଲକାନଗିରିରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି।

ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଡ଼ିଆମି (୫୧) ଗତ ୧ ତାରିଖ ଦିନ ଜମିକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ଦୁଇ ଦିନ ପରେ ମହିଳାଙ୍କ ମୁଣ୍ଡବିହୀନ ଶବ ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛ କଡ଼ରୁ ଉଦ୍ଧାର ହୋଇଥିଲା। ଲୋକେଙ୍କ ସହ ଏମ୍‌ଭି-୨୬ ଗ୍ରାମର ୩ଜଣଙ୍କ ଜମିବାଡ଼ି ବିବାଦ ଥିବାରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ରାଖେଲଗୁଡ଼ା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ୩ ଦିନ ହେଲା ଉତ୍ତେଜନା ଲାଗି ରହିଛି। ଗତକାଲି ରାଖେଲଗୁଡ଼ା ଗ୍ରାମବାସୀ ▶ପୃଷ୍ଠା-୭

## ବିଧାନସଭାରେ ମାଲକାନଗିରି ତାତି

**ତୁରନ୍ତ ଡିଜିଙ୍କୁ ମାଲକାନଗିରି ପଠାଯିବାକୁ ବିଜେଡିର ଦାବି**

**ଆଇନଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ: କଂଗ୍ରେସ**

■ ଭୁବନେଶ୍ୱର,୮ ।୧୨(ସମିସ): ମାଲକାନଗିରିରେ ସୃଷ୍ଟି ହୋଇଥିବା ଗୋଷ୍ଠୀ ସଂଘର୍ଷର ତାତି ଆଜି ବିଧାନସଭାରେ ଅନୁଭୂତ ହୋଇଛି। ବିଜେଡି ଓ କଂଗ୍ରେସର ସଦସ୍ୟ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ପ୍ରତାପ ଦେବ୍ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ। ▶ପୃଷ୍ଠା-୭

### ବଜେଟ ପ୍ରସଙ୍ଗରେ ନବୀନଙ୍କ କଟାକ୍ଷ

## ଫମ୍ପା ମାଠିଆର ଶବ୍ଦ ବେଶି

**ଲୋକଙ୍କ ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରୁନାହାନ୍ତି ସରକାର**



■ ଭୁବନେଶ୍ୱର,୮।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗୃହରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରିଛନ୍ତି। ଏହାକୁ ନେଇ ଗୃହ ବାହାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ କହିଛନ୍ତି ଯେ ଆମେ ସମସ୍ତେ ଜାଣୁ ଯେ ଫମ୍ପା ମାଠିଆ ଭଲ ଶବ୍ଦ କରେ, ଆଉ ସେହି ଶବ୍ଦରେ ହିଁ ସେମାନେ (ସରକାର) ସନ୍ତୁଷ୍ଟ। ବଜେଟ ଉପରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ଦୁଃଖର ସହ କହିବାକୁ ଚାହୁଁଛି ଯେ ଏହା କେବଳ ମୋର ମତ ନୁହେଁ; ଏହା ରାଜ୍ୟର ଅନେକ ଲୋକଙ୍କର ମତ ଅଟେ। ରାଜ୍ୟ ସରକାର ଏହି ରାଜ୍ୟର ଲୋକଙ୍କ ପାଇଁ ଏବଂ ସେମାନଙ୍କ ବିକାଶ ପାଇଁ କୌଣସି ଅର୍ଥ ଖର୍ଚ୍ଚ କରୁନାହାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ବାରମ୍ବାର ବିଜେଡି ପକ୍ଷରୁ ରାଜ୍ୟର ଲୋକଙ୍କ ବିକାଶ ପାଇଁ କିଛି ଖର୍ଚ୍ଚ ହେବା ଉଚିତ୍ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ମାତ୍ର ସେମାନେ ଏ ବିଷୟରେ ସମ୍ପୂର୍ଣ୍ଣ ଅବହେଳା କରୁଛନ୍ତି। ଏଥିପାଇଁ କେବଳ କିଛି ଲୋକ ନୁହେଁ, ସମସ୍ତେ ଅସୁବିଧା ଭୋଗୁଛନ୍ତି ବୋଲି ସେ କହିଛନ୍ତି।

### ଆଜିଠୁ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦

## ଲାଲ୍‌ମାଟିରେ ବାରବାଟୀ ଲଢ଼େଇ



■ କଟକ,୮।୧୨(ସମିସ): ଐତିହାସିକ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ମଙ୍ଗଳବାର ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ଖେଳାଯିବ। ଏହି ମୁକାବିଲା ଲାଗି ଉଭୟ ଦଳ ଯେପରି ପ୍ରସ୍ତୁତି କରିଛି, ଠିକ୍ ସେହିପରି ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଓଡ଼ିଶା କ୍ରିକେଟ ସଂଘ ଓ ସରକାରୀ ଏଜେନ୍ସିଗୁଡ଼ିକ ସେହିପରି ପ୍ରସ୍ତୁତ ହୋଇଛନ୍ତି। ଦର୍ଶକଙ୍କୁ ନିୟନ୍ତ୍ରଣ କରିବା, ମ୍ୟାଚ୍‌କୁ ଶୃଙ୍ଖଳିତ କରିବା ଆଦି ପୁଲିସ ଓ ପ୍ରଶାସନ ଲାଗି ଏକ ବଡ ଚ୍ୟାଲେଞ୍ଜ ହୋଇଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଳେ ୨୦୧୫ରେ ଦର୍ଶକ ବିଶୃଙ୍ଖଳା ଓ ଚଳିତବର୍ଷ ଫ୍ଲଡ୍‌ଲାଇଟ୍ ଲିଭିବା ଘଟଣା ସମସ୍ତଙ୍କ ମନରେ ରହିଛି। ଏହାର ଯେପରି ପୁନରାବୃତ୍ତି ନ ହୁଏ, ସେଥିଲାଗି ସମସ୍ତ ଆୟୋଜକ ଓ ଆୟୋଜନକାରୀ ସଂସ୍ଥାଗୁଡ଼ିକ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି।

ଅନ୍ୟପକ୍ଷରେ ବାରବାଟୀରେ ଉଭୟ ଦଳ ଲାଗି ଦୁଇଟି ଆହ୍ୱାନ ରହିଛି। ପ୍ରଥମଟି ହେଉଛି ▶ପୃଷ୍ଠା-୭

### ଏସ୍‌ଆଇଆର୍ ପାଇଁ ଚିନ୍ତା

## ତାମିଲନାଡୁରେ ହଟିବେ ୮୪ ଲକ୍ଷ ଭୋଟର

**ପଶ୍ଚିମବଙ୍ଗରେ ଫର୍ମ ଦାଖଲ କରିନାହାନ୍ତି ୫୪ ଲକ୍ଷ**

■ ଚେନ୍ନାଇ, ୮ ।୧୨(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁରହିଛି। ଆସନ୍ତା ୧୧ ତାରିଖ ଫର୍ମ ଦାଖଲ କରିବାର ଶେଷ ଦିନ ରହିଛି। ଇତିମଧ୍ୟରେ ଏପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ ଜଣାପଡ଼ିଛି ଯେ, ବିଭିନ୍ନ ରାଜ୍ୟରେ ଏବେକାର ଭୋଟର ତାଲିକାରୁ ବହୁ ସଂଖ୍ୟାରେ ଭୋଟର ବାଦ୍ ପଡ଼ିବେ ବୋଲି ଆଶାଙ୍କା କରାଯାଉଛି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ ସର୍ବାଗ୍ରେ ରହିଛି। ତାମିଲନାଡୁରେ ୮୪.୯୧ ଲକ୍ଷ ଫର୍ମ ଅସଂଗ୍ରହଣୀୟ ଶ୍ରେଣୀରେ ରହିଛନ୍ତି। ଅର୍ଥାତ ଏହି ଫର୍ମଗୁଡ଼ିକ ଭିନ୍ନ ଭିନ୍ନ କାରଣ ଯୋଗୁଁ ଏକାଠି ହୋଇପାରିନାହିଁ। ଏଥିରେ ଅସମ୍ପୂର୍ଣ୍ଣ ସୂଚନା, ୨୦୦୩ ତାଲିକାରୁ ନାମ ହଜିବା ଭୋଟରଙ୍କ ମୃତ୍ୟୁ କିମ୍ବା ସ୍ଥାନାନ୍ତର ଅନ୍ତର୍ଭୁକ୍ତ। ଇତିମଧ୍ୟରେ ତାମିଲନାଡୁରେ ମିଳିଥିବା ସୂଚନା ଅନୁସାରେ ଏବେକାର ଭୋଟର ତାଲିକାରୁ ୮୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କରିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ପଶ୍ଚିମବଙ୍ଗରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି। ଏହି ରାଜ୍ୟରେ ▶ପୃଷ୍ଠା-୭

## ୧୨ ପର୍ଯ୍ୟନ୍ତ ଶୀତ ଲହରୀ

**୪.୩ ଡିଗ୍ରୀକୁ ଖସିଲା ଜି. ଉଦୟଗିରି**

■ ଭୁବନେଶ୍ୱର, ୮ ।୧୨ (ସମିସ): ସାରା ରାଜ୍ୟରେ ପ୍ରବଳ ଶୀତ ଜାରି ରହିଛି। ପଶ୍ଚିମରୁ ଉପକୂଳ ସବୁଠି ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ବେଳେ କିଛି ସ୍ଥାନରେ ପ୍ରବଳ ଜାଡ ଅନୁଭବ ହେଉଛି। ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ପବନ ଯୋଗୁଁ ତାପମାତ୍ରା କମିଛି। ତେଣୁ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଅନ୍ୟପଟେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଆଶଙ୍କା କରି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଚେତାବନୀ ଜାରି କରିଛି।

ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ହାଡ଼ଭଙ୍ଗା ଶୀତ ଜାରି ରହିଛି। ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୩ ଡିଗ୍ରୀକୁ ଖସିଥିବା ବେଳେ ସେମିଳିଗୁଡାରେ ୪.୬, ଫୁଲବାଣୀ ୭.୨, ଝାରସୁଗୁଡା ୭.୪, ଦାରିଙ୍ଗବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, ଅନୁଗୁଳ ୮.୮, ସୁନ୍ଦରଗଡ଼ର କିରେଇ ୮.୯, ଭବାନୀପାଟଣା ୯ ଓ ନବରଙ୍ଗପୁରରେ ପାରଦ ୧୦ ଡିଗ୍ରୀ ଛୁଇଁଛି। ଏହି ତାପମାତ୍ରା ସହ ଝାରସୁଗୁଡ଼ାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୨ ଡିଗ୍ରୀ ତଳକୁ ଖସିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ସାରା ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଥଣ୍ଡା ଆସନ୍ତା ୨୦ ତାରିଖ ▶ପୃଷ୍ଠା-୭

# ଜୀବନ ଯୁଦ୍ଧରେ ହାରିଗଲେ ଶୃତି



**ଯୁବକଙ୍କ ନିର୍ଯାତନା ସହି ନ ପାରି କରିଥିଲେ ଆତ୍ମାହୁତି ଉଦ୍ୟମ**

**କ୍ଷତିପୂରଣ, ନ୍ୟାୟ ଦାବିରେ ବିଜେଡି ଓ ପରିବାର ବର୍ଗଙ୍କ ଧାରଣା**

**୪ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା ପରେ ଉଠିଲା ଶବ**

■ ରାଉରକେଲା, ୮।୧୨(ସମିସ): ଜଣେ ଯୁବକର ନିର୍ଯାତନାରେ ଅତିଷ୍ଠ ହୋଇ ନିଜ ଦେହରେ ନିଆଁ ଲଗାଇ ଦେଇଥିବା ଲାଞ୍ଜିବେର୍ଣ୍ଣାର ଛାତ୍ରୀ ଶୃତି ଟପ୍ପୋ ଜୀବନଯୁଦ୍ଧରେ ହାରି ଯାଇଛନ୍ତି। ଗତକାଲି ରାତିରେ ସେ ରାଉରକେଲାର ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଆଖି ବୁଜିଛନ୍ତି। ଏହି ଘଟଣାରେ ରାଜଗାଙ୍ଗପୁର ପୁଲିସ୍ ଅଭିଯୁକ୍ତ ନିଲେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ବିରୋଧରେ ▶ପୃଷ୍ଠା-୭

## ହୃଦୟ ବିଦାରକ: ନବୀନ

**ସରକାର ଆଉ କେତେ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ**


**ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ**

■ ଭୁବନେଶ୍ୱର, ୮।୧୨ (ସମିସ): ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣାରେ ନିଆଁରେ ଜଳି କଲେଜ ଛାତ୍ରୀ ପ୍ରାଣ ହରାଇବା ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଉକ୍ତ ଘଟଣାକୁ ନବୀନ ଅତ୍ୟନ୍ତ ହୃଦୟବିଦାରକ ବୋଲି ନବୀନ ଅଭିହିତ କରିବା ସହ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି ଯେ ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ▶ପୃଷ୍ଠା-୭

### ଚରମ ଅରାଜକତା

## ରାଜ୍ୟରେ ଦିନକୁ ୭ ଦୁଷ୍କର୍ମ, ୨୧ ଅସଦାଚରଣ

**୧୫ ମାସରେ ସର୍ବସାଧାରଣ ସ୍ଥାନରେ ୨୩୧୦ ମହିଳାଙ୍କୁ ବିବସ୍ତ୍ର କରାଯାଇଛି**



■ ଭୁବନେଶ୍ୱର,୮।୧୨(ସମିସ): ଦିନକୁ ଦିନ ବଢୁଛି ରାଜ୍ୟରେ ମହିଳା ବିରୋଧୀ ହିଂସା। ଅଶାନ୍ତ ହେଉଛି ଓଡ଼ିଶା, ବିପର୍ଯ୍ୟସ୍ତ ହୋଇ ଚାଲିଛି ଆଇନଶୃଙ୍ଖଳା ପରିସ୍ଥିତି। ବିଧାନସଭାରେ ଖୋଦ ସରକାର ଦେଇଛନ୍ତି ଏ ସଂକ୍ରାନ୍ତ ତଥ୍ୟ। ଗତ ୧୫ ମାସ ମଧ୍ୟରେ ରାଜ୍ୟର ୩୨୦୫ ଜଣ ମହିଳା ଦୁଷ୍କର୍ମ ବା ଗଣ ଦୁଷ୍କର୍ମର ଶିକାର ହୋଇଥିବା ସରକାର ସ୍ୱୀକାର କରିଛନ୍ତି। ଗୋଟିଏ ପଟେ ଝିଅ ପୋଡିକୁ ନେଇ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହୋଇଛି। ଗୋଟିଏ ପରେ ଗୋଟିଏ ଘଟଣା ରାଜ୍ୟ ପାଇଁ ଅପବାଦ ଡାକି ଆଣୁଛି। ଏପରି ମାମଲା ଥମିବାର ନାଁ ଧରୁ ନ ଥିବାବେଳେ ଦୁଷ୍କର୍ମ ଓ ମହିଳା ହିଂସା ତଥ୍ୟ ସମସ୍ତଙ୍କୁ ଭୟଭୀତ କରିଛି।

ରାଜ୍ୟରେ ମହିଳା ହିଂସା ସଂକ୍ରାନ୍ତରେ ବିଧାନସଭାରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି। ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ମୋଟ୍ ୩୨୦୫ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ସେହିପରି ଏହି ସମୟ ମଧ୍ୟରେ ୨୦୨ ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ମଧ୍ୟ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଅସଦାଚରଣ ମାମଲା ସବୁ ରେକର୍ଡ ଭାଙ୍ଗି ଦେଇଛି। ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ୯ ହଜାର ୮୫୧ଜଣ ମହିଳା ଅସଦାଚରଣଜନିତ ହିଂସାର ଶିକାର ହୋଇଛନ୍ତି। ସେହିପରି ଗତ ୧୫ ମାସରେ ୧୪୭୬ ଜଣ ମହିଳା ଯୌନ ପ୍ରତାରଣାର ଶିକାର ହୋଇଛନ୍ତି ଏବଂ ୮୮୬୩ ଜଣଙ୍କୁ ଅପହରଣ କରାଯାଇଛି। ସର୍ବସାଧାରଣସ୍ଥଳରେ ୨୩୧୦ ଜଣ ମହିଳାଙ୍କୁ ବିବସ୍ତ୍ର କରାଯାଇଥିବାବେଳେ ୧୨୯ ଜଣଙ୍କୁ ଚାଲାଣ କରାଯାଇଛି। ସେହିପରି ମହିଳାଙ୍କୁ ଖରାପ ନଜରରେ ଦେଖିବା ଯୋଗୁଁ ୫୫୬ଟି ମାମଲା ରୁଜୁ ହୋଇଥିବାବେଳେ ଅଶ୍ଳୀଳ ଆଚରଣ ପାଇଁ ୭୯୬ ମାମଲା ରୁଜୁ କରାଯାଇଥିବା ତଥ୍ୟ ପ୍ରକାଶ ପାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ଯୋଗୁଁ ରାଜ୍ୟରେ ଅପରାଧୀ ଉପରମୁହାଁ ହୋଇଯାଇଛନ୍ତି। ମହିଳା ବିରୋଧୀ ହିଂସା ରୋକିବାରେ ପୁଲିସର ନିଷ୍କ୍ରିୟତା ଚିନ୍ତା ବଢ଼ାଇଲାଣି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ବିଧାୟକ ଅରୁଣ ସାହୁ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ମହିଳା ଅସଦାଚରଣ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଅଛି। ଓଡ଼ିଶା ତଳକୁ ମହାରାଷ୍ଟ୍ର ରହିଥିବା କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି।

### ବଢୁଛି ମିଲର୍‌ଙ୍କ ମନମୁଖୀ କାରବାର

## କଟ୍‌ନୀଛଟ୍‌ନୀକୁ ବିରୋଧ, ଧାନଗାଡ଼ି ଅଟକାଇଲେ ଚାଷୀ



■ ସମ୍ବଲପୁର, ୮।୧୨ (ସମିସ) : ଚଳିତ ଖରିଫ୍ ଧାନକିଣା ଆରମ୍ଭରୁ ସମ୍ବଲପୁର ଜିଲ୍ଲାରେ ଅଚଳାବସ୍ଥା ଦେଖାଦେଇଛି। ଏବେ ଟୋକନ ସମସ୍ୟା ସହ ନୂତନ ସମସ୍ୟା ଭାବେ କଟ୍‌ନୀଛଟ୍‌ନୀ ଦେଖାଦେଲାଣି। ବହୁ ଚାଷୀଙ୍କ ଟୋକନ ଆସିନଥିବାବେଳେ ଯେଉଁ ମାନଙ୍କ ଟୋକନ ଆସିଛି, ସେମାନେ ମିଲ୍‌କୁ ଧାନ ନେଇ ଗଲାପରେ ମିଲର୍ ମନଇଚ୍ଛା କଟ୍‌ନୀଛଟ୍‌ନୀ କରୁଛନ୍ତି। ଏପରିକି ଆଦ୍ରତା ୧୭ ପଏଣ୍ଟରୁ ଅଧିକ ଥିଲେ, ଧାନଗାଡ଼ି ଫେରାଇ ଦେଉଛନ୍ତି। ପୁଣି ସମସ୍ତ ଚାଷୀଙ୍କ ଅଧକିଲୋ କିମ୍ବା ୧ କିଲୋ ଧାନ କଟ୍‌ନୀକୁ ଚାଷୀ ମାନିନେଉଛି। ଏବେ ମିଲର୍ ୪ରୁ ୫ କିଲୋ ପର୍ଯ୍ୟନ୍ତ କଟ୍‌ନୀ ଆରମ୍ଭ କଲେଣି। ଧାନକିଣା ଗୋଟିଏ ମାସ ବିଳମ୍ବରେ ଚାଲିଥିବାବେଳେ ଚାଷୀ ଧାନ ଅମଳ ଓ ଆନୁସଙ୍ଗିକ କାର୍ଯ୍ୟର ଶ୍ରମିକଙ୍କ ପାଉଣା ତଥା ▶ପୃଷ୍ଠା-୭

### ସରକାରୀ ତଥ୍ୟ: ଉଠିଲାଣି ୨ ଲକ୍ଷ ୪୦ କ୍ୱିଣ୍ଟାଲ ଧାନ

ସମ୍ବଲପୁର ଜିଲ୍ଲାରେ ଥିବା ୧୩୪ଟି ମଣ୍ଡିରେ ପ୍ରଥମ ପର୍ଯ୍ୟାୟ ଟାର୍ଗେଟ୍ ୨୮ ଲକ୍ଷ ୨ ହଜାର କ୍ୱିଣ୍ଟାଲ ରହିଛି। ଏଥିରୁ ଆଜି ପର୍ଯ୍ୟନ୍ତ ୩୯୫୮ ଜଣ ଚାଷୀଙ୍କଠାରୁ ୨ ଲକ୍ଷ ୪୦ କ୍ୱିଣ୍ଟାଲ ଧାନ କିଣାଯାଇଛି ବୋଲି ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସୁବ୍ରତ ହୋତା କହିଛନ୍ତି। ୨୩୮୦ ଜଣ ଚାଷୀଙ୍କ ପ୍ରାପ୍ୟ ପ୍ରେରଣ କରାଯାଇଛି ଏବଂ ୪୮ ଘଣ୍ଟା ମଧ୍ୟରେ ଦେୟ ମିଳିବ। ▶ପୃଷ୍ଠା-୭

# ଲୋକସଭାରେ 'ବନ୍ଦେ ମାତରମ୍': ସରକାର-ବିରୋଧୀ ମୁହାଁମୁହିଁ




■ ଜାତୀୟ ସଙ୍ଗୀତକୁ ଖଣ୍ଡ ଖଣ୍ଡ କରିଥିଲା କଂଗ୍ରେସ: ମୋଦୀ

■ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଉଛି: ପ୍ରିୟଙ୍କା ଭଦ୍ରା

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ'କୁ ୧୫୦ ବର୍ଷ ପୂରଣ ହୋଇଛି । ଏହି ଅବସରରେ ସଂସଦରରେ ଜାତୀୟ ସଙ୍ଗୀତ ଉପରେ ସ୍ୱତନ୍ତ୍ର ଚର୍ଚ୍ଚା ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକସଭାରେ ଚର୍ଚ୍ଚା ଆରମ୍ଭ କରି କହିଛନ୍ତି ଯେ ବନ୍ଦେ ମାତରମକୁ କଂଗ୍ରେସ ଖଣ୍ଡ ଖଣ୍ଡ କରିଦେଇଛି । ମହମ୍ମଦ ଅଲ୍ଲି ଜିନ୍ନାଙ୍କ ଚାପରେ କଂଗ୍ରେସ ନଇଁ ଯାଇଥିଲା । ଏଥିପାଇଁ ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜାବହର ଲାଲ ନେହରୁଙ୍କୁ ଦାୟୀ କରିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ କହିଛନ୍ତି ବନ୍ଦେ ମାତରମକୁ ନେଇ ସଂସଦରେ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଉଛି ।

ଲୋକସଭାରେ ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବନ୍ଦେ ମାତରମ ଇଂରେଜଙ୍କୁ ଦୃଢ଼ ଜବାବ ଦେଇଥିଲେ । ସ୍ୱାଧୀନତା ପୂର୍ବରୁ ଏହା ପ୍ରେରଣାର ସ୍ରୋତ ପାଲଟିଥିଲା । ଏହା ମହାତ୍ମା ଗାନ୍ଧୀଙ୍କ ପସନ୍ଦ ଥିଲା । ସେ ଏହାକୁ ଜାତୀୟ ସଙ୍ଗୀତ ଭାବେ ଦେଖୁଥିଲେ । ଏହାସତ୍ତ୍ୱେ ଗତ କିଛି ଦଶନ୍ଧି ହେଲା ବନ୍ଦେ ମାତରମ ସହ ଅନ୍ୟାୟ ଏବଂ ବିଶ୍ୱାସଘାତ କାହିଁକି କରାଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ । କାହା ପାଇଁ ବାପୁଙ୍କ ଭାବନାକୁ ଆଘାତ ଦିଆଯାଇଥିଲା? କଂଗ୍ରେସ ବନ୍ଦେ ମାତରମକୁ ଭାଗ ଭାଗ କରିଥିଲା ବୋଲି ମୋଦୀ ଅଭିଯୋଗ କରିଥିଲେ । ତାଙ୍କ ମତରେ, ଜିନ୍ନାଙ୍କ ମୁସଲିମ ଲିଗ୍ ଆଗରେ ନେହରୁ ନଇଁ ଯାଇଥିଲେ । ୧୯୩୬ ଅକ୍ଟୋବର ୧୫ରେ ଜିନ୍ନା ବନ୍ଦେ ମାତରମକୁ ବିରୋଧ କରିଥିଲେ । ମୁସଲିମ ଲିଗ୍‌କୁ ଜବାବ ଦେବା, ନିନ୍ଦା କରିବା ପରିବର୍ତ୍ତେ ସେ ଓଲଟା ଆଭିମୁଖ୍ୟ ଗ୍ରହଣ କରିଥିଲେ । ସେ ବନ୍ଦେ ମାତରମକୁ ଖଣ୍ଡ ଖଣ୍ଡ କରି ଦେଇଥିଲେ ବୋଲି ମୋଦୀ କହିଥିଲେ । ପ୍ରଧାନମନ୍ତ୍ରୀ ଘଣ୍ଟାଏ ପର୍ଯ୍ୟନ୍ତ ଦେଇଥିବା ତାଙ୍କ ବକ୍ତବ୍ୟରେ ସେ ୧୨୧ ଥର ବନ୍ଦେ ମାତରମ, ୫୦ ଥର ଦେଶ, ୩୪ ଥର ଇଂରେଜ, ୧୭ ଥର ପଶ୍ଚିମବଙ୍ଗ, ୧୩ ଥର କଂଗ୍ରେସ, ୧୦ ଥର ବଙ୍କୀମ ଚନ୍ଦ୍ର ଚାଟାର୍ଜୀ, ୭ ଥର ଜବାହାରଲାଲ ନେହେରୁଙ୍କ ନାମ ନେଇଥିଲେ । ମୋଦୀ ମଝିରେ ବଙ୍କୀମ ଚନ୍ଦ୍ର ଦା କହିବାରୁ ଟିଏମସି ସାଂସଦ ତାଙ୍କୁ ଅଟକାଇ ଥିଲେ । ବଙ୍କୀମ ଚନ୍ଦ୍ର ବାବୁ କହିବା ପାଇଁ ମୋଦୀଙ୍କୁ ପରାମର୍ଶ ଦେଇଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ ପ୍ରିୟଙ୍କା କହିଥିଲେ ଯେ ସମ୍ବିଧାନ ସଭାରେ ବନ୍ଦେ ମାତରମର ସାଂପ୍ରତିକ ସ୍ୱରୂପକୁ ଜାତୀୟ ସଙ୍ଗୀତ ରୂପେ ଗ୍ରହଣ କରିବାକୁ ସମ୍ମତି ପ୍ରକାଶ ପାଇଥିଲା । ସମ୍ବିଧାନସଭାରେ ଏହାକୁ କେହି ବିରୋଧ କରିନଥିଲେ । କଂଗ୍ରେସ ଓ ନେହରୁଙ୍କୁ ଟାର୍ଗେଟ କରି ଯାହା କୁହାଯାଉଛି, ତାହାର ସମ୍ବିଧାନସଭା ଓ ସ୍ୱତନ୍ତ୍ର ସଂଗ୍ରାମୀଙ୍କ ପ୍ରତି ଅପମାନ ଛଡ଼ା ଆଉ କିଛି ନୁହେଁ । ବନ୍ଦେ ମାତରମ ହେଉଛି ଦେଶର ଆତ୍ମାର ଅଂଶବିଶେଷ । ଏହା ୭୫ ବର୍ଷ ହେଲା ଲୋକଙ୍କ ହୃଦୟରେ ରହିଛି । ତଥାପି ଆଜି ଏହା ଉପରେ ବିତର୍କ କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । କେବଳ ପଶ୍ଚିମବଙ୍ଗରେ ନିର୍ବାଚନକୁ ଦୃଷ୍ଟିରେ ରଖି ଏହା ଉପରେ ରାଜନୀତି କରାଯାଉଛି । ଏହାକୁ ନେଇ ନିର୍ବାଚନରେ ମୋଦୀ ନିଜ ଭୂମିକା ନିର୍ବାହ କରିବାକୁ ଚାହୁଁଛନ୍ତି । ପୂର୍ବରୁ ପ୍ରଧାନମନ୍ତ୍ରୀ ଯେମିତି ଥିଲେ, ଏବେ ସେମିତି ନାହାନ୍ତି । ନେହରୁଙ୍କୁ ଟାର୍ଗେଟ କରାଯାଉଥିବାରୁ ଏହାର ସମାଲୋଚନା କରି ପ୍ରିୟଙ୍କା କହିଲେ ଯେ ମୋଦୀ ଯେତିକି ବର୍ଷ ପ୍ରଧାନମନ୍ତ୍ରୀ ଅଛନ୍ତି, ସେତିକି ବର୍ଷ ନେହରୁ ଜେଲ୍‌ରେ କଟାଇ ଥିଲେ । ବାରମ୍ବାର ନେହରୁଙ୍କୁ ସବୁକଥାରେ ଦୋଷ ଦେବା ଅପେକ୍ଷା ସଂସଦରେ ଥରେ ଏହା ଉପରେ ସ୍ୱତନ୍ତ୍ର ଆଲୋଚନା ହେଉ ବୋଲି ସେ ପରାମର୍ଶ ଦେଇଥିଲେ । । ସେହିପରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ ସରକାରଙ୍କ ନୀତିକୁ ନେଇ ପ୍ରଶ୍ନ ଉଠାଇ ଥିଲେ । ପଶ୍ଚିମବଙ୍ଗ ନିର୍ବାଚନ ଆସିଥିବାରୁ ବିଭ୍ରାନ୍ତିକର ପ୍ରସଙ୍ଗ ଉଠା ଯାଉଥିବା ସେ କହିଥିଲେ ।

ସ୍ୱାଧୀନ ସାଂସଦ ପପୁ ଯାଦବ ଏହି ଚର୍ଚ୍ଚାକୁ ବିରୋଧ କରି ସ୍ୱଚ୍ଛ ବାୟୁ, ଜଳ, ପରିବେଶ, ଆର୍ଥିକ ସ୍ୱାଧୀନତା ଆଦି ପ୍ରସଙ୍ଗ ଉପରେ ବିତର୍କ କରାଯାଉ ବୋଲି କହିଛନ୍ତି । ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ କହିଲେ ଯେ ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ନଥିଲେ, ସେମାନେ ଏହାର ମହତ୍ତ୍ୱକୁ ବୁଝିପାରିବେ ନାହିଁ । ସେମାନେ ରାଷ୍ଟ୍ରବାଦୀ ନୁହନ୍ତି, ସେମାନେ ହେଉଛନ୍ତି ରାଷ୍ଟ୍ରବିବାଦୀ । ସ୍ୱାଧୀନତା ସଂଗ୍ରାମର ସବୁ ସଫଳତା ବିଜେପି ନିଜ ନାମରେ କରିବାକୁ ଚାହୁଛି ବୋଲି ସେ କହିଥିଲେ । ସେହିଭଳି ଡିଏମକେର ଏ.ରାଜା କହିଥିଲେ ଯେ ଏଥିରେ କୌଣସି ଦୁଇମତ ନାହିଁ ଯେ ମୁସଲିମ ସମାଜକୁ ଟାର୍ଗେଟ କରି ବନ୍ଦେ ମାତରମର ରଚନା କରାଯାଇଥିଲା ।

ତେବେ ଆଲୋଚନା ଶେଷ କରି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ ବନ୍ଦେ ମାତରମକୁ ଜନ ଗଣ ମନ ଭଳି ସମ୍ମାନ ଦେବା ଉଚିତ । ସେ କହିଲେ ଯେ ବନ୍ଦେ ମାତରମ ଏବଂ ଆନନ୍ଦ ମଠ ଆଦୌ ମୁସଲିମ ବିରୋଧୀ ନଥିଲା । ବେଙ୍ଗଲ ନବାବ ଏବଂ ବ୍ରିଟିଶ ଶାସନ ବିରୋଧରେ ଥିଲା ଏହା ଜନମତର ପ୍ରତିଫଳନ । କଂଗ୍ରେସର ତୁଷ୍ଟୀକରଣ ନୀତି ଯୋଗୁଁ ଦେଶ ଭାଗ ଭାଗ ହେଲା ବୋଲି ସେ କହିଥିଲେ ।

## ସଂକ୍ଷିପ୍ତ

### ବାବରୀ ମସଜିଦ୍ ନିର୍ମାଣ ପାଇଁ ୧୧ ବାକ୍ସ ଚାନ୍ଦା ମିଳିଛି

■ ଅନ୍‌ଲାଇନ୍‌ରେ ମିଳିଛି ୯୩ ଲକ୍ଷ

ମୁର୍ସିଦାବାଦ୍, ୮।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲାର ବେଲଡାଙ୍ଗାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନୀଳମ୍ବିତ ବିଧାୟକ ହୁମାୟୁନ କବୀର ଡିସେମ୍ବର ୬ରେ ବାବରୀ ମସଜିଦର ନିଅଁ ରଖିଥିଲେ । ବାବରୀ ମସଜିଦ୍ ଭଙ୍ଗା ଘଟଣାର ୩୩ ବର୍ଷ ପୂରଣ ଦିନ ସେ ଶିଳାନ୍ୟାସ କରିଥିଲେ । କଡ଼ା ସୁରକ୍ଷା ବଳୟ ଭିତରେ କବୀର ମୌଲବୀଙ୍କ ସହ ମଞ୍ଚ ଉପରେ ଫିତା କାଟିବା ସହ ଔପଚାରିକତା ପୂରଣ କରିଥିଲେ । ଏବେ ଏହି ମସଜିଦ ନିର୍ମାଣ ପାଇଁ ଏକାଠି କରାଯାଇଥିବା ଚାନ୍ଦାର ଏକ ଭଡିଓ ସାମ୍ନାକୁ ଆସିଛି । କବୀର ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଏ ନେଇ ଏକ ଭିଡିଓ ସେୟାର କରିଛନ୍ତି । ଏଥିରେ କିଛି ଲୋକ ଟଙ୍କା ଗଣୁଥିବାର ଦେଖାଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ ଶିଳାନ୍ୟାସ ସମାରୋହରେ ୧୧ଟି ବାକ୍ସ ଚାନ୍ଦା ଏକାଠି କରାଯାଇଛି । ଏହାକୁ ଗଣିବା ପାଇଁ ୩୦ ଜଣ ଲୋକ ଓ ନୋଟ ଗଣିବା ମେସିନକୁ ନିୟୋଜିତ କରିବାକୁ ପଡ଼ିଛି । ଇତିମଧ୍ୟରେ କବୀର ଆଉଏକ ନୂଆ ଘୋଷଣା କରିଛନ୍ତି । ସେ ଏକ ଲକ୍ଷ ଲୋକଙ୍କୁ ନେଇ କୋରାନ ପାଠ କରିବାକୁ ଘୋଷଣା କରିଛନ୍ତି ।

### ଗୌରବ ଖାନ୍ନା ବିଗ୍ ବସ୍ ୧୯ର ବିଜେତା



ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ଜଣାଶୁଣା ରିୟାଲିଟି ଶୋ ବିଗ୍ ବସ୍‌ର ୧୯ତମ ସଂସ୍କରଣ ଶେଷ ହୋଇଛି । ଗ୍ରାଣ୍ଡ ଫିନାଲେରେ ବିଜୟୀ ହୋଇ ଗୌରବ ଖାନ୍ନା ବିଜେତା ଘୋଷିତ ହୋଇଛନ୍ତି । ସେହିପରି ଫରହାନ ଭଟ୍ଟ ରନର୍ସଅପ ବିବେଚିତ ହୋଇଛନ୍ତି । ପ୍ରଣିତ ମୋରେ ତୃତୀୟ, ତାନ୍ୟା ମିତ୍ତଲ ଚତୁର୍ଥ ଓ ଅମାନ ମଲିକ ପଞ୍ଚମ ସ୍ଥାନରେ ରହିଛନ୍ତି । ଗୌରବ ଜଣେ ଜଣାଶୁଣା ଟେଲିଭିଜନ ଅଭିନେତା । ସିଆଇଡି ଓ ଅନୁପମା ଭଳି ଟିଭି ଶୋ'ରେ ତାଙ୍କୁ ଦେଖିବାକୁ ମିଳିଛି । ଶୋ ଜିତିବା ପରେ ଗୌରବଙ୍କୁ ବିଗ ବସ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ନଗଦ ପୁରସ୍କାର ରାଶି ମିଳିଛି । ଗ୍ରାଣ୍ଡ ଫିନାଲେରେ କାର୍ତ୍ତିକ ଆର୍ଯ୍ୟନ, ଅନନ୍ୟା ପାଣ୍ଡେ, ଅରମାନ ମଲିକ, କରଣ କୁନ୍ଦ୍ରାଙ୍କ ଭଳି ତାରକା ଉପସ୍ଥିତ ଥିଲେ । ଭୋଜପୁରୀ ସୁପରଷ୍ଟାର ତଥା ଗାୟକ ପବନ ସିଂ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ତରଫରୁ ଧମକ ମିଳିବା ସତ୍ତ୍ୱେ ସେ ଫିନାଲେରେ ଯୋଗ ଦେଇଥିଲେ ।

### ଯୌନ ଉତ୍ପୀଡ଼ନ ମାମଲାରୁ ମାଲାୟଲମ୍ ଅଭିନେତା ଦିଲୀପ ମୁକ୍ତ



କୋଚି, ୮।୧୨(ଏଜେନ୍ସି): ୨୦୧୭ରେ ଘଟିଥିବା ଏକ ଯୌନ ଉତ୍ପିଡନ ମାମଲାରେ ମାଲାୟଲମ ଅଭିନେତା ଦିଲୀପ ଦୋଷ ମୁକ୍ତ ହୋଇଛନ୍ତି । ୨୦୧୭ରେ ଦକ୍ଷିଣର ଜଣେ ଅଭିନେତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ । କେରଳ ଏର୍ଣ୍ଣାକୁଲମ ସେସନ କୋର୍ଟ ସୋମବାର ଏହି ମାମଲାରେ ଦିଲୀପଙ୍କୁ ମୁକ୍ତ କରିଛନ୍ତି । ବିଚାରପତି ହନୀ ଏମ୍ ବର୍ଗିସ କହିଛନ୍ତି ଯେ, ଦୀଲିପ ଅଭିନେତ୍ରୀଙ୍କ ଉତ୍ପୀଡ଼ନ ମାମଲାରେ ସାମିଲ ନଥିଲେ । ତାଙ୍କ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ମଧ୍ୟ କୋର୍ଟ ମୁକ୍ତ କରିଛନ୍ତି । ତେବେ କୋର୍ଟ ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍‌ଏସ୍ ଓରଫ୍ ପଲ୍ସର ସୁନୀଙ୍କ ସମେତ ୬ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଡିସେମ୍ବର ୧୨ରେ କୋର୍ଟ ଦୋଷୀଙ୍କ ବିରୋଧରେ ଦଣ୍ଡ ଘୋଷଣା କରିବେ । ଛବି ଓ କ୍ୟାରିଅର ଶେଷ କରିବାକୁ ମୋ ବିରୋଧରେ ଷଡଯନ୍ତ୍ର କରାଯାଇଥିଲା ବୋଲି କୋର୍ଟ ରୁମ ବାହରକୁ ଆସି ଦୀଲିପ କହିଛନ୍ତି । ଜଣେ ବିରଷ୍ଠ ମହିଳା ଅଧିକାରୀ ଓ କେତେଜଣ ଗୁଣ୍ଡା ମୋତେ ଫସାଇଥିଲେ ବୋଲି ସେ କହିଛନ୍ତି ।

### ବାଂଲାଦେଶରେ ହିନ୍ଦୁ ଦମ୍ପତିଙ୍କ ଗଳାକାଟି ହତ୍ୟା

ଢାକା, ୮।୧୨(ଏଜେନ୍ସି): ବାଂଲାଦେଶର ରଙ୍ଗପୁର ଜିଲ୍ଲାରେ ଜଣେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯାଇଛି । ୧୯୭୧ ମୁକ୍ତି ସଂଗ୍ରାମରେ ସାମିଲ ଥିବା ୭୫ ବର୍ଷୀୟ ଯୋଗେନ୍ଦ୍ର ଚନ୍ଦ୍ର ରାୟ ଓ ତାଙ୍କ ପତ୍ନୀ ସୁବର୍ଣ୍ଣା ରାୟଙ୍କ ଗଳା କାଟି ନିର୍ମମ ଭାବେ ହତ୍ୟା କରାଯାଇଛି । ରବିବାର ସକାଳେ ଦୁଇଜଣଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର କରାଯାଇଛି । ଏପର୍ଯ୍ୟନ୍ତ କୌଣସି ଏଫ୍‌ଆଇଆର୍ ଦାଏର କରାଯାଇନାହିଁ ଓ କାହାକୁ ଗିରଫ ମଧ୍ୟ କରାଯାଇନାହିଁ । ରବିବାର ସକାଳେ କବାଟ ବନ୍ଦ ଥିବା କାରଣରୁ ଘରୋଇ ସହାୟିକା କବାଟ ବାଡେଇଥିଲେ । କିନ୍ତୁ କିଛି ଜବାବ ମିଳି ନଥିଲା । ଫଳରେ ସେ ସିଢ଼ି ଲଗାଇ ଘର ଭିତରକୁ ଯାଇଥିଲେ ଓ ଦୁଇଜଣଙ୍କ ମୃତଦେହ ଦେଖିଥିଲେ । ଦୁଇଜଣଙ୍କ ଗଳା କଟାଯାଇଥିଲା । ରାତି ୧ଟାରେ ଆକ୍ରମଣ କରାଯାଇଥିଲା ବୋଲି ପୁଲିସ କହିଛି । ଏହି ଦମ୍ପତି ଗାଁ ଘରେ ଏକାଟିଆ ରହୁଥିଲେ । ଦମ୍ପତିଙ୍କ ଦୁଇ ପୁଅ ଶୋଭନ ଚନ୍ଦ୍ର ରାୟ ଓ ରାଜେଶ ଖାନ୍ନା ଚନ୍ଦ୍ର ରାୟ ବାଂଲାଦେଶ ପୁଲିସ ବିଭାଗରେ ଚାକିରି କରନ୍ତି ।

# ସୁଧୁରୁନି ଇଣ୍ଡିଗୋ, ପୁଣି ୫୦୦ ବାତିଲ




■ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଉଦାହରଣ ସୃଷ୍ଟି କରିବୁ: ମନ୍ତ୍ରୀ

■ ତତ୍କାଳ ଶୁଣାଣି ପାଇଁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିବା ଦେଶର ବଡ଼ ଏୟାରଲାଇନ ଇଣ୍ଡିଗୋ ଉଡ଼ାଣ ସମସ୍ୟାରୁ ବାହାରି ପାରୁନି । ନିୟମ କୋହଳ ସତ୍ତ୍ୱେ 'ଯଥା ପୂର୍ବଂ ତଥା ପରଂ' ସ୍ଥିତି ଲାଗି ରହିଛି । ବିମାନବନ୍ଦରରେ ଅପେକ୍ଷା କରି କରି ଯାତ୍ରୀ ନାକେଦମ ହେଉଛନ୍ତି । ଏହାକୁ ନେଇ ସଂସଦର ଉଭୟ ଗୃହରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି । ସରକାର କ'ଣ କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବିପର୍ଯ୍ୟୟପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି । ଏପରି ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ରାଜ୍ୟସଭାରେ ଇଣ୍ଡିଗୋ ସଙ୍କଟକୁ ନେଇ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ନୂଆ ନିୟମ କାର୍ଯ୍ୟକାରୀ ହେବା ପରେ କ୍ରୁ ରିଷ୍ଟୋରିଂ ଏବଂ ଆଭ୍ୟନ୍ତରୀଣ ଯୋଜନା ଅଭାବରୁ ଇଣ୍ଡିଗୋରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଏଥିପାଇଁ ଯାତ୍ରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସରକାର ଏହି ମାମଲାକୁ ହାଲକାରେ ନେଉ ନାହାନ୍ତି । ମାମଲାର ତଦନ୍ତ ଜାରି ରହିଛି । ଏହି ବିଭ୍ରାଟକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ, ଯାହା ଅନ୍ୟ ଏୟାରଲାଇନ ପାଇଁ ଉଦାହରଣ ପାଲଟିବ । ଯଦି ଟିକିଏ ବି ଅବହେଳା ଥାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସେହିପରି ଏହି କ୍ଷେତ୍ରକୁ ଅଧିକ କମ୍ପାନୀ ଆସନ୍ତୁ ବୋଲି ସରକାର ଚାହୁଁଛନ୍ତି । ଦେଶରେ ପାଞ୍ଚଟି ବଡ଼ ଏୟାରଲାଇନ ହେବାର କ୍ଷମତା ରହିଛି ବୋଲି ସେ କହିଛନ୍ତି । ତେବେ ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ । ସେମାନେ ଏହାକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ ।

କ୍ରମାଗତ ସପ୍ତମ ଦିନରେ ଏହି ଏୟାରଲାଇନରେ ଅଚଳାବସ୍ଥା ଜାରି ରହିଛି । ଦିଲ୍ଲୀ, ଶ୍ରୀନଗର, ହାଇଦରାବାଦ, ବେଙ୍ଗାଲୁରୁ, ଅହମଦାବାଦ ଆଦି ବିମାନବନ୍ଦରରେ ସୋମବାର ୫୦୦ରୁ ଅଧିକ ଉଡ଼ାଣକୁ ବାତିଲ କରିଦିଆଯାଇଛି । ଦିନକ ତଳେ ୬୫୦ରୁ ଅଧିକ ଉଡ଼ାଣ ରଦ୍ଦ କରିଦିଆଯାଇଥିଲା । ଗତ ୬ ଦିନ ହେଲା ଇଣ୍ଡିଗୋର ୩, ୯୫୦ରୁ ଅଧିକ ଉଡ଼ାଣ ବାତିଲ ହେଲାଣି । ଏହାକୁ ନେଇ ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ପ୍ରତିଦିନ ସ୍ଥିତି ସୁଧୁରିବାରେ ଲାଗିଛି । ୧୯ ତାରିଖ ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବାର ସମ୍ଭାବନା ରହିଛି । ସେହିପରି ଇଣ୍ଡିଗୋ ପକ୍ଷରୁ ଦାବି କରାଯାଇଛି ଯେ ସମ୍ପୂର୍ଣ୍ଣ ନେଟ୍‌ୱର୍କକୁ ରିଷ୍ଟୋର କରିଦିଆଯାଇଛି । ୯୧ ପ୍ରତିଶତ ବିମାନ ଠିକ୍ ସମୟରେ ଚାଲିଛି । ଏହା ରବିବାର ତୁଳନାରେ ୭୫ ପ୍ରତିଶତ ଅଧିକ । ଅନ୍ୟପଟେ ଆଜି ଏକ ଇଣ୍ଡିଗୋ ବିମାନରେ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି । ଇଣ୍ଡୋଗର ବେଙ୍ଗାଲୁରୁ-ଭଦଦୋରା ବିମାନ ଭିତରେ ପାରା ପଶି ଯାଇଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି । ଇଣ୍ଡିଗୋର ସ୍ଥିତିରେ ସୁଧାର ଆସି ନ ଥିବା ବେଳେ ବିଭ୍ରାଟକୁ ନେଇ ସିଇଓ ଏବଂ କମ୍ପାନୀଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ଉପରେ ଜବାବ ଦେବାକୁ ଡିଜିସିଏ ଅଧିକ ୨୪ ଘଣ୍ଟା ସମୟ ଦେଇଛି ।

ଆଜି ସୁପ୍ରିମକୋର୍ଟରେ ଇଣ୍ଡିଗୋ ବିଭ୍ରାଟ ମାମଲା ଉପରେ ଶୁଣାଣି ହୋଇଥିଲା । ତେବେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଥିଲେ । ସିଜେଆଇ କହିଥିଲେ ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାମଲା । ଲକ୍ଷାଧିକ ଲୋକ ବିମାନବନ୍ଦରରେ ଫସି ରହିଛନ୍ତି । ଅନେକ ଲୋକେ ସ୍ୱାସ୍ଥ୍ୟା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରେ ପୀଡ଼ିତ ହୋଇ ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଆମେ ଜାଣିଛୁ । ଭାରତ ସରକାର ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନେଇ ସାରିଛନ୍ତି । ତେଣୁ ୧୦ ତାରିଖରେ ଏହାର ଶୁଣାଣି କରାଯିବ ।

## ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ୧୦ ପ୍ରଧାପକ ଛାଡ଼ିଲେ ଚାକିରି

ଫରିଦାବାଦ୍, ୮।୧୨(ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲା ସହିତ ଜଡିତ ଫରିଦାବାଦ୍‌ର ଅଲ- ଫଲହା ବିଶ୍ୱବିଦ୍ୟାଳୟରେ ଏବେ ଶିକ୍ଷକ ଓ ପ୍ରଧ୍ୟାପକଙ୍କ ଅଭାବ ପରିଲକ୍ଷିତ ହୋଇଛି । ଫଳରେ ଏମ୍‌ବିବିଏସ୍ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ସପ୍ତାହ ପାଇଁ ଛୁଟିରେ ଯିବାକୁ କୁହାଯାଇଛି । ବିଶ୍ୱବିଦ୍ୟାଳୟ ଭିତରେ ଆତଙ୍କର ଜାଲ ସୃଷ୍ଟି କରିଥିବା ମହିଳା ଡାକ୍ତର ଶାହିନ ସହିଦ୍ ଓ ଡା ମୁଜାମିଲ ଶକିଲ ଗିରଫ ହେବା ପରେ ଲଗାତର କର୍ମଚାରୀମାନେ ଚାକିରି ଛାଡି ଚାଲିଯାଉଛନ୍ତି । ଏବେ ୧୦ ଜଣ ମେଡିକାଲ ପ୍ରାଧ୍ୟାପକ ଚାକିରି ଛାଡି ଚାଲିଯାଇଛନ୍ତି । ପ୍ରାଧ୍ୟାପକଙ୍କୁ ବାଦ୍ ଦେଲେ ଅନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟରେ ଚାକିରି ଛାଡ଼ି ଯାଉଛନ୍ତି ବୋଲି କୁହାଯାଇଛି । ଫଳରେ ବିଶ୍ୱବିଦ୍ୟାଳୟରେ ମେଡିକାଲ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦିଲ୍ଲୀ ବିସ୍ଫୋରଣ ପରେ ଯାଞ୍ଚ୍ ଏଜେନ୍ସିଗୁଡିକ ଏହି ବିଶ୍ୱବିଦ୍ୟାଳୟ ଉପରେ ବାରମ୍ବାର ଚଢ଼ାଉ କରିଛନ୍ତି । ଦିଲ୍ଲୀ ବିସ୍ଫୋରଣ ପରେ ହିଁ ବିଶ୍ୱବିଦ୍ୟାଳୟ ସ୍ଥିର ହୋଇପାରୁ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୁପକ୍ଷ କହିଛନ୍ତି । ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୩ ଜଣ ଡାକ୍ତର ରହିଛନ୍ତି । ଉଲ୍ଲେଖଥାଉ କି, ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା । ଏଥିରେ ୧୫ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱଲୋକ ଆହତ ହୋଇଥିଲେ ।

## ୫୦୦ କୋଟି ଦେଲେ ଜଣେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବେ: ସିଦ୍ଧୁଙ୍କ ପତ୍ନୀ

ଚଣ୍ଡିଗଡ଼, ୭।୧୨(ଏଜେନ୍ସି): ପଞ୍ଜାବ କଂଗ୍ରେସରେ ଏବେ ଗୋଡ଼ ଟଣାଟଣା ଚାଲିଛି । ଇତିମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନଭଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ନଭଜୋତ କୌର ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି । କଂଗ୍ରେସରେ ମୁଖ୍ୟମନ୍ତ୍ରୀ ହେବାକୁ ୫ ଜଣ ନେତା ଦୌଡ଼ରେ ଅଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ପଦ କ୍ରୟ କରିବାକୁ ଆମ ପାଖରେ ୫୦୦ କୋଟି ଟଙ୍କା ନାହିଁ ବୋଲି ସେ ମନ୍ତବ୍ୟ ଦେଇଛନ୍ତି । ଏହାପରେ ରାଜ୍ୟରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି । ଯଦି ନଭଜୋତଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷିତ କରିବାକୁ ଚାହୁଁଛି, ତେବେ ସେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି । କିନ୍ତୁ ପାର୍ଟିରେ ଗୋଷ୍ଠୀ ବିବାଦ ଚାଲୁ ରହିଛି ବୋଲି ସେ କହିଛନ୍ତି । ଗୋଷ୍ଠୀ ବିବାଦରୁ କଂଗ୍ରେସ ମୁକୁଳିବାକୁ ପ୍ରୟାସ କରୁଥିବା ବେଳେ ନଭଜୋତ କୌରଙ୍କ ଏହି ମନ୍ତବ୍ୟ ବିଜେପିକୁ ପ୍ରଶ୍ନ କରିବା ପାଇଁ ଖୋରାକ ଯୋଗାଇଛି । କଂଗ୍ରେସ ଉପରୁ ଲୋକଙ୍କ ଭରସା ଉଠିଯାଇଛି ବୋଲି ପଞ୍ଜାବ ବିଜେପି ଅଧ୍ୟକ୍ଷ ସୁନୀଲ ଝାଖଡ଼ କହିଛନ୍ତି । ନଭଜତ କୌର ଦେଇଥିବା ଏହି ମନ୍ତବ୍ୟ ନେଇ ସ୍ପଷ୍ଟିକରଣ ଦେବାକୁ ବିଜେପି ଓ ଶାସନାଧିନ ଆମ ଆଦମୀ ପାର୍ଟି ଦାବି କରିଛନ୍ତି । ଅବଶ୍ୟ ନିଜ ମନ୍ତବ୍ୟ ନେଇ ନଭଜୋତ ସ୍ପଷ୍ଟିକରଣ ଦେଇଛନ୍ତି । କେହି ଆମକୁ ବ୍ୟକ୍ତିଗତ ଭାବେ ୫୦୦ କୋଟି ଟଙ୍କା ମାଗିନାହାନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ୫୦୦ କୋଟି ଟଙ୍କା ପ୍ରଦାନ କରିବେ ସେ ମୁଖ୍ୟମନ୍ତ୍ରୀ ହୋଇପାରିବେ । କିନ୍ତୁ ଆମ ପାଖରେ ଏତେ ଅର୍ଥ ନାହିଁ ।

## କୋର୍ଟଙ୍କ ମହିଳା ବିରୋଧୀ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ଦୁଷ୍କର୍ମ ଏବଂ ଯୌନ ଉତ୍ପୀଡ଼ନ ମାମଲାର ଶୁଣାଣି ସମୟରେ କୋର୍ଟଗୁଡ଼ିକ ଦେଉଥିବା ମହିଳା ବିରୋଧୀ ବିବାଦୀୟ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ସୋମବାର ଚିନ୍ତା ପ୍ରକଟ କରିଛନ୍ତି । ଏହି ମାମଲା ଉପରେ ବିସ୍ତୃତ ତଥ୍ୟ ହାସଲ ପରେ ସମସ୍ୟାର ସମାଧାନ ପାଇଁ ହାଇକୋର୍ଟଗୁଡ଼ିକ ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ମାର୍ଗଦର୍ଶିକା ଜାରି କରିବେ । ଆହ୍ଲାବାଦ ହାଇକୋର୍ଟ ଦେଇଥିବା ଏକ ବିବାଦୀୟ ଟିପ୍ପଣୀ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ହାଇକୋର୍ଟ 'ଦୁଷ୍କର୍ମ ଅଭିଯୋଗ ଲଗାଇବା ପାଇଁ ଛାତି ଧରିବା ଏବଂ ପ୍ୟାଣ୍ଟ ହୁକ୍ ଭାଙ୍ଗିବା' ପର୍ଯ୍ୟାପ୍ତ ନୁହେଁ ବୋଲି କହି ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିଦିଆଯିବ । ଏହି ମାମଲାର ଟ୍ରାଏଲ ଜାରି ରହିବ । କୋର୍ଟଗୁଡ଼ିକର ଏଭଳି ଟିପ୍ପଣୀ ପୀଡ଼ିତଙ୍କ ଉପରେ ଭୟଙ୍କର ପ୍ରଭାବ ପକାଇ ଥାଏ । ଅନେକ ସମୟରେ ଅଭିଯୋଗ ପ୍ରତ୍ୟାହାର କରିବା ଭଳି ଚାପ ସୃଷ୍ଟି କରିଥାଏ । କୋର୍ଟଗୁଡ଼ିକୁ, ବିଶେଷ କରି ହାଇକୋର୍ଟମାନେ ନିଷ୍ପତ୍ତି ଲେଖିବା ଏବଂ ଶୁଣାଇବା ସମୟରେ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଟିପ୍ପଣୀ ଦେବାରୁ ଦୂରେଇ ରହିବା ଉଚିତ ।

## ଜାପାନରେ ୭.୬ ତୀବ୍ରତାର ଭୂକମ୍ପ; ସୁନାମୀ ଚେତାବନୀ

ଟୋକିଓ, ୮।୧୨ (ଏଜେନ୍ସି): ଜାପାନର ଆଓମୋରି ପ୍ରଦେଶରେ ୭.୬ ତୀବ୍ରତାର ଭୂକମ୍ପ ହୋଇଛି । ଭୂପୃଷ୍ଠରୁ ୫୦ କିମି ତଳେ ଏହାର କେନ୍ଦ୍ରସ୍ଥଳ ଥିଲା । ଏଥିରେ କୌଣସି ଜୀବନହାନୀ ହୋଇ ନ ଥିବା ତେବେ ଭୂକମ୍ପକୁ ନେଇ ଆଓମୋରି, ଇୱାତେ, ହୋକାଇଡୋ ପ୍ରଦେଶକୁ ସୁନାମୀ ଚେତାବନୀ ଜାରି କରାଯାଇଛି । ଆଓମୋରିରେ ବଡ଼ ଲହରୀ ଆସିବା ଆରମ୍ଭ ହୋଇଗଲାଣି । ୩ ମିଟର ଉଚ୍ଚର ଲହରୀ ଆସିବା ନେଇ ଚେତାବନୀ ଜାରି ହୋଇଛି ।

# ସଂସଦରୁ ଦରମା, ବିଧାନ ପରିଷଦରୁ ଭତ୍ତା ନେଉଛନ୍ତି କୁଶ୍ୱାହ-ଠାକୁର

## ଦରମା ସହ ଭତ୍ତା ବି ନେଉଛନ୍ତି ମନ୍ତ୍ରୀ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ନିୟମ ପ୍ରସ୍ତୁତ କରି ଭାଙ୍ଗିବାର ସର୍ବାଧିକ ରେକର୍ଡ ବୋଧେ ନେତାମନ୍ତ୍ରୀଙ୍କ ନାମରେ ହିଁ ରହିଛି । ଏମାନେ ସଂସଦ ଏବଂ ବିଧାନସଭାରେ ନୂଆ ନିୟମ ଆଣିଥାନ୍ତି । ଏହାକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ କହିଥାନ୍ତି । କିନ୍ତୁ ଯେତେବେଳେ ନିଜ ଉପରକୁ ଆସିଯାଏ ସେତେବେଳେ ତାହାକୁ ଉଲ୍ଲଙ୍ଘନ କରିଥାନ୍ତି । ଆଉ କଥା ବାହାରି ଗଲେ ଆଇନ ତା ବାଟରେ ଯିବ କହି ଦୋଷ ଝାଡ଼ି ଦେଇଥାନ୍ତି । ଏଭଳି ଏକ ଆଇନ ଉଲ୍ଲଙ୍ଘନର ଜଘନ୍ୟ ମାମଲା ବିହାର ଏବଂ କେନ୍ଦ୍ର ସରକାରରେ ସାମିଲ ମନ୍ତ୍ରୀ କରିଛନ୍ତି । ମନ୍ତ୍ରୀ ପଦରେ ଥାଇ ବି ମାନନୀୟ ଭତ୍ତା ନେଉଛନ୍ତି । ଏହା ନିୟମ ବିରୋଧୀ ଜାଣି ବି ଚୁପ୍ ହୋଇ ବସି ରହିଛନ୍ତି । ପ୍ରତି ବର୍ଷ ଜୀବିତ ଥିବା ପ୍ରମାଣ ଦେଖା ସରକାରୀ ପାଣ୍ଠି ଲୁଟ୍ କରି ଚାଲିଛନ୍ତି । ଆଉ ସରକାର ନିଜର ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ବି ଶୂନ ରହିଛି । ସୂଚନା ଅଧିକାର (ଆରଟିଆଇ) ବଳରେ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ଓ ବିହାର କ୍ୟାବିନେଟରେ ସାମିଲ ଜଣେ ଲେଖାଏଁ ମନ୍ତ୍ରୀ ସରକାରଙ୍କଠାରୁ ଦରମା ସହିତ ଭତ୍ତା ବି ନେଉଛନ୍ତି ।

ସୂଚନା ଅନୁଯାୟୀ, ବିହାରରେ ଏଭଳି ଅନେକ ନେତା ଅଛନ୍ତି ଯେଉଁମାନେ ସାଂସଦ ହେବା ସହିତ ପୂର୍ବତନ ସଦସ୍ୟ ଭାବେ ସରକାରଙ୍କଠାରୁ ଭତ୍ତା ବି ନେଉଛନ୍ତି । ଏମାନଙ୍କ ମଧ୍ୟରେ ବିହାର ମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବ ଏବଂ କେନ୍ଦ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ସାମିଲ ଅଛନ୍ତି । ଗତ ୨ ତାରିଖରେ ଆରଟିଆଇ ମାଧ୍ୟମରେ ସାମ୍ନାକୁ ଆସିଥିବା ଏହି ତାଲିକାରେ ୮ ଜଣଙ୍କ ନାମ ରହିଛି । ଦୁବେ ଜୀ ୨୦୧୯ ମେ' ୨୬ରୁ ୫୯ ହଜାର ଲେଖାଏଁ ଭତ୍ତା ନେଉଛନ୍ତି । ୨୦୦୫ ମେ' ୨୪ରୁ ବିଜେନ୍ଦ୍ର ପ୍ରସାଦ ଯାଦବ (୧୦ ହଜାର ଟଙ୍କା), ୨୦୦୫ ଏପ୍ରିଲ ୭ରୁ ଉପେନ୍ଦ୍ର କୁଶ୍ୱାହ (୪୭ ହଜାର ଟଙ୍କା), ୨୦୨୦ ମେ' ୭ରୁ ଦେବେଶ ଚନ୍ଦ୍ର ଠାକୁର (୮୬ ହଜାର ଟଙ୍କା), ୨୦୨୦ ମେ' ୨୪ରୁ ଲଲନ କୁମାର ସରାଫ (୫୦ ହଜାର ଟଙ୍କା), ୨୦୧୮ ମେ' ୭ରୁ ସଞ୍ଜୟ ସିଂହ (୬୮ ହଜାର ଟଙ୍କା) ଏବଂ ୨୦୧୫ ସେପ୍ଟେମ୍ବର ୨୨ରୁ ନୀତୀଶ ମିଶ୍ରା (୪୩ ହଜାର ଟଙ୍କା) ଲେଖାଏଁ ଭତ୍ତା ନେଉଛନ୍ତି ।

ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲଏମ) ମୁଖ୍ୟ ଉପେନ୍ଦ୍ର କୁଶ୍ୱାହ ପ୍ରଥମେ ନିଜ ନାମ ଉପେନ୍ଦ୍ର ପ୍ରସାଦ ସିଂହ ଲେଖୁଥିଲେ । ସେ ଏବେ ରାଜ୍ୟସଭା ସାଂସଦ ଏବଂ ଏନଡିଏର ସହଯୋଗୀ ଅଛନ୍ତି । ଏଥିପାଇଁ ଦରମା ମଧ୍ୟ ନେଉଛନ୍ତି । ସେହପରି ପଶ୍ଚିମ ଚମ୍ପାରଣର ସତୀଶ ଦୁବେ ରାଜ୍ୟସଭା ସାଂସଦ ଅଛନ୍ତି । ସେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ୨୦୧୯ରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଜେଡିୟୁର ବରିଷ୍ଠ ନେତା ବିଜେନ୍ଦ୍ର ପ୍ରସାଦ ଯାଦବ ଏବେ ବିହାର ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ଶକ୍ତି ବିଭାଗ ମଧ୍ୟ ତାଙ୍କ ଅଧିନରେ ରହିଛି । ସେ ୧୯୯୦ରୁ କ୍ରମାଗତ ଭାବେ ସୁପୌଲରୁ ନିର୍ବାଚିତ ହୋଇ ଆସୁଛନ୍ତି । ୨୦୨୫ରେ ସେ ପଞ୍ଚମ ଥର ପାଇଁ ଶପଥ ନେଇଥିଲେ ।

ଜେଡିୟୁ ନେତା ଦେବେଶ ଚନ୍ଦ୍ର ଠାକୁର ଲୋକସଭା ସାଂସଦ ଅଛନ୍ତି । ସେ ବିଧାନସଭା ବାଚସ୍ପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । କିନ୍ତୁ ନିଜେ ନିୟମକୁ ଅଣଦେଖା କରି ଭତ୍ତା ନେଇ ଚାଲିଛନ୍ତି । ସେ ୨୦୨୪ରେ ଦେବେସ ସଂସଦୀୟ ଆସନରୁ ବିଜୟୀ ହୋଇଥିଲେ । ସେହିପରି ବିହାର ବିଧାନ ପରିଷଦ ସଦସ୍ୟ ଭାବେ ଲଲନ ସରାଫ ଦରମା ନେଉଛନ୍ତି । ଏହା ସହିତ ଭତ୍ତା ନେଇ ରାଜକୋଷ ଲୁଟ୍‌ରେ ସାମିଲ ଅଛନ୍ତି । ଜେଡିୟୁର ଏହି ପ୍ରଭାବଶାଳୀ ନେତା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଘନିଷ୍ଠ ଭାବେ ପରିଚିତ । ଏହା ବ୍ୟତୀତ ଝଞ୍ଝାରପୁରର ବିଜେପି ବିଧାୟକ ନୀତୀଶ ମିଶ୍ରା ୪୩ ହଜାର ଟଙ୍କା ଲେଖାଏଁ ଭତ୍ତା ସହିତ ଦରମା ମଧ୍ୟ ପାଉଛନ୍ତି । ତେବେ ସେ କୌଣସି ଭତ୍ତା ନେଉ ନ ଥିବା କହିଛନ୍ତି । ୨୦୧୫ରେ ବିଧାୟକ ନ ଥିବାବେଳେ ମାସେ ପାଇଁ ଭତ୍ତା ନେଇଥିବା ଉଲ୍ଲେଖ କରିଛନ୍ତି । ଜେଡିୟୁର ବିଧାନ ପରିଷଦ ସଦସ୍ୟ ସଞ୍ଜୟ ସିଂହ ୨୦୧୮ରୁ ଭତ୍ତା ନେବା ଜାରି ରଖିଛନ୍ତି ।

# ରାସ୍ତାରେ ଶିକ୍ଷକ; ଶିକ୍ଷାଦାନ ବାଧାପ୍ରାପ୍ତ

## ଓଏଭିରେ ପାଠପଢ଼ା ଠପ୍



ଭୁବନେଶ୍ୱର, ୮ ।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ର ଶିକ୍ଷକ ଶିକ୍ଷୟିତ୍ରୀମାନେ ୧୩ ଦଫା ଦାବିରେ ସୋମବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବରୁ ସେମାନଙ୍କ ଦାବି ସମ୍ପର୍କରେ ସେମାନେ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନାହାନ୍ତି। ଏଣୁ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି।

ସଂଘର ଅଭିଯୋଗ ଅନୁଯାୟୀ ସରକାରୀ ମାନ୍ୟତା ସହ ଏଚ୍ଆର୍ଏମ୍ଏସ୍ ଆଇଡି ଖୋଲିବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା, ସମାନ କାମକୁ ସମାନ ଦରମା, ପିଇଟି, ମ୍ୟୁଜିକ ଓ କମ୍ପ୍ୟୁଟର ଶିକ୍ଷକଙ୍କୁ ମଧ୍ୟ ୪୬୦୦ ଗ୍ରେଡ୍ ପେ ପ୍ରଦାନ କରିବା, ଓଏଭିକୁ ପିଏମ୍ଶ୍ରୀ ସ୍କୁଲ ମାନ୍ୟତା, କଳା ବିଭାଗ ଖୋଲିବା ପରି ମୋଟ୍ ୧୩ ଦଫା ପୂରଣ କରିବା ପାଇଁ ସରକାରଙ୍କୁ ଅବଗତ କରିଛନ୍ତି। ୮୦ ରୁ ଅଧିକ ବିଧାୟକ ଓ ମନ୍ତ୍ରୀଙ୍କ ସମେତ ଜିଲ୍ଲା ପ୍ରଶାନକୁ ଦାବିପତ୍ର ଦେଇଛନ୍ତି। ହେଲେ ସେମାନଙ୍କ ଦାବିକୁ କେହି ନ ଶୁଣିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଗଠନର ରାଜ୍ୟ ସଭାପତି ରିପୁଦମନ ମିଶ୍ର କହିଛନ୍ତି। ସେମାନଙ୍କ ଦାବି ଯଥାର୍ଥ ଏବଂ ସରକାର ତାକୁ ତ୍ୱରିତ ପୂରଣ କରିବାକୁ ପଦକ୍ଷେପ ନିଅନ୍ତୁ, ଅନ୍ୟଥା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି କହିବା ସହ ପିଲାଙ୍କ ପାଠ ପଢ଼ାରେ ଯେଉଁ ବାଧା ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ରାଜ୍ୟ ସଂପାଦକ ସୁଭାଶିଷ ଦାସ କହିଛନ୍ତି।

ଓଏଭିର ପ୍ରାୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇବା ପରେ ପାଠପଢ଼ା ଠପ୍ ହୋଇଯାଇଛି। ବିଦ୍ୟାଳୟ ଖୋଲା ଥିଲେ ମଧ୍ୟ ଶିକ୍ଷାଦାନ କରିବାକୁ କେହି ନାହାନ୍ତି। ଅନେକ ସ୍ଥାନରେ ଅଧାରୁ ଅଘୋଷିତ ଭାବେ ବିଦ୍ୟାଳୟ ବନ୍ଦ ହୋଇଯାଇଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ଆଉ ମାତ୍ର ଦୁଇମାସ ଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଚିନ୍ତିତ ହୋଇଛନ୍ତି। ଆଗକୁ ଆନ୍ଦୋଳନ ଜାରି ରହିଲେ ଇଂରାଜୀ ମାଧ୍ୟମରେ ସିବିଏସ୍ଇ ପାଠ୍ୟକ୍ରମ ପଢୁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ତ୍ୱରିତ ଶିକ୍ଷକଙ୍କ ଦାବି ପୂରଣ କରିବା ସହ ବିଦ୍ୟାଳୟରେ ପାଠପଢ଼ା ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନେବାକୁ ଅଭିଭାବକମାନେ ମଧ୍ୟ ଦାବି କରିଛନ୍ତି।

## ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କୁ ପେନ୍ସନ୍ ଦାବିରେ ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ଦୀର୍ଘ ଦିନରୁ ବ୍ଲକ୍ ଗ୍ରାଣ୍ଟ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ କରିବାକୁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ କେବଳ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରିତ କରୁଛନ୍ତି। ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଖାଲି ହାତରେ ଅବସର ନେଇଛନ୍ତି। ଆଉ କିଛି ଅବସର ଦ୍ୱାର ଦେଶରେ ପହଞ୍ଚିଲେଣି। ଏଣୁ ସେମାନଙ୍କୁ ପେନସନ୍ ପ୍ରଦାନ ସହିତ ମୋଟ୍ ୭ ଦଫା ଦାବିରେ ସୋମବାର ବ୍ୟାପକ ଆନ୍ଦୋଳନ କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**



ସଂଘର ଅଭିଯୋଗ ଅନୁଯାୟୀ ସେମାନଙ୍କ ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବାରୁ ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଅଦାଲତଙ୍କ ନିର୍ଦ୍ଦେଶକୁ ମଧ୍ୟ ସରକାର ପାଳନ କରୁ ନାହାନ୍ତି। ମାତ୍ର ମାମଲାକୁ ଦୀର୍ଘ କରିବା ପାଇଁ ରାଜକୋଷରୁ ବ୍ୟାପକ ଅର୍ଥ ଖର୍ଚ୍ଚ କରିବା ସରକାରଙ୍କ କ୍ରୁର ମାନସିକତାକୁ ପ୍ରତିଫଳିତ କରୁଥିବା ସଂଘର ନେତାମାନେ ଅଭିଯୋଗ କରିଛନ୍ତି।

ଏହାସହ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା, ଜିପିଏଫ୍, ଅବସର ବୟସ ୬୨କୁ ବଢ଼ାଇବା ପରି ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରିଛନ୍ତି। ଅପରପକ୍ଷରେ ଶିକ୍ଷକ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ସରକାରଙ୍କ କମିଟି ଗଠନ ରଣନୀତିକୁ ସଂଘର ସଭାପତି କିଶୋର କୁମାର ମହାନ୍ତି ନିନ୍ଦା କରିଛନ୍ତି। କମିଟି ପରେ କମିଟି ଗଠନ କରି ଶିକ୍ଷକଙ୍କୁ ଠକି ଦେବାକୁ ଏହା ସରକାରଙ୍କ ଅପପ୍ରୟାସ ବୋଲି ସେ ଅଭିଯୋଗ କରିଛନ୍ତି। ସରକାର କାଳକ୍ଷେପଣ ମାନସିକତାରୁ ବାହାରି ଶିକ୍ଷକଙ୍କ ଦାବି ପୂରଣ କରନ୍ତୁ ବୋଲି ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଅଶୋକ କୁମାର ଲେଙ୍କା ପ୍ରମୁଖ ଦାବି କରିଛନ୍ତି। ସମସ୍ତ ଦାବି ନେଇ ସରକାରଙ୍କ ସହ ଆଲୋଚନା କରିବା ପରେ ସଂଘ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଗଣଶିକ୍ଷା ବିଭାଗର ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ସଂଘର ସଭାପତି ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି।

## ଗାନ୍ଧୀ ମାର୍ଗରେ ବସିଛନ୍ତି ଶିକ୍ଷକ

## ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଲେ ଗୌତମବୁଦ୍ଧ

ଭୁବନେଶ୍ୱର,୮ ।୧୨(ସମିସ): ରାଜଧାନୀର ଗାନ୍ଧୀ ମାର୍ଗରେ ୪ଦିନ ହେବ ଶୀତ କାକରରେ ଶିକ୍ଷକମାନେ ବସି ରହିଛନ୍ତି। ହେଲେ ସରକାର ସେମାନଙ୍କ ଦାବି ପ୍ରତି ଆଦୌ ଦୃଷ୍ଟି ଦେଉ ନଥିବା କହି ଗୃହରେ ବର୍ଷିଛନ୍ତି ବିରୋଧୀ। ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଓ କଂଗ୍ରେସ ବିଧାୟକ ପବିତ୍ର ସାଉଁତା ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିଛନ୍ତି।

ବିଜେଡି ବିଧାୟକ ଶ୍ରୀ ଦାସ କହିଛନ୍ତି, ବିଧାନସଭା ଆରମ୍ଭ ହେବାଠାରୁ ଗାନ୍ଧୀ ମାର୍ଗରେ ହଜାର ହଜାର ଶିକ୍ଷକ ଧାରଣାରେ ବସି ରହିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କର ଏକ ବଡ଼ ସଂଗଠନ ରହିଛି। ପ୍ରାୟ ଦେଢ଼ ଲକ୍ଷ ଶିକ୍ଷକ ଏଥିରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୦-୫୦ ହଜାରରୁ ଅଧିକ ଶିକ୍ଷକ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କର ପ୍ରମୁଖ ଦୁଇଟି ଦାବି ରହିଛି। ପ୍ରଥମତଃ ସେମାନଙ୍କ ଗ୍ରେଡ୍ ପେ' ୨୨୦୦ରୁ ୪୨୦୦ ଟଙ୍କା କରିବା ଓ ଠିକା କାର୍ଯ୍ୟକାଳକୁ ଚାକିରିକାଳ ମଧ୍ୟରେ ମିଶାଇବା ପାଇଁ ଦାବି କରି ଆସୁଛନ୍ତି। ସରକାର ଏହି ଦାବିକୁ ୬ ଘଣ୍ଟା କିମ୍ବା ୬ ଦିନ ମଧ୍ୟରେ ପୂରଣ କରିପାରିବେ। ମାତ୍ର ଏହାକୁ ବିଚାର କରିବାକୁ ୬ ମାସ ସମୟ ନେଇଛନ୍ତି। ସରକାର କ'ଣ ପାଇଁ ସମୟ ଗଡ଼ାଉଛନ୍ତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟ ଏକ ପ୍ରସଙ୍ଗରେ ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରସଙ୍ଗ ଉଠାଇଛନ୍ତି। ପୂର୍ବ ସରକାରର ଏହା ଏକ ଯୁଗାନ୍ତକାରୀ ଯୋଜନା। କିନ୍ତୁ, ୧୦ବର୍ଷ ଭିତରେ ପ୍ରଥମଥର ପାଇଁ ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନେ ରାଜରାସ୍ତାକୁ ଆସିଛନ୍ତି। ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ, ପ୍ରିନ୍ସପାଲ୍ ଅଭାବ ରହିଛି। ନିକଟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ହେବ ବୋଲି କୁହାଯାଇଥିବା ବେଳେ ବିଦ୍ୟାଳୟରେ ଥିବା ଲାଇବ୍ରେରୀଆନ୍ ପୋଷ୍ଟକୁ ଉଚ୍ଛେଦ କରି ଦିଆଯାଇଛି। ସେହିପରି ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ଇଆରପି ପୋର୍ଟାଲ କରାଯାଇଛି। ଏହାକୁ ଏସ୍ଆଇ ପରୀକ୍ଷା ଦାୟିତ୍ୱ ନେଇଥିବା ସିଲିକନକୁ ଦିଆଯାଇଛି। ସେମାନଙ୍କୁ ଏଚ୍ଆରଏମ୍ଏସ୍ ପୋର୍ଟାଲରେ ସାମିଲ କରିବାକୁ ଦାବି କରାଯାଉଥିବା ବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସେହିପରି ଏସ୍ଏସ୍‌ପିରେ ଯେଉଁ ଅଧ୍ୟାପକ ଅଧ୍ୟାପିକାମାନେ ଚୟନ ହୋଇଆସିଥିଲେ, ସେମାନେ ମଧ୍ୟ ସମାନ କାମକୁ ସମାନ ଦରମା ଦାବିରେ ଆନ୍ଦୋଳନରେ ବସିଛନ୍ତି। ଏହାସହ ୫ଲକ୍ଷ ସରକାରୀ କର୍ମଚାରୀଙ୍କୁ ବିଏସ୍‌କେୱାଇ ଦାବିକୁ ମଧ୍ୟ ଶ୍ରୀ ଦାସ ଦୋହରାଇଛନ୍ତି।

**ବିରୋଧୀରେ ଥିବା ବେଳେ ସମର୍ଥନ; ଏବେ କାହିଁକି ନୁହେଁ: ପବିତ୍ର**

କଂଗ୍ରେସ ସଦସ୍ୟ ପବିତ୍ର ସାଉଁତା ମଧ୍ୟ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ବିଜେପି ବିରୋଧୀ ଦଳରେ ଥିବା ବେଳେ ଯେଉଁ ଦାବିକୁ ସମର୍ଥନ କରୁଥିଲା, ସରକାରକୁ ଆସିବା ପରେ କାହିଁକି ପୂରଣ କରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଶିକ୍ଷକମାନେ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କ ଦାବି ପୂରଣ ହେଉନାହିଁ। ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଠିକା ବ୍ୟବସ୍ଥା ହଟି ସାରିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମଧ୍ୟ ୫୦୦୦ ହଜାର ଶିକ୍ଷକ ରାସ୍ତାରେ ବସିଛନ୍ତି। ଆଗକୁ ପରୀକ୍ଷା ଅଛି। ଏହି ସମୟରେ ସ୍କୁଲ ବନ୍ଦ ରହିଛି। ତେଣୁ ସରକାର ତୁରନ୍ତ ଏହି ଦାବି ଉପରେ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ସାଉଁତା ଶୂନ୍ୟକାଳରେ ଦାବି କରିଛନ୍ତି।

## ଚତୁର୍ଥ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା

## ଆଲୋଚନା ବିଫଳ ପରେ ବ୍ୟାପକ ହେଲା ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଶନିବାର ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ବିଫଳ ହେବା ପରେ ସୋମବାର ଆନ୍ଦୋଳନକୁ ଶିକ୍ଷକମାନେ ଆହୁରି ତୀବ୍ର କରିଛନ୍ତି। ବହୁ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀ ମାର୍ଗରେ ଏକତ୍ରିତ ହୋଇ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ରୋକଠୋକ୍ ଭାବେ ସରକାରଙ୍କୁ ଶୁଣେଇ ଦେଇଛନ୍ତି।

**ଅନ୍ୟ ପ୍ରରୋଚନାରେ ଧାରଣାରେ ବସିଛନ୍ତି ଶିକ୍ଷକ: ଗଣଶିକ୍ଷା ମନ୍ତ୍ରୀ**

ମୂଳ ପଦକୁ ଅପଗ୍ରେଡ୍ କରିବା ସହ ୪୨୦୦ ଗ୍ରେଡ୍ ପେ ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ପରି ଦୁଇ ଦଫା ଦାବିରେ ଆନ୍ଦୋଳନ କରୁଥିବା ଶିକ୍ଷକଙ୍କ ସହ ସରକାର ପୁନଃ ଆଲୋଚନା ନ କରିବାକୁ ନେଇ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଯଦି ସେମାନଙ୍କ ଦାବିକୁ ନ ଶୁଣନ୍ତି, ତେବେ ବିଦ୍ୟାଳୟ ବନ୍ଦ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମୂହ ଛୁଟିରେ ଯିବେ। ଏହି ଆନ୍ଦୋଳନକୁ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ନେଇ ଦୁର୍ବାର ଲଢ଼େଇ ଲଢ଼ିବେ ବୋଲି ଚେତାବନୀ ଦେଇଛନ୍ତି।



ଅପରପକ୍ଷରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଗତ ଶନିବାର ଦିନ ଶିକ୍ଷକ ନେତାଙ୍କ ସହ ସେ ସକରାତ୍ମକ ଆଲୋଚନା କରିଛନ୍ତି। ସେମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିବ ବୋଲି କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅନ୍ୟ କାହା ପ୍ରରୋଚନାରେ ଆସି ଧାରଣାରେ ବସିଛନ୍ତି। ସରକାର ସେମାନଙ୍କ ସମସ୍ୟାକୁ ତର୍ଜମା କରୁଛନ୍ତି। ଆବଶ୍ୟକ ସ୍ଥଳେ ପୁନର୍ବାର ଶିକ୍ଷକ ପ୍ରତିନିଧିଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

ଶୀତ କାକରକୁ ଖାତିର ନ କରି ୨ ଦଫା ଦାବିରେ ଅହୋରାତ୍ର ଧାରଣା ଜାରି ରଖିଛନ୍ତି। ୩ଦିନ ଧରି ରାଜ୍ୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଥିବାରୁ ଆଗକୁ ମଧ୍ୟ ଅଚଳାବସ୍ଥା ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି। ପିଲାଙ୍କ ଶିକ୍ଷାଦାନ ଗୁରୁତ୍ର ଭାବେ ପ୍ରଭାବିତ ହେଉଥିବାରୁ ଅଭିଭାବକମାନେ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି।

## ଆଗକୁ ଅଧିକ ଶିକ୍ଷକ ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ବିଧାନସଭା ସମୟରେ ଶିକ୍ଷକ ଆନ୍ଦୋଳନ ସରକାରଙ୍କ ପାଇଁ ଶିରପୀଡ଼ା ହୋଇଥିବାବେଳେ ଆଗକୁ ଏହା ଅଧିକ ବଢ଼ିବ। ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ସମେତ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନ ଜାରି ରଖିଥିବାବେଳେ ଆସନ୍ତା ୧୦ରୁ ୧୩ ତାରିଖ ମଧ୍ୟରେ ଏକାଧିକ ସଂଘ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଆଗକୁ ଅଧିକ ଶିକ୍ଷକ ସଂଗଠନ ଆନ୍ଦୋଳନ ମୁହାଁ ହେଉଥିବାରୁ ସରକାରଙ୍କ ଶିରପୀଡ଼ା ଅଧିକ ବଢ଼ିବା ନେଇ ଆଲୋଚନା ହେଉଛି। ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ଆସନ୍ତା ୧୦ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ। ପୂର୍ବରୁ ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରିତ କରିଥିବାରୁ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରିବେ। ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଦାବି ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାକୁ ପୂରଣ କରିବା ପରିବର୍ତ୍ତେ କାଳକ୍ଷେପଣ ନୀତି ଆପଣେଇ ଆଉ ଏକ କମିଟି ଗଠନ କରିଛନ୍ତି। ଯାହାକୁ ସଂଘ ବିରୋଧ କରି ଆନ୍ଦୋଳନ କରିବ।

- ୧୦ରେ ହେବ ସମନ୍ୱୟ ସମିତିର ସମାବେଶ
- ୬୬୨ ବର୍ଗ କଲେଜ ସଂଘ ଆନ୍ଦୋଳନ ୧୧ରେ
- ଅଣ-ଅନୁଦାନପ୍ରାପ୍ତ କଲେଜ ଆନ୍ଦୋଳନ ୧୨ରେ

ସେହିପରି ୬୬୨ ବର୍ଗ କଲେଜରେ କାର୍ଯ୍ୟରତ ଅଧ୍ୟାପକମାନେ ମଧ୍ୟ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ସଭାପତି ଗୋଲକ ନାୟକ କହିଛନ୍ତି ଯେ ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ, ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ଓ ଅବସର ବୟସ ସୀମା ୬୨କୁ ବଢ଼ାଇବା ଦାବିରେ ସେମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିଛନ୍ତି। ସରକାର ସେମାନଙ୍କୁ ଦାବିକୁ ପୂରଣ କରିବ ପାଇଁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରିତ କରୁଛନ୍ତି। ଅନେକ ଦୁର୍ଦ୍ଦଶା ଭୋଗୁଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନାହାନ୍ତି। ଏଣୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀ ନାୟକ କହିଛନ୍ତି। ଅନୁରୂପ ଭାବେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଳନ କରି ନାହାନ୍ତି। ବିରୋଧୀ ଦଳରେ ଥିବାବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଧାରଣା ସ୍ଥଳରେ ସେମାନଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ନୈତିକ ସମର୍ଥନ ଦେଇଥିଲେ। ହେଲେ ସରକାରକୁ ଆସିବବା ପରେ ସେମାନେ ପ୍ରତାରିତ କରିଥିବା ସଂଘ ଅଭିଯୋଗ କରିଛି। ଏଣୁ ସେମାନଙ୍କ ଏକମାତ୍ର ଦାବି 'ସରକାରୀ ଅନୁଦାନ ପ୍ରଦାନ' ଦାବିରେ ୧୨ ତାରିଖରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର ଚେତାବନୀ ଦେଇଛନ୍ତି।

## ମନ୍ତ୍ରୀଙ୍କ ଆବାସ ନବୀକରଣ ପାଇଁ ପାଣି ପରି ଟଙ୍କା ଖର୍ଚ୍ଚ

ଭୁବନେଶ୍ୱର,୮ ।୧୨(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ନୂତନ ମନ୍ତ୍ରିମଣ୍ଡଳ ଗଠନ ହୋଇଥିଲା। ଏହି ମନ୍ତ୍ରୀମାନଙ୍କୁ ବିଭିନ୍ନ ସରକାରୀ ବାସଭବନ ଆଲର୍ଟ ହୋଇଛି। ପୂର୍ବରୁ ମନ୍ତ୍ରୀମାନେ ରହିଆସୁଥିବା ବାସଭବନ ମଧ୍ୟରୁ ଅଧିକାଂଶ ବାସଭବନକୁ ନୂତନ ସରକାରଙ୍କ ମନ୍ତ୍ରୀଙ୍କୁ ଆବଣ୍ଟନ ହୋଇଛି। ତେବେ ଏହି ସରକାରୀ କ୍ୱାର୍ଟର୍ସ ଆବଣ୍ଟନ ପରେ ଏହାର ନବୀକରଣ ବାବଦକୁ ସରକାରୀ ତହବିଲ୍‌ରୁ ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି। ବିଧାନସଭାରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନରେ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି।

- ମୁଖ୍ୟମନ୍ତ୍ରୀଙ୍କ ଦୁଇ ବାସଭବନ ପାଇଁ ଖର୍ଚ୍ଚ ୭୩ ଲକ୍ଷ ଟଙ୍କା
- ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ସବୁଠୁ କମ୍ ୫ ଲକ୍ଷ
- କେଭିଙ୍କ ପାଇଁ ୨୮, ସୂର୍ଯ୍ୟବଂଶୀଙ୍କର ୨୫ ଲକ୍ଷ ଖର୍ଚ୍ଚ

ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ସରକାରୀ ଆବାସର ମରାମତି ପାଇଁ ୫୦ ଲକ୍ଷ ୧୦ ହଜାର ୮୭୧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅନ୍ୟ ଏକ ସରକାରୀ ବାସଭବନ ପାଇଁ ୨୩ ଲକ୍ଷ ୪୭ ହଜାର ୪୮୭ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଘର ମରାମତି ପାଇଁ ୧୮ ଲକ୍ଷ ୯୦ ହଜାର, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓଙ୍କ ଘର ମରାମତି ପାଇଁ ୨୮ ଲକ୍ଷ ୨୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କ ବାସଭବନ ମରାମତି ୨୫ ଲକ୍ଷ ୭୪ ହଜାର ୬୭୨ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନ ପାଇଁ ଖର୍ଚ୍ଚ ହୋଇଛି ୨୫ ଲକ୍ଷ ୭୨ ହଜାର ୫୧୭ ଟଙ୍କା। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବାସଭବନ ନବୀକରଣ ପାଇଁ ୨୦ ଲକ୍ଷ ୯୩ ହଜାର୮୧୧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ନିଜ ସରକାରୀ ବାସଭବନରେ ସବୁଠାରୁ କମ ଖର୍ଚ୍ଚ କରିଥିବା ମନ୍ତ୍ରୀ ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରହିଛନ୍ତି। ତାଙ୍କ ବାସଭବନ ପାଇଁ ମାତ୍ର ୫ ଲକ୍ଷ ୧୧ ହଜାର ୫୭୮ ଟଙ୍କା ଖର୍ଚ୍ଚ ହୋଇଛି।

## ରାଜ୍ୟରେ ଡାକ୍ତର ମରୁଡ଼ି



### ୧୨ ମେଡିକାଲ କଲେଜ ସତ୍ତ୍ୱେ ଡାକ୍ତର ଅଭାବ

ଭୁବନେଶ୍ୱର,୮ ।୧୨(ସମିସ): ରାଜ୍ୟରେ ବର୍ତ୍ତମାନ ଡାକ୍ତର ମରୁଡ଼ି ସ୍ଥିତି। ଏବେ ବି ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଖାଲି ପଡ଼ିଛି। ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ୧୫୭୭୪ ଡାକ୍ତର ପଦବୀରୁ ୯୫୦୩ ଡାକ୍ତର ପଦବୀ ଖାଲି ପଡ଼ିଛି। ଏବେ ମାତ୍ର ୬୨୭୧ ଡାକ୍ତର କାର୍ଯ୍ୟରତ ରହିଛନ୍ତି। ଏମିତି କି ଏହି ଡାକ୍ତରମାନଙ୍କ ମଧ୍ୟରୁ ୧୧୩୫ ଡାକ୍ତର ଠିକାରେ ମଧ୍ୟ ନିଯୁକ୍ତ ହୋଇଛନ୍ତି। ତେଣୁ ସ୍ଥାୟୀ ନିଯୁକ୍ତି ପାଇ ରାଜ୍ୟରେ ମାତ୍ର ୫୦୦୩ ଡାକ୍ତର କାର୍ଯ୍ୟ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି।

୨୦୨୪ ସୁଦ୍ଧା ଓଡ଼ିଶା ଡାକ୍ତର ବଳକା ରାଜ୍ୟ ଭାବେ ଉଭା ହେବ ବୋଲି ପୂର୍ବତନ ମୁଖ୍ୟମମନ୍ତ୍ରୀ କହିଥିଲେ। ମୁଖ୍ୟତଃ ରାଜ୍ୟରେ ଗଢ଼ି ଉଠୁଥିବା ମେଡିକାଲ୍ କଲେଜରୁ ପ୍ରତିବର୍ଷ ବାହାରୁଥିବା ଡାକ୍ତର ଓ ସେମାନଙ୍କ ନିଯୁକ୍ତି ଫଳରେ ଏହି ସମସ୍ୟା ହଟିଯିବ ବୋଲି ପୂର୍ବ ସରକାର ଲକ୍ଷ୍ୟ ରଖିଥିଲେ। ହେଲେ ଏବେ ଡାକ୍ତର ବଳକା ରାଜ୍ୟ ଓଡ଼ିଶା ପାଇଁ ଏକ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି।

- ଖାଲି ପଡ଼ିଛି ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ପଦବୀ
- ନବୀନଙ୍କ ଡାକ୍ତର ବଳକା ରାଜ୍ୟ ଲକ୍ଷ୍ୟ ମୋହନଙ୍କ ପାଇଁ ଆହ୍ୱାନ

ଡାକ୍ତର ବଳକା ବଦଳରେ ବଡ଼ ବଡ଼ କୋଠା ଛିଡ଼ା ହୋଇଥିବା ଡାକ୍ତରଖାନାରେ ବି ଡାକ୍ତର ମରୁଡ଼ି ଦେଖା ଦେଇଛି। ଫଳରେ ଆଜି ବି ରାଜ୍ୟର ବିଭିନ୍ନ ସ୍ଥାନରୁ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ରୋଗୀ ହନ୍ତସନ୍ତ ହେବାର ଧାରା କମିବା ବଦଳରେ ବିଭିନ୍ନ ପ୍ରକାର ଅବହେଳା ଯୋଗୁଁ ଏହି ସମସ୍ୟା ବଢ଼ିବାରେ ଲାଗିଛି। ଗାଁ ଗଣ୍ଡାରୁ ଲୋକମାନେ ସହରକୁ ସରକାରୀ ଡାକ୍ତରଖାନା ଭରସାରେ ଆସୁଛନ୍ତି; ହେଲେ ସେଠି ଡାକ୍ତର ରହୁ ନାହାନ୍ତି। ଯଦିଓ କେଉଁଠି କେତେବେଳେ ଜଣେ ଅଧେ ଡାକ୍ତର ରହୁଛନ୍ତି, ସେଠାରେ ଶହଶହ ରୋଗୀ ଲମ୍ବା ଲାଇନ୍‌ରେ ଠିଆ ହୋଇ ରହୁଛନ୍ତି। ଡାକ୍ତର ଦେଖାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ବି ଉନ୍ନତ ଚିକିତ୍ସା ସୁନିଶ୍ଚିତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

୨୦୦୦ ମସିହାରେ ବର୍ଷକୁ ୩୨୧ ଜଣ ଡାକ୍ତର ଓ ୨୫୪ ସ୍ପେଶାଲିଷ୍ଟ ବାହାରୁଥିବା ବେଳେ ଏବେ ଏହି ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି। ଓଡ଼ିଶାରେ ବର୍ତ୍ତମାନ ୧୨ଟି ସରକାରୀ ମେଡିକାଲ କଲେଜ ସାଙ୍ଗକୁ ୬ଟି ବେସରକାରୀ କଲେଜ ଓ ଗୋଟିଏ ଏମ୍ସ ରହିଛି। ଗୋଟିଏ ଡେଣ୍ଟାଲ କଲେଜ ଓ ଦୁଇଟି ପିଜି ଇନ୍‌ଷ୍ଟିଚ୍ୟୁଟ୍ କାର୍ଯ୍ୟକ୍ଷମ ଅଛି। ଏବେ ପ୍ରତିବର୍ଷ ୨୨୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ୮୦୦ରୁ ଊର୍ଦ୍ଧ୍ୱ ସ୍ପେଶାଲିଷ୍ଟ ବାହାରୁଛନ୍ତି; ତଥାପି ରାଜ୍ୟରେ ଡାକ୍ତର ଅଭାବ ରହୁଛି। ସବୁ ପ୍ରକାର ସାଧନ ଥିବା ସତ୍ତ୍ୱେ ଓଡ଼ିଶାର ସାଧାରଣ ରୋଗୀଟିଏ ହନ୍ତସନ୍ତ ହେଉଛି। ନବୀନ ସରକାର "ଡାକ୍ତର ବଳକା' ରାଜ୍ୟ ନେଇ ଘୋଷଣା କରିଥିବା ବେଳେ ମୋହନ ସରକାର ଏହି ଚାଲେଞ୍ଜକୁ ପୂରା କରି ପାରୁଛନ୍ତି କି ନାହିଁ ତା' ଉପରେ ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି।

ସୂଚନାଥାଉ କି ରାଜ୍ୟରେ କେତେ ଡାକ୍ତର ପଦବୀ ଫାଙ୍କା ପଡ଼ିଛି ବୋଲି ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ପ୍ରଶ୍ନ ପଚାରି ଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ମଞ୍ଜୁରୀପ୍ରାପ୍ତ ୧୫,୭୭୪ରୁ ୫୦୩ ପଦବୀ ଖାଲି ପଡିଛି। ତେବେ ୫୨୪୮ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ସମଲେଶ୍ୱରୀ ମନ୍ଦିରରେ କାର୍ଯ୍ୟରତ ଶ୍ରମିକଙ୍କ ବର୍ଦ୍ଧିତ ଦରମା ମିଳୁନି

ସମ୍ବଲପୁର, ୮।୧୨ (ସମିସ)



ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠକୁ ବିକଶିତ ଓ ସୌନ୍ଦର୍ଯ୍ୟକରଣ କରି ଏକର ଏକର ଜାଗାରେ ଏହାକୁ ପ୍ରସାରିତ କରିବାସହ ରାଜ୍ୟ ତଥା ଦେଶର ଅନ୍ୟତମ ଆଧ୍ୟାତ୍ମିକ ପୀଠ ଭାବେ ମାନ୍ୟତା ପାଇଛି। 'ସମଲେଇ' ଯୋଜନାରେ ଏହା ବିକଶିତ ହେବାପରେ ଆବଶ୍ୟକତା ଦୃଷ୍ଟିରୁ ଏଠାରେ ପ୍ରାୟ ଅଢ଼େଇରୁ ତିନି ଶହ ମହିଳା ଓ ପୁରୁଷ କାର୍ଯ୍ୟରତ ଅଛନ୍ତି। ତେବେ, ସେମାନଙ୍କ ଦରମା ପ୍ରତିମାସରେ ବିଳମ୍ବରେ ମିଳୁଥିବାବେଳେ ପରିବର୍ଦ୍ଧିତ ଦରମା ମିଳୁନଥିବା ସେମାନେ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କଠାରେ ଅଭିଯୋଗ କରିଛନ୍ତି। ସମଲେଇ ପ୍ରକଳ୍ପରେ ମନ୍ଦିରର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯାଇଥିବାବେଳେ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ

## ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ

ଦାୟିତ୍ୱ ଦିଆଯାଇଛି। ସେହି ଘରୋଇ ସଂସ୍ଥା ପକ୍ଷରୁ ମନ୍ଦିରର ସଫେଇଠାରୁ ଆରମ୍ଭ କରି ସୁରକ୍ଷା, ଉଦ୍ୟାନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବହୁସଂଖ୍ୟାରେ ମହିଳା ଏବଂ ପୁରୁଷଙ୍କୁ ନିୟୋଜିତ କରିଛି। ତେବେ, ସଂସ୍ଥା ସେମାନଙ୍କୁ ପ୍ରତି ମାସର ପ୍ରଥମ ସପ୍ତାହ ବଦଳରେ ବହୁ ବିଳମ୍ବରେ ଦରମା ପ୍ରଦାନ କରୁଛି। ଏହାସହ ବର୍ଦ୍ଧିତ ଦରମା କିମ୍ବା ବକେୟା ରାଶି ଦେଉନ ଥିବା ସେମାନେ ଅଭିଯୋଗ କରୁଛନ୍ତି। ଏନେଇ କାର୍ଯ୍ୟରତ ମହିଳା ଓ ପୁରୁଷମାନେ ବାରମ୍ବାର ସଂସ୍ଥା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏପରିକି କେତେକ ସମୟରେ ସେମାନଙ୍କ ସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଆଜି ମନ୍ଦିର ପରିସରରେ କାର୍ଯ୍ୟରତ ପ୍ରାୟ ତିନି ଶହ ମହିଳା ଓ ପୁରୁଷ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ଏହାପରେ ସେମାନେ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ସମସ୍ୟାର ସମାଧାନ ନହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ବାଧ୍ୟ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

'ସମଲେଇ' ପ୍ରକଳ୍ପରେ ମନ୍ଦିରର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯାଇଥିବାବେଳେ ତାହାର ରକ୍ଷଣାବେକ୍ଷଣ କରିବାପାଇଁ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ କର୍ପୋରେସନ ଲିମିଟେଡ (ଓବିସିସି) ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ଏବଂ ତାହାର ପାଉଣା ଦେବାର ଦାୟିତ୍ୱ ସମ୍ବଲପୁର ମହାନଗର ନିଗମକୁ ଦିଆଯାଇଛି। ଏଥିରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର କୌଣସି ଭୂମିକା ନଥିବା ସୂଚନା ମିଳିଛି।



ସମ୍ବଲପୁର : ଧାନ ଶୁଖାଇ ବସ୍ତାରେ ଭରୁଛି ଚାଷୀ।

# ଗ୍ୟାସ୍ ଦୋକାନରେ ନିଆଁ, ମାଲିକ ଗୁରୁତର

**ସମ୍ବଲପୁର, ୮।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ନୂଆଁ ରମେଲା ବସଷ୍ଟାଣ୍ଡ ପାଖରେ ଥିବା ରାମଚଣ୍ଡୀ ଗ୍ୟାସ୍ ସେଲ୍‌ଫ ଆଣ୍ଡ ସର୍ଭିସ୍ ଦୋକାନରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁ ଲିଭାଇଥିଲେ। ଦୋକାନ ମାଲିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ବୁର୍ଲା ଭିମସାର ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ସାଢ଼େ ୧୨ଟା ସମୟରେ ଗ୍ୟାସ୍ ଦୋକାନରେ ବିଦ୍ୟୁତ୍ ସଟ୍‌ସର୍କିଟ୍ ଯୋଗୁଁ ନିଆଁ ଲାଗି ଯାଇଥିଲା। ଦୋକାନ ଭିତରେ ଥିବା କେତେକ ଗ୍ୟାସ୍ ସିଲିଣ୍ଡର୍ ଫାଟି ଯାଇଥିବା କୁହାଯାଉଛି। ବିସ୍ଫୋରଣରେ ଦୋକାନର ଆଜବେଷ୍ଟସ ମଧ୍ୟ ଫାଟିଯିବା ସହିତ ଦୋକାନର ସାମଗ୍ରୀ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ରେଙ୍ଗାଲି ଓ ସମ୍ବଲପୁରରୁ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୋକାନରେ ରନ୍ଧନଗ୍ୟାସ୍ ସିଲିଣ୍ଡର ଓ ୧ ଲିଟର ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡର ରହିଥିଲା। ଅଗ୍ନିକାଣ୍ଡ ଯୋଗୁଁ ଦୋକାନ ମାଲିକ ଅଭିଷେକ ବାରିକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ତାଙ୍କୁ ତୁରନ୍ତ ବୁର୍ଲା ଭିମସାର ଡାକ୍ତରଖାନାକୁ ନିଆଯାଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ଆଇଜିଏଚ୍‌କୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।



# ପ୍ରେସ ଇନ୍‌ଫର୍ମେସନ୍ ବ୍ୟୁରୋ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ଦୂରଦର୍ଶନ ଓ ଆକାଶବାଣୀ ପରିଦର୍ଶନ

**ସମ୍ବଲପୁର, ୮।୧୨ (ସମିସ) :** ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ, ଭୁବନେଶ୍ୱର ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଆଜି ସମ୍ବଲପୁର ଗସ୍ତରେ ଆସି ଦୂରଦର୍ଶନ ଏବଂ ଆକାଶବାଣୀ ସମ୍ବଲପୁର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶ୍ରୀ ମିଶ୍ର ଦୂରଦର୍ଶନ ଓ ଆକାଶବାଣୀର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସାକ୍ଷାତ୍ କରି ଉଭୟ ସଂସ୍ଥାର କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। କେନ୍ଦ୍ରରୁ ପ୍ରସାରିତ ହେଉଥିବା ସମ୍ବଲପୁରୀ ଆଞ୍ଚଳିକ ସମ୍ବାଦ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ କେନ୍ଦ୍ରର ନିର୍ଦ୍ଦେଶକ ଅଭିଯାନ୍ତ୍ରିକ ସନ୍ତୋଷ କୁମାର ପ୍ରଧାନ, କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ, ବାର୍ତ୍ତା ସମ୍ପାଦକ ଆଲୋକ ଚନ୍ଦ୍ର ବାରିକ, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ, କ୍ଷେତ୍ରମଣି ବିଭାର ଏବଂ ଆଞ୍ଚଳିକ ସମ୍ବାଦ ବିଭାଗର ବିସ୍ମିତା ପ୍ରଧାନ, ସୁପ୍ରୀତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ଥଇଥାନ କଲା ଏମ୍‌ସ ଫାଉଣ୍ଡେସନ



**ସମ୍ବଲପୁର, ୮।୧୨ (ସମିସ):** ଏମ୍‌ସ ଫାଉଣ୍ଡେସନ ସମ୍ବଲପୁର ପକ୍ଷରୁ ଜଣେ ଅସହାୟଙ୍କୁ ଥଇଥାନ କରାଯାଇଛି। ବ୍ୟକ୍ତି ଜଣକ ସମ୍ବଲପୁରର ରେଲୱେ ଷ୍ଟେସନରେ ଦୁର୍ଘଟଣା ଗ୍ରସ୍ତ ହୋଇ ଅସହାୟ ଅବସ୍ଥାରେ ପଡ଼ିଥିଲେ। ପରିଚୟ ପକ୍ଷରୁ ଉଦ୍ଧାର କରି ତାଙ୍କୁ ବୁର୍ଲା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ମାସ ଧରି ବୁର୍ଲା ମେଡ଼ିକାଲ ଅସହାୟ ବିଭାଗରେ ଚିକିତ୍ସିତ ହୋଇ ରହିଥିଲେ। ଏମ୍‌ସ ଫାଉଣ୍ଡେସନର ଶ୍ରୀମନ୍ତ ପାତ୍ର ଏହା ଜାଣିବା ପରେ ତାଙ୍କୁ ଛତିଶଗଡ଼ ରାୟଗଡ଼ ସ୍ଥିତ ଅପନଘର ଆଶ୍ରମକୁ ଥଇଥାନ ନିମନ୍ତେ ବ୍ୟବସ୍ଥା କରିଥିଲେ। ଏଥିରେ ପରିଚୟ ସଦସ୍ୟ ଏବଂ ମେଡ଼ିକାଲ୍ ନର୍ସିଂ ଅଧିଆରୀ ଅଞ୍ଜଳି ସାହୁ, ଅଜିତ୍ ନାଏକ, ନାରାୟଣ ପ୍ରଧାନ ମଧୁ ରଞ୍ଜନ ଛତ୍ରୀୟା ସହଯୋଗ କରିଥିଲେ।

# ସମ୍ବଲପୁର କଳା ଏକାଡେମୀର ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ

**ସମ୍ବଲପୁର, ୮।୧୨(ସମିସ):** ସମ୍ବଲପୁର କଳା ଏକାଡେମୀର ବାର୍ଷିକ ଉତ୍ସବ ଅବସରରେ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଚାଲିଥିବା ଚିତ୍ରକଳା ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଚିତ୍ରାଙ୍କନ ପ୍ରତିଯୋଗିତାର କୃତକାର୍ଯ୍ୟ ହୋଇଥିବା ଅନୁଷ୍ଠାନର ୩ ଜଣ ଛାତ୍ରଛାତ୍ରୀ ରୋନିତ ସିଂ, ଇପ୍‌ସା ପ୍ରିୟଦର୍ଶନୀ ସାହୁ ଓ ନିତୁ ଶର୍ମାଙ୍କୁ ସମ୍ମାନିତ କରାଯାଇଥିଲା। ସୁବ୍ରତ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶହେ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଜ୍ୟୋତିରାଦିତ୍ୟ ମହାନ୍ତି ସଂଯୋଜନା କରିଥିବା ବେଳେ ପବିତ୍ର ବେରିହା ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ମୁଖ୍ୟ ଅତିଥି, ଚିତ୍ରଶିଳ୍ପୀ ପ୍ରଦୀପ୍ତ ମୋହନ ଦାଶ, ମନୋଜ ଚୌଧୁରୀ, ଡା. ଅଶୋକ ନାୟକ, ସାମ୍ବାଦିକ ପ୍ରିୟ ରଞ୍ଜନ ବାବୁ, ଚିତ୍ରଶିଳ୍ପୀ ରାଧାମୋହନ ମୁଦୁଲି,



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଚିତ୍ରଶିଳ୍ପୀ ବରଦା ମାଧବ ଗୁରୁ ମୁଖ୍ୟଅତିଥି, ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା ଓ ଚିତ୍ରଶିଳ୍ପୀ ପ୍ରବୀର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ ସାହୁ, ଉଦ୍ୟୋକ୍ତା ପ୍ରଶାନ୍ତ ମାଝୀ ଓ ସଞ୍ଜୟ ମିଶ୍ର ଉପସ୍ଥିତ ଥିଲେ। ଚିତ୍ରଶିଳ୍ପୀ ଅନୀଲ କେରକେଟାଙ୍କୁ କଳା ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ ସଙ୍ଗୀତଜ୍ଞ ରତନ ପୂଜାରୀ, ଅଭିନେତା ସନ୍ତୋଷ ରାୟଗୁରୁ, ଫଟୋଗ୍ରାଫର ସୁବ୍ରତ ନାଥ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ବ୍ରଜ ମୋହନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୩ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନମ୍ରତା ନାୟକ, ଶିବାନୀ ଭୋଇ, ଇତିଶା ମହାପାତ୍ର, ଶିଳ୍ପୀରାମ, ଅଭିଶେଷ ବିଶ୍ୱାଳ, କୁଳଦୀପ ବର୍ମା, ରାଜେଶ ବଡ଼େଇ, ଗୌରୀଦାସ ପଣ୍ଡା ଓ ବଳରାମ ହୋତା ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ସାମ୍ବାଦିକଙ୍କ ମୃତ୍ୟୁ

**ନାକଟିଦେଉଳ, ୮।୧୨ (ସମିସ):** ବାଇକ୍ ଦୁର୍ଘଟଣାରେ ଜଣେ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପଞ୍ଚାୟତ ସମିତିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିର ଖବର ସଂଗ୍ରହ ପାଇଁ ସାମ୍ବାଦିକ ରମାକାନ୍ତ ମହାନନ୍ଦ ବାଇକ୍‌ରେ ଆସୁଥିଲେ। ରାଞ୍ଚି ବିଜୟ ୱାର୍ଡ଼ା ଜାତୀୟ ରାଜପଥ ଆଦର୍ଶବିଦ୍ୟାଳୟ ନିକଟସ୍ଥ ରାସ୍ତାପାର୍ଶ୍ୱରେ ପୋତା ଯାଇଥିବା ସିମେଣ୍ଟ ପୋଲରେ ପିଟି ହୋଇ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନାକଟିଦେଉଳ ଡାକ୍ତରଖାନାକୁଆଣା ଯାଇ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତରିତ କରାଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ମୃତଦେହକୁ ରେଢ଼ାଖୋଲ ଅଣାଯାଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ରେଢ଼ାଖୋଲରେ ଶହ ଶହ ଲୋକ ରୁଣ୍ଡ ହୋଇଥିବା ବେଳେ ରେଢ଼ାଖୋଲ ଭୀମଭୋଇ ଛକ ଓ ପ୍ରେସ କ୍ଲବ୍ ଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ତାଙ୍କର ପାର୍ଥିବ ଶରୀରକୁ ତାଙ୍କ ଘରକୁ ନିଆଯାଇଥିଲା। ତାଙ୍କର ମୃତ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ଜଣେ ଦକ୍ଷ, ସାହସୀ ଏବଂ ନିଷ୍ଠାପର ସାମ୍ବାଦିକ ଥିଲେ:ଧର୍ମେନ୍ଦ୍ର

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରେଢାଖୋଲ ଅଞ୍ଚଳର ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ଦୁର୍ଘଟଣାରେ ମୃତ୍ୟୁରେ ଗଭୀର ଶୋକପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସେ ଜଣେ ଦକ୍ଷ, ସାହସୀ ଏବଂ ନିଷ୍ଠାପର ସାମ୍ବାଦିକ ଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

## ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଶୋକ

ଦୁର୍ଘଟଣାରେ ବରିଷ୍ଠ ସାମ୍ବାଦିକ ରେଢ଼ାଖୋଲ ନିବାସୀ ରମାକାନ୍ତ ମହାନନ୍ଦଙ୍କ ଆକସ୍ମିକ ମୃତ୍ୟୁରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଶୋକ ବାର୍ତ୍ତା ଦେଇଛନ୍ତି। ରମାକାନ୍ତଙ୍କ ମୃତ୍ୟୁ ଆମ ସମସ୍ତଙ୍କୁ ମର୍ମାହତ କରିଅଛି। ସ୍ୱର୍ଗତ ମହାନନ୍ଦ ଜଣେ ଅନୁସନ୍ଧିତ୍ସୁ ଓ ନିରପେକ୍ଷ ସାମ୍ବାଦିକ ଭାବରେ ଅତ୍ୟନ୍ତ ଲୋକ ପ୍ରିୟ ଥିଲେ। ତାଙ୍କ ବିୟୋଗ ରେ ସମଗ୍ର ରେଢ଼ାଖୋଲ ଅଞ୍ଚଳର ତଥା ସାମ୍ବାଦିକ ଜଗତର ଅପୂରଣୀୟ କ୍ଷତି ଘଟିଲା। ମୁଁ ତାଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରୁଅଛି ଏବଂ ସ୍ୱର୍ଗତ ଆତ୍ମାଙ୍କର ସଦ୍‌ଗତି କାମନା କରୁଅଛି। ଈଶ୍ୱର ତାଙ୍କ ପରିବାରବର୍ଗଙ୍କୁ ଶକ୍ତି ଓ ସାହସ ଦିଅନ୍ତୁ।

## ପାର୍ଥିବ ଶରୀର ଅନ୍ତିମ ଦର୍ଶନ କଲେ ରୋହିତ

ରେଢ଼ାଖୋଲ ଅଞ୍ଚଳର ପ୍ରତିନିଧି ରମାକାନ୍ତ ମହାନନ୍ଦଙ୍କ ଦୁର୍ଘଟଣାରେ ଅକାଳ ବିୟୋଗ ଖବର ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଗଭୀର ଶୋକ ପ୍ରକାଶ କରିବା ସହ ବୁର୍ଲା ଭିମସାରରେ ତାଙ୍କର ପାର୍ଥିବ ଶରୀରର ଅନ୍ତିମ ଦର୍ଶନ କରିଥିଲେ। ଇଂ ପୂଜାରୀ ଜଣାଇଛନ୍ତି ଯେ ସ୍ୱର୍ଗତ ମହାନନ୍ଦଙ୍କ ଅକାଳ ବିୟୋଗ ଖବର ସେ ଗଭୀର ମର୍ମାହତ ଏବଂ ଦୁଃଖିତ। ସ୍ୱର୍ଗତ ମହାନନ୍ଦଙ୍କ ସହ ବ୍ୟକ୍ତିଗତ ଭାବରେ ଘନିଷ୍ଠ ସମ୍ପର୍କ ରହିଥିଲା। ତାଙ୍କର ବିୟୋଗରେ ରେଢ଼ାଖୋଲ ଅଞ୍ଚଳର ଅପୂରଣୀୟ କ୍ଷତି ଘଟିଛି, ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଯୁବ ସମାଜକୁ ଚିର ପ୍ରେରଣାଦାୟୀ ରହିବ।

# ମହିଳା ମହାବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସଂଘ ବୈଠକ



**ସମ୍ବଲପୁର, ୮।୧୨ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅଭିଭାବକ-ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଭିଭାବକ-ଶିକ୍ଷକ ସଂଘର ଅଧିକାରୀ ପ୍ରଫେସର ଶୈଳଜା ମହାନନ୍ଦ, ସଦସ୍ୟା ଡଃ ସନ୍ଧ୍ୟାମୟୀ ସାହୁ, ଡଃ ରାକେଶ କୁମାର ସାହୁ ଓ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ସ୍ୱାଗତ ବକ୍ତବ୍ୟ ସହ ମହାବିଦ୍ୟାଳୟର ଥିବା ବିଭିନ୍ନ ଶୈକ୍ଷିକ ଓ ଅନୁସଙ୍ଗିକ ସୁବିଧା ଉପରେ ଆଲୋକପାତ କରି ସେମାନଙ୍କର ସମୟୋପଯୋଗୀ ସାହାଯ୍ୟ ଓ ସମର୍ଥନ ଆଶା କରିଥିଲେ। ପ୍ରଫେସର ମହାନନ୍ଦ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫେସର ସାହୁ ସଂଘର ଉଦ୍ଦେଶ୍ୟ ଓ ଆବଶ୍ୟକତା ଜ୍ଞାପନ କରିଥିଲେ। ବୈଠକରେ ଷାଠିଏରୁ ଊର୍ଦ୍ଧ୍ୱ ଅଭିଭାବକ ତଥା ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅଭିଭାବକ ଅଭିଭାବିକା ମାନଙ୍କ କଲେଜ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ତଥା ଜିଜ୍ଞାସାର ଉତ୍ତର ଅଧ୍ୟକ୍ଷା, ଅଧିକାରୀ ତଥା ବିଭାଗୀୟ ମୁଖ୍ୟମାନେ ପ୍ରଦାନ କରିଥିଲେ। ପ୍ରଫେସର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ସଞ୍ଚାଳନ କରିଥିଲେ।

# ଟାଉନ ହାଇସ୍କୁଲ ୧୯୭୧ ବ୍ୟାଚ୍ ବୈଠକ

**ସମ୍ବଲପୁର, ୮।୧୨ (ସମିସ) :** ନୃସିଂହ ଗୁରୁ ଟାଉନ ହାଇସ୍କୁଲର ୧୯୭୧ ମେଟ୍ରିକ ବ୍ୟାଚ୍‌ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ଏକ ହୋଟେଲରେ ଡା. କୋଦଣ୍ଡ ରାଓଙ୍କ ଅଧ୍ୟକ୍ଷତାଙ୍କ ଅଧ୍ୟକ୍ଷତାରେ ବୈଠକ ପ୍ରାରମ୍ଭରେ ଦିବଂଗତ ସହପାଠୀ ଦେବେନ୍ଦ୍ର ସୁପକାର, ପ୍ରଫୁଲ୍ଲ ପ୍ରଧାନ ଏବଂ କିଶୋର ବହିଦାରଙ୍କ ବିୟୋଗରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡଃ ବିଜୟ ପ୍ରଧାନ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆଗାମୀ ଦିନରେ ବୟସ୍କ ମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର, ଗରିବ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସାହାଯ୍ୟ ତଥା ସମାଜର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଆଲୋଚନାରେ ଶିବ ରାଏ, ସୁକାନ୍ତ ବହିଦାର, ଅମୂଲ୍ୟ ମିଶ୍ର, ନିଗମାନନ୍ଦ ମିଶ୍ର, ଭବାନୀ ମିସ୍ତ୍ରୀ, ସୁରେନ୍ଦ୍ର ନାଥ, ପ୍ରଫୁଲ୍ଲ ପ୍ରଧାନ, ଶ୍ରୀକାନ୍ତ ପୂଜାରୀ, ନନ୍ଦକୁମାର ଜଗଦଲ୍ଲା ପ୍ରମୁଖ ସହପାଠୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଆର୍ଥ କୀପର୍ସ ଚାରିଟେବଲ୍ ଟ୍ରଷ୍ଟର ରକ୍ତଦାନ ଶିବିର

**ସମ୍ବଲପୁର, ୮।୧୨ (ସମିସ):** ଆର୍ଥ କୀପର୍ସ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଗୁଜରାତି ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ଶିବିରକୁ ମୁଖ୍ୟଅତିଥି ସମାଜସେବୀ ସୁଧୀର ରଞ୍ଜନ ବହିଦାର ଉଦ୍‌ଘାଟନ କରିଥିଲେ। ଲଳିତ ପଟେଲ, ଶିବ ନନ୍ଦ, ସୌରୀ ପାଣିଗ୍ରାହୀ, ଶାଲୁ ରାଜପୁତ, ରାଜେନ୍ଦ୍ର ସତନାମୀ, ମହେନ୍ଦ୍ର ବଗର୍ତ୍ତି, ସ୍ପନ୍ଦନ ବେହେରା ଓ ବିଭୁତି ମହାକୁଲ ଉପସ୍ଥିତ ଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ବିଶ୍ୱଜିତ ବାରିକ ଓ ସଚିବ ରାହୁଲ୍ ଗୁପ୍ତାଙ୍କ ନେତୃତ୍ୱରେ ଶିବିରଟି ସଫଳତାର ସହ ପରିଚାଳିତ ହୋଇଥିଲା। ମୋଟ ୫୧ ୟୁନିଟ୍ ରକ୍ତସଂଗ୍ରହ ହୋଇଥିଲା। କୁନ୍ଦନ ରାଉତ, ବିକାଶ ସ୍ୱାଇଁ, ଜ୍ୟୋତି ପାଣିଗ୍ରାହୀ, ରାଜା ଦାଶ, ଅଭିନାଶ ରାଉତ, ଚିଙ୍କୁ ସାହୁ ଓ ଚିନ୍ମୟ ମହାନ୍ତି ସହଯୋଗ କରିଥିଲେ।



# ଭିସୁଟରେ ସ୍ମାର୍ଟ ହାକାଥନ ଉଦ୍‌ଘାଟିତ

**ସମ୍ବଲପୁର, ୮।୧୨(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବିଜ୍ଞାନ ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ସ୍ମାର୍ଟ ଇଣ୍ଡିଆ ହାକାଥନ (ଏସଆଇଏଚ) ୨୦୨୫-ସଫ୍ଟୱେର୍ ସଂସ୍କରଣ ସୋମବାର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ଦୁଇଦିନ ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ସର୍ବୋତ୍କୃଷ୍ଟ ଯୁବ ମେଧାବୀମାନେ ବ୍ୟବହାରିକ ସମସ୍ୟାମାନଙ୍କର ପ୍ରଯୁକ୍ତିଭିତ୍ତିକ ସମାଧାନ ଉନ୍ନତ କରିବା ପାଇଁ ଏକତ୍ର ହୋଇଛନ୍ତି।ଭିସୁଟ ଇ-ଲର୍ଣ୍ଣିଂ ସେଣ୍ଟରରେ ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଭିସୁଟ ଭିସି ପ୍ରଫେସର ଦିପକ କୁମାର ସାହୁ, ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ, ଏସଆଇଏଚ ସଂଯୋଜକ ପ୍ରଫେସର ସଞ୍ଜୟ ଅଗ୍ରୱାଲ, ପ୍ରଫେସର ଗଣେଶ୍ୱର ନାଥ ଏବଂ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି, ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍‌ର ଅଧିକାରୀ, ଏଆଇସିଟିଇ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ରାଜ୍ୟରୁ ମୋଟ ୨୦ ଟି ଦଳ ନୋଡାଲ ସେଣ୍ଟରରେ ପ୍ରତିଯୋଗିତା କରୁଛନ୍ତି। ସାଇବର ସୁରକ୍ଷା, ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ଥିରତା, ସ୍ମାର୍ଟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଡୋମେନଗୁଡ଼ିକ ପରି ସମସ୍ୟା ବିବୃତ୍ତି ଉପରେ କାର୍ଯ୍ୟ କରୁଛନ୍ତି। କାର୍ଯ୍ୟକ୍ଷମ ପ୍ରୋଟୋଟାଇପ୍ ବିକାଶ କରିବା ପାଇଁ ବିଶେଷଜ୍ଞଙ୍କ ପରାମର୍ଶରେ ଦଳଗୁଡ଼ିକ ୩୬ ଘଣ୍ଟା ନିରନ୍ତର କାର୍ଯ୍ୟ କରିବେ। କାର୍ଯ୍ୟକ୍ରମରେ ଶିଳ୍ପ ନେତୃତ୍ୱଙ୍କ ସହିତ ଆଲୋଚନା, କର୍ମଶାଳା ହେବା ସହ ଭିସୁଟ ବିଦ୍ୟାର୍ଥୀ ସାଂସ୍କୃତିକ ପ୍ରଦର୍ଶନ କରିଥିଲେ। ଗ୍ରାଣ୍ଡ ଫାଇନାଲର ଫଳାଫଳ ମଙ୍ଗଳବାର ଘୋଷଣା କରାଯାଇ ପୁରସ୍କୃତ କରାଯିବ।



# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଜମନକିରା, ୮ ।୧୨(ସମିସ)

ଜମନକିରା ଖଇରଡ଼ିହି ଗ୍ରାମରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଗତ ୬ ଓ ୭ ତାରିଖ ରେ ଖଇରଡ଼ିହି ଗ୍ରାମ ଆଦିବାସୀ ମୁଣ୍ଡା ସମାଜ ସଭାପତି ମିଥୁନ ମୁଣ୍ଡାଙ୍କ ସଭାପତିତ୍ୱରେ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ଫାଇନାଲ ଖେଳ ଦେହୁରାଣୀ ମାଲଓ ଆନନ୍ଦପୁର ଦଳ ମଧ୍ୟରେ ହୋଇ ଥିଲା। ଏଥିରେ ଦେହୁରାଣୀ ମାଲ ଦଳ ଚାମ୍ପିଅନ ହୋଇଥିବା ବେଳେ ଆନନ୍ଦପୁର ଦଳ ରନର୍ସଅପ ହୋଇଥିଲା। କମିଟି ପକ୍ଷରୁ ଉଭୟ ଦଳକୁ ଟ୍ରଫି ସହିତ ଚାମ୍ପିଅନ ଦଳକୁ ୩ହଜାର ଟଙ୍କା ଏବଂ ରଣର ଅପ ଦଳକୁ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରଥମ ଦିନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜସେବୀ କିଶୋର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ଜମନକିରା ଏଏସ୍‌ଆଇ ନିରଞ୍ଜନ ପଧାନ ଯୋଗ ଦେଇଥିଲେ। ଏହି ଫୁଟବଲ ପ୍ରତିଯୋଗିତାରେ ଲଙ୍ଗାବାହାଲ, କଲୋନୀ ପଡ଼ା, ଦେହୁରାଣୀ ମାଲ, ଆନନ୍ଦପୁର, ବିର୍ସାମୁଣ୍ଡା ଏଫସି, ବୁଦେଲକାନୀ, ଘୋଡାବାନ୍ଧୁଣି, ବନ୍ଧକାନି, ଗନଘୋଷ ଗ୍ରାମର ଟିମ୍ ଭାଗ ନେଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଆଦି ପ୍ରସାଦ ମହାକୁଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଫାଶୀମାଲ ପଞ୍ଚାୟତ ସମିତି ସଭ୍ୟ ତଥା କଂଗ୍ରେସ ନେତା କେଦାର ବରିହା, ଅଶୋକ ଦାନୀ, ସୁରାଜିତ ନାୟକ, ବିଶିଷ୍ଟ ବ୍ୟକ୍ତି ପ୍ରତାପ କୁମାର ନାୟକ, ଭୁଲେଶ୍ୱର ମୁଣ୍ଡା, ସଞ୍ଜୟ ଗୁ?ଆ ସହିତ ବିଭିନ୍ନ ଗୁଡ଼ିର ସଭାପତିମାନେ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ସମସ୍ତ ଅତିଥି ବୃନ୍ଦଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବୀର ବିର୍ସା ମୁଣ୍ଡାଙ୍କ ଫୋଟୋ ଚିତ୍ରରେ ଅତିଥିଗଣ ପୁଷ୍ପ ପ୍ରଦାନ କରିଥିଲେ। କମିଟି ପକ୍ଷରୁ ବୀର ବିର୍ସା ମୁଣ୍ଡାଙ୍କୁ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବିଭିନ୍ନ ଆଦିବାସୀ ସମାଜ ପକ୍ଷରୁ ପାରମ୍ପରିକ ଏବଂ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା।



# ସର୍ଟସର୍କିଟରୁ ଜଳିଗଲା ଦୋକାନ

## ଲକ୍ଷାଧିକ ଟଙ୍କାର ଜିନିଷ ପାଉଁଶ




**ବରଗଡ଼, ୮।୧୨(ସମିସ):** ଆଖି ଆଗରେ ହୁତୁ ହୁତୁ ହୋଇ ଜଳିଲା ଦୋକାନ। ବରଗଡ଼ କୋର୍ଟ ସମ୍ମୁଖରେ ଥିବା କମ୍ପ୍ଲେକ୍ସର ଫେଣ୍ଟ ଏଣ୍ଟ ଗଗଲ୍ସ ଚଷମା ଦୋକାନ ସୋମବାର ଜଳିଯାଇଛି। ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ତଥା ପ୍ଲାଷ୍ଟିକ ତାର ପୋଡ଼ା ଗନ୍ଧ ବାରି ଲୋକମାନେ ଦୋକାନ ଆଗରେ ରୁଣ୍ଡ ହୋଇଥିଲେ। ବିଦ୍ୟୁତ୍ ବିଭାଗ ଓ ଦମକଳ ବାହିନୀଙ୍କୁ ଫୋନ କରିବା ଭିତରେ ହଠାତ୍ ନିଆଁର ପ୍ରକୋପ ବୃଦ୍ଧି ପାଇଥିଲା। ତେବେ ବରଗଡ଼ ଅଗ୍ନିଶମ ବିଭାଗ ଆସିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରଥମେ ଆଖପାଖ ସ୍ଥାନର ବିଦ୍ୟୁତ୍ ସଂଯୋଗକୁ କାଟି ଦିଆଯାଇଥିଲା। ବରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ ନିଆଁ ଦେଖି ଅଗ୍ନିଶମ ଅଧିକାରୀଙ୍କୁ ଫୋନ କରଥିଲେ। ପ୍ରଥମେ ସେ ଫୋନ ଉଠାଇ ନଥିଲେ। ପରେ ସେ ଛୁଟିରେ ଅଛନ୍ତି କହି ମୋବାଇଲ ସୁଇଚ୍ ଅଫ୍ କରି ଦେଇଥିଲେ। ମାତ୍ର ୨ କିମି ରାସ୍ତା ପାଇଁ ଦମକଳ ବାହିନୀକୁ ଅଧ ଘଣ୍ଟା ସମୟ ଲାଗିଥିଲା। ଯଦ୍ୱାରା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଜିଲ୍ଲା କୋର୍ଟ ସମ୍ନାରେ ଯଦି ଏପରି ଅବସ୍ଥା ତେବେ ଗାଁ ମାନଙ୍କରେ ଅଗ୍ନିଶମ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଉଛନ୍ତି ସ୍ଥାନୀୟ ଦୋକାନ ମାଲିକ। ଅଗ୍ନିଶମ ଗାଡି ଯଦି ଠିକ୍ ସମୟରେ ଆସିଥାନ୍ତା, ତେବେ ଏତେ କ୍ଷୟକ୍ଷତି ହୋଇ ନ ଥାନ୍ତା ବୋଲି ଲୋକେ କହିଛନ୍ତି। ବରିଷ୍ଠ ଆଇନଜୀବୀ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ବରିଷ୍ଠ ଆଇନଜୀବୀ ପଞ୍ଚାନନ ମିଶ୍ର, ହାଇକୋର୍ଟ ଆଡଭୋକେଟ ହୀରାରାମ ଭୋଇ ଅବସରପ୍ରାପ୍ତ ଅଧ୍ୟାପକ ତ୍ରିନାଥ ପ୍ରସାଦ ତ୍ରିପାଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଦମକଳ ବାହିନୀଙ୍କ ବହୁ ପରିଶ୍ରମ ପରେ ନିଆଁ ଆୟତ୍ତ ହୋଇଥିଲା।

# ଧାନ ବିକ୍ରି ଓ ଟୋକନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ କୃଷକ ସଙ୍ଗଠନ

**ପଦ୍ମପୁର, ୮।୧୨(ସମିସ)**

ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡରେ ଗତମାସ ୨୮ ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ସୋମବାର ୧୧ ଦିନରେ ପହଞ୍ଚିଛି।

## ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ



ହେଲେ ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇ ପାରିନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀ ରାଜବୋଡାସମ୍ବର କୃଷକ ସଙ୍ଗଠନ ଆନୁକୂଲ୍ୟରେ ଆବାହକ ଅଶୋକ ସାହୁ, ଆଇନ ପରାମର୍ଶ ଦାତା ଅଜିତ ଶତପଥୀଙ୍କ ନେତୃତ୍ୱରେ ସୋମବାର ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଳାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏପର୍ଯ୍ୟନ୍ତ ୭୦ ପ୍ରତିଶତ ଚାଷୀଙ୍କ ଟୋକନ ପହଞ୍ଚି ନଥିବା ବେଳେ ଚାଷୀଙ୍କ କଷ୍ଟୋପାର୍ଜିତ ଧାନ ଖଳା, ରାସ୍ତା କଡ଼ ତଥା କ୍ଷେତରେ ପଡ଼ି ରହିଥିବା ସେମାନେ କହିଛନ୍ତି। ଅପରପକ୍ଷରେ ଯେଉଁ ଚାଷୀ ଧାନ ପକାଇଛନ୍ତି ସେମାନଙ୍କ ଧାନ କେବେ ମିଲର୍ସ ଉଠାଇବେ ସେ ନେଇ ଚାହିଁ ରହିଛନ୍ତି। ମାତ୍ର ଉପଖଣ୍ଡର କୌଣସି ମଣ୍ଡିକୁ ଏପର୍ଯ୍ୟନ୍ତ ମିଲର୍ସ ପହଞ୍ଚି ନଥିବା ବେଳେ ପ୍ରଶାସନ ମଧ୍ୟ ତତ୍ପରତା ପ୍ରକାଶ କରୁନଥିବା ଚାଷୀ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ସୁଦ୍ଧା ଧାନ ଉଠାଣ ଓ ଟୋକନ ପ୍ରଦାନ ସ୍ୱାଭାବିକ ନହେଲେ ରାଜବୋଡାସମ୍ବର କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର କ୍ରୀଡ଼ା ଉଦ୍‌ଯାପିତ



**କୁଚିଣ୍ଡା, ୮।୧୨(ସମିସ):** କୁଚିଣ୍ଡା ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃ ମୀରାଧାମରେ ଦୁଇ ଦିନ ଧରି କଲେଜ ପଡ଼ିଆରେ ଚାଲିଥିବା କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜୀବନ ବୀମାର ବ୍ରାଞ୍ଚ ମ୍ୟାନେଜର ଯୋଗେଶ୍ୱର ରାଣା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ସିନିଅର ବିଭାଗ ସୋନିଆ ମାଝି, ସ୍ନେହା କୁସୁମ, ଅନ୍ୱିତ ବା ଓ ଜୁନିଅର ବିଭାଗ ରେ ପୂଜା ମୁଣ୍ଡା, ଅଞ୍ଜଳି ସିଂହଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି କ୍ଷମାଶୀଳ ପଟେଲ, ଉପସଭାପତି ମନୋଜ ସାହୁ, ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, ଶିକ୍ଷକ ବିଜୟ କୁମାର ଭୋଲଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କସ୍ତୁରୀ କେଡିଆଙ୍କ ପରଲୋକ

**ଗାଇସିଲେଟ, ୮।୧୨ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଗୁଦେରପାଲି ଗାଁର ଯୁବନେତା ମୁକେଶ ମୁରାରୀ କେଡିଆଙ୍କ ମାଁ କସ୍ତୁରୀ କେଡିଆଙ୍କ(୭୬) ପରଲୋକ ଘଟିଛି। ସେ ଶ୍ୱାସ ଜନିତ ରୋଗରେ ପୀଡିତ



ଥିଲେ। ସୋମବାର ସଂଧ୍ୟାରେ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ବରଗଡ଼ ଡାକ୍ତରଖାନାକୁ ନେଲା ବେଳେ ବିଜେପୁର ଠାରେ ତାଙ୍କ ପରଲୋକ ହୋଇଛି। ତାଙ୍କ ପଛରେ ଦୁଇ ପୁଅ ମୁକେଶ ମୁରାରୀ, ସଜନ, ଦୁଇ ବୋହୂ, ନାତି ନାତୁଣୀଙ୍କୁ ଛାଡି ଯାଇଛନ୍ତି। ତାଙ୍କ ପରଲୋକରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ସାଂସଦ ପ୍ରଭାସ ସିଂ, ଦେବେଶ ଆଚାର୍ଯ୍ୟ, ଚାଷୀ ନେତା କିଶୋର ଚନ୍ଦ୍ର ଦେବତା, ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ସାମ୍ବାଦିକ ରିଙ୍କୁ ଦେବତାଙ୍କ ସମେତ ସମସ୍ତ ଅଞ୍ଚଳ ବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଗୁଦେରପାଲି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୮।୧୨ (ସମିସ) :** ଧମାସ୍ଥିତ ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟରେ ସମ୍ବଲପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ହୋପ୍‌ସ୍କୋପ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ସହଯୋଗରେ ଅନୁଷ୍ଠାନର ଜାତୀୟ ସେବା ଯୋଜନା ୟୁନିଟ (ଏନଏସଏସ) ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ -ଦୁଇ ଅଧ୍ୟକ୍ଷ ଅଶୋକ ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଆଞ୍ଚଳିକ ସଡ଼କ ପରିବହନ ଅଧିକାରୀ ରାମଦାସ ଟୁଡୁ ଯୋଗ ଦେଇଥିଲେ। ଆର୍‌ଟିଓ ଶ୍ରୀ ଟୁଡୁ କହିଲେ ଯେ, ସଡ଼କରେ ଯାନ ଚଳାଇବା ସମୟରେ ଆମେ ନିଜେ ସତର୍କ ରହିବା ସହ ଅନ୍ୟ ଚାଳକମାନଙ୍କ ଭୁଲ ପ୍ରତି ମଧ୍ୟ ସଚେତନ ରହିବା। ବିନା ହେଲମେଟ କିମ୍ବା ବିନା ଲାଇସେନସ୍‌ରେ ଦୁଇଚକିଆ ଯାନ ଚଳାଇବା ଆଇନତଃ ଅପରାଧ ହେଲେ ମଧ୍ୟ ସେଥିପ୍ରତି ଚାଳକମାନେ ସଚେତନ ନହେବା ଏବଂ ସ୍ଥଳ ବିଶେଷରେ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସମ୍ପ୍ରତି ଏକ ଚିନ୍ତାର ବିଷୟ। ସମ୍ମାନିତ ଅତିଥି ଭାବେ ଉପପରିବହନ ଅଧିକାରୀ କାହ୍ନୁଚରଣ ବାନ୍‌ରା, ସତୀଶ କୁମାର ପାଢ଼ୀ, କନିଷ୍ଠ ମୋଟର ବାହନ ନିରୀକ୍ଷକ ସଞ୍ଜୟ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ହୋପସ୍କୋପ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପକ୍ଷରୁ ଏକ ବୃତ୍ତଚିତ୍ର




ପ୍ରଦର୍ଶନ କରାଯିବା ସହ ସଡ଼କ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ସେଣ୍ଟର ପକ୍ଷରୁ ମନୋରଞ୍ଜନ ବେହେରା ଓ ମନୋରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପୂର୍ବରୁ ହୋଇଥିବା ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଓ ପୋଷ୍ଟର ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ତିନି ଅଧ୍ୟକ୍ଷ ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ-୩ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରମୋଦ ଦେହେରୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଯୁକ୍ତ-୨ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର ଓ ଅଧ୍ୟାପିକା ମିନତି ଦାଶ ସହଯୋଗ କରିଥିଲେ। ମୁଖ୍ୟଅତିଥି ସମ୍ବଲପୁର ଆରଟିଓ ଛାତ୍ରଛାତ୍ରୀ ମାନଙ୍କୁ ସୁରକ୍ଷାର ଶପଥ ପାଠ କରାଇଥିଲେ। ସଭା ପୂର୍ବରୁ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସଡକ ସୁରକ୍ଷା ବିଷୟକ ସ୍ଲୋଗାନ ଦେଇ ଧମା ଗ୍ରାମ ଓ ବଜାର ଅଞ୍ଚଳ ପରିକ୍ରମା କରିଥିଲେ। ଏହି ଅବସରରେ ବଜାର ପ୍ରାଙ୍ଗଣରେ ହୋପସ୍କୋପ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପକ୍ଷରୁ ଯମରାଜ ଓ ଚିତ୍ରଗୁପ୍ତ ଚରିତ୍ରକୁ ନେଇ ସଡକ ସୁରକ୍ଷା ସଚେତନତାର ବାର୍ତ୍ତା ବହନ କରୁଥିବା ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

# ଯଦୁ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ




**ବରଗଡ଼, ୮।୧୨(ସମିସ):** ସ୍ୱପ୍ନର ସୌଦାଗର ଭାବେ ପରିଚିତ ଥିବା ବରଗଡ଼ର ପୂର୍ବତନ ବିଧାୟକ ଯଦୁ ପ୍ରଧାନ ଆଜି ନାହାନ୍ତି। ହେଲେ ସେ ପଛରେ ଛାଡ଼ି ଯାଇଥିବା ଅଗଣିତ ଶିକ୍ଷାନୁଷ୍ଠାନ, ରାସ୍ତାଘାଟ, ପବ୍ଲିକ ସେଣ୍ଟର ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ଆଜି ବି ତାଙ୍କୁ ଜନମାନସରେ ବଞ୍ଚାଇ ରଖିଛି। ଆଧୁନିକ ବରଗଡ଼ର ସ୍ଥପତିକାର ସ୍ୱର୍ଗତ ପ୍ରଧାନ ପ୍ରକୃତରେ ବରଗଡ଼ର ବିଶ୍ୱକର୍ମା ଥିଲେ। ବରଗଡ଼ ଏସ୍‌ପି ଅଫିସ ଆଗରେ ଥିବା ଯଦୁ ପ୍ରଧାନ ଛକ ସ୍ଥିତ ଯଦୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଯଦୁମଣି ପ୍ରଧାନ ସ୍ମୃତି କମିଟି ଆନୁକୂଲ୍ୟରେ ସୋମବାର ସ୍ୱର୍ଗତ ପ୍ରଧାନଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ମୃତି କମିଟି ପକ୍ଷରୁ ସଂଯୋଜିତ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ବିଜେଡି, ବିଜେପି, କଂଗ୍ରେସ, ଆପ୍ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳର ନେତା ଓ କର୍ମୀମାନଙ୍କ ସମେତ ବିଭିନ୍ନ ସଂଘ, ସଙ୍ଗଠନ ଓ ଅନୁଷ୍ଠାନର ସଦସ୍ୟ ତଥା ସଚେତନ ବରଗଡ଼ ବାସୀ ଏବଂ ସାମ୍ବାଦିକ ମାନେ ଉପସ୍ଥିତ ହୋଇ ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ଗତବର୍ଷ ଠିକ୍ ଏହି ଦିନ ବରଗଡ଼ ସାମ୍ବାଦିକ ବୀରେନ ପ୍ରଧାନ ନବ ନିର୍ମିତ ଅଡିଟରିୟମକୁ ସ୍ୱର୍ଗତ ପୂର୍ବତନ ବିଧାୟକ ଯଦୁ ମଣି ପ୍ରଧାନଙ୍କ ନାମରେ ନାମିତ କରିବା ପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କୁ ଅନୁରୋଧ କରିଥିଲେ। ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଡିଟରିୟମକୁ ଯଦୁମଣିଙ୍କ ନାମରେ ନାମିତ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ନଗରପାଳ କଳ୍ପନା ମାଝି, ବିଜେପି ନେତା ସୁରେଶ୍ୱର ଶତପଥୀ, ଅରୁଣା ସାହୁ, ଡିସିସି ସଭାପତି ହରଦୀପ ସିଂ, ବିଜେଡି ନେତା ସମ୍ବିଦ ଆଚାର୍ଯ୍ୟ, ଆପ ନେତା ଭବାନୀ ସାହୁ, ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ ଓ ସମ୍ପାଦକ ଲଲାଟେନ୍ଦୁ ବେହେରା, ନିପନ ଦାଶ, ବ୍ରହ୍ମାନନ୍ଦ ମହାକୁଡ଼, କଂଗ୍ରେସ ନେତା ଆଇନଜୀବୀ ସରୋଜ ଷଡ଼ଙ୍ଗୀ, ଯୁଗଳ ପ୍ରସାଦ ସିଂହ, ଶୁଭେନ୍ଦୁ ସାହୁ, ଚିତ୍ତ ଦେବତା, ବିମଳ ଦାଶ ତଥା ନିମାଇଁ ମହାପାତ୍ର, ଶୈଳେନ୍ଦ୍ର ବିଶ୍ୱାଳ, କ୍ରୀଷ୍ଣା ନକୁଲା, ସୁବ୍ରତ ତ୍ରିପାଠୀଙ୍କ ସମେତ ବହୁ ଜନସାଧାରଣ ସ୍ୱର୍ଗତ ଯଦୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍ୱର୍ଗତ ପ୍ରଧାନଙ୍କ ପୁତ୍ର ଆନନ୍ଦ ପ୍ରଧାନ ସଂଯୋଜନା କରିଥିବା ବେଳେ ସାନପୁଅ ମନୋହର ପ୍ରଧାନ କୃତଜ୍ଞତା ଜ୍ଞାପନ କରିଥିଲେ।

# ଡିପିଏସ୍ ଶାସନରେ ବାର୍ଷିକ ଆଥଲେଟିକ୍ ମିଟ୍

**ସମ୍ବଲପୁର, ୮।୧୨ (ସମିସ) :** ସୌହାର୍ଦ୍ଦ୍ୟ ଏବଂ ପ୍ରକୃତ କ୍ରୀଡା ମନୋଭାବରେ ପରିପୂର୍ଣ୍ଣ ପରିବେଶ ସହିତ ଶାସନସ୍ଥିତ ଡିପିଏସ୍‌ରେ ୫ ଓ ୬ ତାରିଖ ବାର୍ଷିକ ଆଥଲେଟିକ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଦିନ ମୁଖ୍ୟଅତିଥି ଭାବେ ଶାସନ ଥାନାଧିକାରୀ ପ୍ରବୀଣ କେଶରୀ ତ୍ରିପାଠୀ ଏବଂ ଦ୍ୱିତୀୟ ଦିନ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜତିନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷକ ନେତା ବିଭୁ ପଟ୍ଟନାୟକ ଓ ପି.ଟି.ଏ. ସଦସ୍ୟ ମାନସ ଦାସ ଉପସ୍ଥିତ ଥିଲେ। ଏହି ବାର୍ଷିକ ଆଥଲେଟିକ୍ ମିଟ୍ ପ୍ରତିଭା, ଦୃଢ଼ତା ଏବଂ ଦଳଗତ ଭାବେ କାର୍ଯ୍ୟ କରିବାର ଏକ ଉତ୍ସବ ଥିଲା। ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ, କେବଳ ଶାରୀରିକ ଦକ୍ଷତା ନୁହେଁ ବରଂ ସର୍ବୋଚ୍ଚ ସ୍ତରର କ୍ରୀଡା ମନୋଭାବ ମଧ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ମିଟ୍ ଚମ୍ପିଆନ୍ସ ହୋଇଥିଲେ, ବାଳିକା (ଶ୍ରେଣୀ ୬-୮) ଶ୍ରାବଣୀ ଜାନକର, ବାଳକ (ଶ୍ରେଣୀ ୬-୮) ସତ୍ୟମ ନାଏକ, ବାଳିକା (ଶ୍ରେଣୀ ୯-୧୨) ସସ୍ମିତା ଡାଙ୍ଗ ଏବଂ ବାଳକ (ଶ୍ରେଣୀ ୯-୧୨) ଅଙ୍କିତ ଭୋଇ। କ୍ରୀଡା ଶିକ୍ଷକ ଗିରିଶ ଏବଂ କ୍ରୀଡା ଶିକ୍ଷୟିତ୍ରୀ ଜ୍ୟୋତି ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟକ୍ଷା ସୁଜାତା ଲେଙ୍କା ସମସ୍ତ ଖେଳାଳିଙ୍କୁ ସେମାନଙ୍କ ଅସାଧାରଣ ସଫଳତା ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବାସହ ସେମାନଙ୍କ ସ୍ଥିରତା, ଶୃଙ୍ଖଳା ଏବଂ ଉତ୍ସାହୀ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ।




# ଏନ୍‌ଏସ୍‌ସିବି କଲେଜ ଓଡ଼ିଆ ବିଭାଗର ସାପ୍ତାହିକ ଆଲୋଚନାଚକ୍ର

**ସମ୍ବଲପୁର, ୮।୧୨ (ସମିସ) :** ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି' ଶୀର୍ଷକ ସାପ୍ତାହିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡଃ ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡଃ ଭୋଇ ପ୍ରଥମେ ସ୍ୱାଗତ କରିବାସହିତ ଉଦ୍ଦେଶ୍ୟ ଜ୍ଞାପନ ଏବଂ 'ଓଡ଼ିଆ ଲୋକସାହିତ୍ୟ ଲୋକ ସଂସ୍କୃତି' ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଆଲୋଚନାଚକ୍ରର ସଂକ୍ଷେପ ଉପସ୍ଥାପନ କରିଥିଲେ। ତତ୍ପରେ ସ୍ନାତକୋତ୍ତର ଦ୍ୱିତୀୟବର୍ଷର ଛାତ୍ରୀ ଭୋଜରାଣୀ ତାଣ୍ଡିଆ 'ଲୋକ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ', ଛାତ୍ର ପର୍ଶୁରାମ ରାଉଳ 'ଲୋକ ସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ଦିଗ', ଛାତ୍ରୀ ଶିବାନୀ ତ୍ରିପାଠୀ 'ଓଡ଼ିଆ ଲୋକ ଗୀତରେ ସମାଜ ଚିତ୍ର', ଛାତ୍ର ପ୍ରମୋଦ ନାଏକ 'ଓଡ଼ିଆ ଲୋକ ଗୀତରେ ନାରୀ ଜୀବନର ଚିତ୍ର' ଏବଂ ଛାତ୍ରୀ ଉଷାରାଣୀ ନାଏକ 'ଲୋକସାହିତ୍ୟରେ ମୋଟିଫ୍ ତତ୍ତ୍ୱ' ଆଦି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ନିବନ୍ଧ ଉପସ୍ଥାପନ ପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ୟକ ଜେନା, ଶାନ୍ତନୁ ତାଣ୍ଡି, ଅର୍ଚ୍ଚିତା ପ୍ରଧାନ, ଝିଲିମା ପ୍ରଧାନ, ଉଷା ସାହାଣୀ, ଦିବ୍ୟାସା ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ସହକାରୀ ପ୍ରଫେସର ଡଃ ଶ୍ରଦ୍ଧାମୟୀ ପୁରୋହିତ ଲୋକ ସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିବାବେଳେ ଓ ଅନ୍ୟତମ ସହକାରୀ ପ୍ରଫେସର ଡଃ ରଶ୍ମିତା ରାଉତରାୟ ଲୋକଗୀତ ଓ ଲୋକ ସଂସ୍କୃତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ତଥା ଘୁଡୁକୀ କଳାକାର ହେମନ୍ତ ଖୁଟୁଲା ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ଶ୍ୱେତାରାଣୀ ପଧାନଙ୍କ ସହ ମିଶି ଲୋକଗୀତ ପରିବେଷଣ କରିଥିଲେ। ଶେଷରେ ହେମନ୍ତ ଖୁଟୁଲା ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ୱାମୀ ହତ୍ୟାକାରୀକୁ ଆଜୀବନ ଜେଲ୍

**ପଦ୍ମପୁର, ୮।୧୨ (ସମିସ):** ଝାରବନ୍ଧ ଥାନା ଅଧୀନ କୁସୁମଦାରହା ଗାଁର ସମାରି ବରିହା ୪ ବର୍ଷ ପୂର୍ବେ ନିଜ ସ୍ୱାମୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସୋମବାର ଅତିରିକ୍ତ ଜିଲ୍ଲା ଏବଂ ସେସନ ବିଚାରପତି, ପଦ୍ମପୁର, ଅଭିଯୁକ୍ତ ସମାରିକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡ ଏବଂ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ରେ ରାତିରେ ସମାରି ତାଙ୍କ ସ୍ୱାମୀ ସଦାଶିବ ବରିହାଙ୍କୁ ଠେଲି ଦେଇ ତାଙ୍କ ବେକରେ ଏକ ତଉଲିଆ ବାନ୍ଧି ହତ୍ୟା କରିଥିଲେ। ୨୩ ଜଣ ସାକ୍ଷୀଙ୍କୁ ଜେରା କରିବା ପରେ ୩୩ଟି ସାକ୍ଷ୍ୟ ପ୍ରସ୍ତୁତ କରାଯାଇଥିଲା। ୧୧ ଜଣ ଏମ୍‌ଓ ଚିହ୍ନଟ କରାଯାଇଥିଲା। ରେକର୍ଡରେ ଉପଲବ୍ଧ ପ୍ରମାଣକୁ ବିଚାର କରି ଏଡିଜେ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ ଏହି ଦଣ୍ଡ ଏବଂ ଜରିମାନା ରାୟ ଶୁଣାଇଛନ୍ତି।

# ନଅଗାଁ ଧନୁଯାତ୍ରା ପାଇଁ କଂସ ବରଣ



**ଗାଇସିଲେଟ, ୮।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ କଟାବାହାଲ ମଲକେନ ଡ୍ୟାମ ଠାରେ ନଅଗାଁ ଧନୁଯାତ୍ରା ପାଇଁ ଧନୁଯାତ୍ରା କମିଟି ତରଫରୁ କଂସ ବରଣ କରାଯାଇଛି। ତେବେ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅଧୀନ ନଅଗାଁ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଧନୁଯାତ୍ରା ପାଇଁ ଗାଇସିଲେଟ ବ୍ଲକ ମୁଣ୍ଡାପାଲି ଗାଁର ବିଜୟ ଦେବତାଙ୍କୁ ମହାରାଜ କଂସ ଭାବେ, ଉଗ୍ରେସନ ଭାବେ ଚୈତନ୍ୟ ସାହୁ, ଅକ୍ରୁର ଭୂମିକାରେ ବିରଥ ଭୋଇଙ୍କୁ ଅଭିନୟ କରିବା ପାଇଁ ଗାଁର ଗୌନ୍ତିଆ ଉଜ୍ଜଳ ଡନସେନା, ଅକ୍ଷୟ ଦାଶ, ପାନୁ ବେହେରା, ଈଶ୍ୱର ମହାପାତ୍ର, ଗାନ୍ଧୀ ପଧାନ, ରବି ଭୋଇ, କବି ବାରିକ ଓ ମାଯିଷ୍ଟର ମେହେର ପ୍ରମୁଖ ଉପସ୍ଥିତ ରହି ମଲକେନ ଡ୍ୟାମ୍ ସ୍ଥିତ ମାଁ ବିନ୍ଧ୍ୟବାସିନୀ ମନ୍ଦିର ପ୍ରାଙ୍ଗଣରେ ଉପଢୌକନ ପୁଷ୍ପମାଲ୍ୟ, ନଡ଼ିଆ, ସିନ୍ଦୂର ପ୍ରଦାନ କରି ବରଣ କରିଥିଲେ। ପୂର୍ବରୁ ଶ୍ରୀ ଦେବତା କଂସ, ରାବଣ, ତ୍ରିପୁରାସୁର, ଜଳନ୍ଧର, ମୁରାସୁର ଭଳି ବିଭିନ୍ନ ଭୂମିକାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଭିନୟ କରିଛନ୍ତି। ଅଭିନୟରେ ଦୀର୍ଘ ୨୩ ବର୍ଷର ତାଙ୍କର ଅଭିଜ୍ଞତା ରହିଛି। ଡିସେମ୍ବର ୨୨ ରୁ ୩୧ ପର୍ଯ୍ୟନ୍ତ ୧୦ ଦିନ ଧରି ଧନୁଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବଲାଙ୍ଗିର ଜିଲ୍ଲା ନଅଗାଁ ମଥୁରା ନଗରୀ ଓ ବରଗଡ଼ ଜିଲ୍ଲା ସାଉତଖଣ୍ଡି ଗାଁ ଗୋପପୁର ଏବଂ ମଝିରେ ପ୍ରବାହିତ ଅଙ୍ଗନଦୀକୁ ଯମୁନା ନଦୀ ରୂପେ ଚିତ୍ରିତ କରାଯାଇଥାଏ। ଏହି ଅବସରରେ ଦର୍ଶକ ମାନଙ୍କ ପାଇଁ ମୀନାବାଜର, ଅର୍କେଷ୍ଟ୍ରା, ଅପେରା ଯାଜ୍ଞସେନନୀ, ପାରାୟଣ, ଦଣ୍ଡନୃତ୍ୟ, ଭଜନ ସମାରୋହ ଭଳି ଅନେକ କାର୍ଯ୍ୟକ୍ରମର ଆୟୋଜନ ରହିଥିବା ଧନୁଯାତ୍ରା କମିଟି ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଜମନକିରା, ୮।୧୨(ସମିସ)**


ଜମନକିରା ବ୍ଲକ ମୁଣ୍ଡେନପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସହବନ୍ଧିତ ବିଦ୍ୟାଳୟର ସମ୍ବଲପୁର ଜିଲ୍ଲା ଜୋନ୍-୨ର ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୫ଟି ବିଦ୍ୟାଳୟର ୨୦୦ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅବସରପ୍ରାପ୍ତ ଖେଳ ଶିକ୍ଷକ ତଥା ଓଡ଼ିଶା ଖୋଖୋ ସଂଘ ର ସହ ସମ୍ପାଦକ ଲକ୍ଷ୍ମଣ କୁମାର ନାଥ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ଭୁବନେଶ୍ୱରର ପଶ୍ଚିମ କ୍ଷେତ୍ର ସଂଯୋଜକ କୁରୁକ୍ଷେତ୍ର ଧଙ୍ଗଡ଼ା ମାଝୀ ନିରୀକ୍ଷକ ଭାବରେ ଯୋଗଦାନ କରିଥିଲେ। ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ମୁଣ୍ଡେନପାଲିର ଖେଳ ଶିକ୍ଷକ ବିକାଶ କିସାନ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଣ୍ଡେନପାଲିର କ୍ରୀଡ଼ା ପ୍ରମୁଖ ଅଷ୍ଟଶମ୍ଭୁ ମହାକୁଳ ଖେଳ ପରିଚାଳନା କରିଥିଲେ। ଏଥିରେ ଉପଶିଶୁ ବିଭାଗର ୫ଟି, ଶିଶୁ ବିଭାଗର ୬ଟି, ବାଲ୍ ବିଭାଗର ୭ଟି ପ୍ରତିଯୋଗିତା ହୋଇଥିଲା। ଉପଶିଶୁ ବିଭାଗର କୌଶିକ ମିର୍ଦ୍ଧା, ଶିଶୁ ବିଭାଗର ବାଳିକା ବର୍ଗର ଶୃତୀ ମିର୍ଦ୍ଧା, ବାଳକ ବର୍ଗରେ ପ୍ରୀୟାଂଶୁ ଖମାରୀ, ବାଲ୍ ବିଭାଗ ବାଳିକା ବର୍ଗରେ ସୋନାକ୍ଷୀ ଦୀପ୍, ବାଳକ ବର୍ଗରେ ପ୍ରତୀକ ପ୍ରଧାନ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ସଭାରେ ମୁଖ୍ୟବକ୍ତା ଭାବରେ ଡିପିଏ କଲେଜ ମୁରା ର ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦାନ କରି କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ପାଇଁ ଜୀବନର ଏକ ଅଙ୍ଗ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେଙ୍ଗାଲିର ସଭାପତି ରାଜୀବ ମିଶ୍ର ଏବଂ ପ୍ରଧାନ ଆଚାର୍ଯ୍ୟ କରୁଣାକର ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟନ୍ତପୁରର ପ୍ରଧାନ ଆଚାର୍ଯ୍ୟା ସୁସ୍ମିତା ଦୀପ ଯୋଗଦାନ କରିଥିଲେ।ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମୁଣ୍ଡେନପାଲିର ସଭାପତି ସରୋଜ କୁମାର ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ଶିବାନୀ ବାଗ, କଲ୍ୟାଣୀ ଷଡ଼ଙ୍ଗୀ, ମନୀଷା ପ୍ରଧାନ, ପ୍ରିୟଙ୍କା ପ୍ରଧାନ, ଅନୀତା ବାଗ, ସୌଦାମିନୀ ଭୋଇ, ପ୍ରଜ୍ଞାଶ୍ରୀ ବେରିହା, ଲିଲି ପିଙ୍ଗ, ସୋନାଲି ପ୍ରଧାନ, ସାଗରିକା ଭୋଇ, ପ୍ରଣତୀ ବଡ଼ାଇ, ପଦ୍ମାଳୟା ବିଶି ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।






ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷର ମୂଳ ତିକ୍ତ, କିନ୍ତୁ ଏହାର ଫଳ ମିଠା।
-ଆରିଷ୍ଟୋଟଲ୍

## ବିବାଦରେ ପରୀକ୍ଷା ଓ ପ୍ରଶ୍ନପତ୍ର

ରାଜ୍ୟ ସରକାରଙ୍କ ନିଯୁକ୍ତି ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ପ୍ରଘଟ ଏତେ ବିବାଦୀୟ ଓ ଦୋଷଯୁକ୍ତ ଯେ ଯେତେ ଯାହା କହିଲେ ବି ତାହା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଥିବାର ଲକ୍ଷ୍ୟ କରାଯାଉଛି। ନିକଟରେ ଏଏନଏମ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଏକାଧିକ ବାର ଏଭଳି ବିଭ୍ରାଟ ପରିଦୃଷ୍ଟ ହୋଇଥିଲେ ମଧ୍ୟ ସବୁକିଛି ସେହି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତିରେ ସୀମିତ ରହିଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପରୀକ୍ଷା ଘୁଞ୍ଚାଇ ଦେବା ନିଷ୍ପତ୍ତି ଘୋଷଣା ହେବା ପୂର୍ବରୁ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପାଇ ପରୀକ୍ଷାଖାତାରେ ଉତ୍ତର ଲେଖିବା ଆରମ୍ଭ କରିଦେଇଥିଲେ। ସେମାନଙ୍କୁ ପରୀକ୍ଷାଖାତା ଓ ପ୍ରଶ୍ନପତ୍ର ଫେରାଇ ଦେଇ ଚାଲିଯିବାକୁ କୁହାଯାଇଥିଲା। ପରୀକ୍ଷାର୍ଥୀଙ୍କ ପ୍ରସ୍ତୁତି ଓ ବହୁମୂଲ୍ୟ ସମୟରେ ଅପଚୟ ସ୍ୱାଭାବିକ ଭାବେ ହତାଶା ସୃଷ୍ଟି କରିଛି।

ପରୀକ୍ଷା ପରିଚାଳନାର ଅନ୍ୟ ଏକ ଦିଗ ସାମ୍ନାକୁ ଆସିଛି। ଏଲଟିଆଇ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ହୋଇଥିବା ଯୋଗ୍ୟତା ପରୀକ୍ଷାରେ ଶହେ ନମ୍ବରରୁ ୧ ରଖିଲେ ପାସ ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ଏମାନେ ମୁଖ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ ବିଦ୍ୟାଳୟରେ କି ପାଠ ପଢ଼ାଇବେ? ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳାଙ୍କ ସକାଶେ ସ୍ୱତନ୍ତ୍ର ସୁବିଧା ସୃଷ୍ଟି କରିବାରେ କାହାର ଆପତ୍ତି ନାହିଁ। କିନ୍ତୁ ଏକ ବେଞ୍ଚମାର୍କ ନିର୍ଦ୍ଧାରଣ କରି ତାହାକୁ ଅତିକ୍ରମ କରିପାରୁଥିବା ପରୀକ୍ଷାର୍ଥୀଙ୍କୁ ବର୍ଗ ବିଶେଷରେ ଚୟନ କରିବାରେ କିଛି ଅସୁବିଧା ନଥିଲା। ଯେଉଁ ଉଦ୍ଦେଶ୍ୟରେ ଏମାନଙ୍କୁ ନିଯୁକ୍ତି ଦିଆଯିବ ତାହା ଯେ ଚରିତାର୍ଥ ହେବ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ ଦିଗରେ କର୍ତ୍ତୃପକ୍ଷ ବର୍ଗବିଶେଷରେ କଟଅଫ ମାର୍କ ୧, ୨.୫, ୨.୭୫, ୩,୨୩.୫ ଓ ୨୯ ରଖିଛନ୍ତି। ଏଭଳି ଏକ ଅର୍ଥହୀନ ପରୀକ୍ଷା କରିବା ଅପେକ୍ଷା ସମସ୍ତଙ୍କୁ ମୁଖ୍ୟ ପରୀକ୍ଷା ଦେବାକୁ ସୁଯୋଗ ଦେଇଥିଲେ ଅସୁବିଧା ହୋଇନଥା'ନ୍ତା। ଏଠାରେ ଉଲ୍ଲେଖଯୋଗ୍ୟ କି ଦୁଇମାସ ତଳେ ନିୟମ ଉଲ୍ଲଂଘନ କରି ୭୧୧ ହିନ୍ଦୀ ଶିକ୍ଷକଙ୍କୁ ଦିଆଯାଇଥିବା ନିଯୁକ୍ତିକୁ ହାଇକୋର୍ଟ ରଦ୍ଦ କରିଥିଲେ। ଆମେ ଆଶା କରିବା ଅନ୍ତତଃ ଏହି ଯେଉଁ ପ୍ରକ୍ରିୟା ଚାଲିଛି ତାହା ପୁଣି ଥରେ ବାତିଲ ନହେଉ। ତାହାପୂର୍ବରୁ କର୍ତ୍ତୃପକ୍ଷ ବ୍ୟବସ୍ଥାରେ ଅନ୍ତତଃ ସଂଶୋଧନ ଆଣିବା ଉଚିତ।

ବିହାର, ଉତ୍ତର ପ୍ରଦେଶ ଭଳି ଆମ ରାଜ୍ୟରେ ପ୍ରଶ୍ନପତ୍ର ପ୍ରଘଟ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏଦିଗରେ ସରକାର ତେକେଦୂର ସଚେତନ ଅଛନ୍ତି ତାହା ଆମେ ଜାଣୁନା। ତେବେ ଘଟଣାର ପୁନରାବୃତ୍ତି କେବଳ ପରୀକ୍ଷାର୍ଥୀ ନୁହନ୍ତି, ଅଭିଭାବକ ମହଲରେ ସରକାରଙ୍କ ନିଷ୍ଠା ଓ ଆନ୍ତରିକତା ପ୍ରତି ସନ୍ଦେହ ସୃଷ୍ଟି କରିଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି ଆଉ ପ୍ରଶ୍ନପତ୍ର ପ୍ରଘଟ ହେବନି, ସରକାରୀ ବ୍ୟବସ୍ଥାରେ କୌଣସି ରାଜନୈତିକ ହସ୍ତକ୍ଷେପ ହେବନି। ତାଙ୍କର ଏହି ବକ୍ତବ୍ୟରୁ ପ୍ରମାଣିତ ହେଉଛି ଯେ ପ୍ରଶ୍ନପତ୍ର ପ୍ରସ୍ତୁତିରେ ଏପର୍ଯ୍ୟନ୍ତ ରାଜନୈତିକ ହସ୍ତକ୍ଷେପ ଚାଲିଛି। ଏମିତିରେ ବ୍ୟବସ୍ଥା ସୁଧୁରି ଗଲେ ତ ଭଲ କଥା।

## କାହା ପାଇଁ ସୁଧହ୍ରାସ

ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ଅକ୍ଟୋବର ମାସରେ ୦.୨୫ ପ୍ରତିଶତରେ ପହଞ୍ଚିଛି। ଆମ ଅର୍ଥନୈତିକ ବ୍ୟବସ୍ଥାରେ ବଜାର ପରିସ୍ଥିତିର ଆକଳନ ସାଧାରଣତଃ ଚାହିଦା ଓ ଯୋଗାଣ ସ୍ଥିତିରୁ ସ୍ଥିରୀକୃତ ହୋଇଥାଏ। କିନ୍ତୁ ଯୋଗାଣ ତୁଳନାରେ ଚାହିଦା ହ୍ରାସ ପାଇଲେ ଦରଦାମ କମିବା ସ୍ୱାଭାବିକ। ଆମର ଏମିତି କ'ଣ ଉତ୍ପାଦନ ବଢ଼ିଗଲା ଯେ ତାହା ଚାହିଦା ତୁଳନାରେ ବଳକା ହେଉଛି? ଅସଲ କଥା ହେଉଛି ବଜାରରେ ଉପଲବ୍ଧ ସାମଗ୍ରୀ କିଣିବା ପାଇଁ ଆମର କ୍ରୟ ସାମର୍ଥ୍ୟ ଅପେକ୍ଷାକୃତ କମ। ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ନିର୍ଦ୍ଧାରକମାନେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ମୁଦ୍ରା ପ୍ରଚଳନକୁ କ୍ରମାଗତ ଭାବେ ସଂକୋଚନମୁକ୍ତ କରି ଚାଲିଛନ୍ତି। କାରଣ ଭାରତ ଭଳି ବିଶାଳ ବଜାରର କାରବାର ଉପରେ ଦେଶର ଅର୍ଥନୈତିକ ସମୃଦ୍ଧି ନିର୍ଭରଶୀଳ। ଯେହେତୁ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ପାଇଁ କୌଣସି ବିଦେଶୀ ସଂସ୍ଥା ଆମ ଉପରେ ଭରସା କରିପାରୁନାହାନ୍ତି ତେଣୁ ଦେଶୀ ମହାଜନ ଓ ଖରିଦଦାର ଉପରେ ସରକାର ନିର୍ଭର କରିବାର ବାଧ୍ୟବାଧକତା ଉପୁଜିଛି। ବିଶ୍ୱର ଚତୁର୍ଥ ଅର୍ଥନୀତି ଭାରତର ଜିଡିପି ଅଭିବୃଦ୍ଧି ହାର ୮.୨ ପ୍ରତିଶତ ହୋଇଥିଲେ ମଧ୍ୟ ଆମ ମହାଜନଙ୍କ ଦୌରାତ୍ମ୍ୟରେ ବିଦେଶୀ ବଣିକ ଛାନିଆରେ ମୁହଁ ଫେରାଉଛନ୍ତି। ଏହା ହେଉଛି ଭାରତୀୟ ଅର୍ଥନୀତିର ବାସ୍ତବ ଚିତ୍ର।

ଗତ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୪ଟି ଦଫାରେ ୧.୨୫ ବେସିସ୍ ପଏଣ୍ଟ ରିପୋରେଟ ହ୍ରାସ କରିଛନ୍ତି। ଏହାଫଳରେ ଦେଶରେ ମୁଦ୍ରା ପ୍ରଚଳନ ସଂପ୍ରସାରିତ ହୋଇଚାଲିଛି। ହେଲେ ତାହାର ଅନୁକୂଳ ପ୍ରଭାବ କ'ଣ ପଡ଼ିଛି? ମୁଦ୍ରାସ୍ଫୀତି ବା ଦରଦାମ କ୍ରମାଗତ ଭାବେ ହ୍ରାସ ପାଇଛି। ବଜାରରେ ଲୋକଙ୍କ ଯେଉଁ ଅନୁପାତରେ ଚାହିଦା ବୃଦ୍ଧି ପାଇବା କଥା ତାହା ଅନୁଭୂତ ହେଉନି। ଏଭଳି ପରିସ୍ଥିତିରେ ଦେଶର ସାମଗ୍ରିକ ଅଭିବୃଦ୍ଧି ହାର ପୂର୍ବ ଆକଳନକୁ ଅତିକ୍ରମ କରି ୮.୨ ପ୍ରତିଶତ ହେଲା କିପରି? ଏହି ଯୁକ୍ତିର ଯଥାର୍ଥତା ଥିଲେ ମଧ୍ୟ ଦେଶକୁ ଯଦି 'ଇଣ୍ଡିଆ' ଓ 'ଭାରତ' ଦୁଇବର୍ଗରେ ବିଭକ୍ତ କରାଯାଏ ତେବେ 'ଭାରତ'ର ଗତିଶୀଳତା ଏବେ ମଧ୍ୟ ଶିଥିଳ। ଅନ୍ୟପକ୍ଷରେ 'ଇଣ୍ଡିଆ' ଦୌଡୁଛି ଏବଂ ଦେଶର ଅଭିବୃଦ୍ଧି ହାର ବଢ଼ିଚାଲିଛି। ଆମେ ଯେଉଁ ବିକଶିତ ଭାରତରେ ସୁଖ ସ୍ୱପ୍ନ ଦେଖୁଛେ ଓ ଲୋକଙ୍କୁ ଦେଖାଉଛେ ଏହି ପ୍ରଗତି ଧାରା ତାହାର ପରିପନ୍ଥୀ।

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଗତ ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ବୈଠକ ପରେ ୦.୨୫ ପ୍ରତିଶତ ରିପୋରେଟ ହ୍ରାସ ଘୋଷଣା କଲା ବେଳେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଦୁର୍ବଳ ସ୍ଥିତି ସଂପର୍କରେ କୌଣସି ମତାମତ ନଦେବା ବିସ୍ମୟକର। ଅଥଚ ରିଜର୍ଭବ୍ୟାଙ୍କ ଡଲାର କ୍ରୟ କରି ଭାରତୀୟ ମୁଦ୍ରାକୁ ସବଳ କରିବା ସକାଶେ ପାରୁପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଛନ୍ତି। ରିପୋରେଟ ୪ଟି କିସ୍ତିରେ ହ୍ରାସ ପାଇ ୫.୨୫ ପ୍ରତିଶତରେ ପହଞ୍ଚିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି ବ୍ୟାଙ୍କ କାରବାର ଉପରେ। ଦେଶର ବାଣିଜ୍ୟକୁ ନେଇ ଉପୁଜିଥିବା ପ୍ରତିକୂଳ ପରିସ୍ଥିତିରେ ରପ୍ତାନିଯୋଗ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଏହି କୋହଳ ସୁଧହାରର ସଠିକ ଉପଯୋଗ ହୋଇପାରିଛି କି? ଏହାର ଉତ୍ତର ହେଉଛି ଭାରତ ପାଇଁ ବ୍ୟାଙ୍କରେ ରହିଛି ନାନା କଟକଣା। କିଏ ଯୁଝିବ, କିଏ ଉପରକୁ ଉଠିବ?

# ଆମ ସମୟର କିଛି କଥା, କିଛି ବ୍ୟଥା

ଆରାଧନା ଦାଶ

ଏବେ ଆମ ଦେଶର ଜନସଂଖ୍ୟା ବୃଦ୍ଧି ସହିତ ଲୋକମାନଙ୍କର ଜୀବନଯାପନ ଶୈଳୀ ମଧ୍ୟ ବଦଳୁଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ମଣିଷ ଜୀବନକୁ ଅଧିକ ସହଜ ଓ ଆରାମଦାୟକ କରିଛି। ହାତ ପାଆନ୍ତାରେ ମିଳୁଛି ସୁଖ ସ୍ୱାଚ୍ଛନ୍ଦର ସବୁ ସାମଗ୍ରୀ। ମାତ୍ର ଆମ ମାନଙ୍କର ଅସାବଧାନତା ଯୋଗୁଁ ଅନେକ ବର୍ଷର ପରମ୍ପରା ଓ ସଂସ୍କୃତିର ଅବକ୍ଷୟ ହୋଇଚାଲିଛି। ମଣିଷ ପୁରୁଣା ସଂସ୍କୃତିର ଗଳାଚିପି ପାଶ୍ଚାତ୍ ସଂସ୍କୃତିକୁ ବେଶୀ ଆପଣେଇ ନେଇଛି। ଏପରି ଏକ ପରିସ୍ଥିତିର ଗମ୍ଭୀରତା ସଂପର୍କରେ ଜାଣି ମଧ୍ୟ ଆମେ ସମସ୍ତେ ଚୁପ୍ ରହିଛେ।

ସମୟର ସ୍ରୋତରେ ଆମେ ସମସ୍ତେ ଆଗକୁ ଆଗକୁ ଆଗେଇ ଚାଲିଛୁ। ପ୍ରତ୍ୟେକ ମଣିଷ ଜୀବନ ସଂଗ୍ରାମ ପାଇଁ ସଂଘର୍ଷରତ। କିନ୍ତୁ ଏହାର ଶେଷ କେଉଁଠି? ଆମେ ସମସ୍ତେ ନଦୀ କୂଳରେ ଠିଆ ହୋଇ ପାଣି ପାଣି ହେଉଛୁ। ହେଲେ ଶୋଷ ମେଣ୍ଟୁଛି କେଉଁଠି? ଆମେ ସମସ୍ତ ବୁଦ୍ଧିଜୀବୀ ସଭା ସମିତିରେ ନିଜ ଭାଷା ପାଇଁ ଭାଷଣ ଦେଉଛୁ, ସଂସ୍କୃତିର ସୁରକ୍ଷା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛୁ। କିନ୍ତୁ ଏଥିରେ କ'ଣ ସଂସ୍କୃତିର ସୁରକ୍ଷା ହୋଇପାରୁଛି? ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର ଏବେ ମଧ୍ୟ ଅପେକ୍ଷା କରିଛି କେବେ ତା'ଦେଶର ଜନତା ସଚେତନ ହେବେ! କେବେ ତାଙ୍କର ନିଦ ଭାଙ୍ଗିବ! ଆଉ କେବେ ଫେରିବ ନବ ଜାଗରଣ! ହେଲେ କଳ୍ପନାଠାରୁ ବାସ୍ତବିକତା ଯେ ଅନେକ ଦୂର ଆଉ ଏକଥା ବୁଝିବାକୁ ଡେରି ନାହିଁ।

ଯୁଗର ପରିବର୍ତ୍ତନ ହୋଇଛି ସତ; କିନ୍ତୁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସୁନାହିଁ। ଆମେ ସମସ୍ତେ ଆଜି ଆତ୍ମକୈନ୍ଦ୍ରିକ ହୋଇପଡ଼ିଛୁ। କ୍ଷଣିକ ମୋହର ବଶବର୍ତ୍ତୀ ହୋଇ ଯେକୌଣସି ହୀନ କାମ କରିବାକୁ ପଛାଉନାହୁଁ। ଏବେ ତ ଦେଖାଯାଉଛି ରାଜକୋଷରୁ କେତେ ଧନ ବାଣ୍ଟିଲେ ଭୋଟ ହାତେଇବାକୁ ସୁବିଧା ହେବ ସେ ନେଇ ନେତାମାନେ ବ୍ୟସ୍ତ। କିଛି ଅସୁବିଧା ନ ଥିଲେ ମଧ୍ୟ ଛତର (ରିଲିଫ୍) ଖାଇବା ପାଇଁ ଆମେ ରାଜରାସ୍ତା ଉପରେ ବସିବାକୁ କୁଣ୍ଠାବୋଧ କରୁନାହୁଁ। ଦରିଦ୍ରନାରାୟଣଙ୍କ ସେବା କରିବା ତ ଦୂରର କଥା କେଉଁବାଟେ ସେମାନେ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ ହେବେ ସେହି କାର୍ଯ୍ୟ କରିବା ପାଇଁ ଆମେ ସଦାତତ୍ପର। ସବୁଠାରୁ ଦୁଃଖର କଥା ଆମ ଦେଶର ଲୋକମାନେ ଯେତେ ସୁଖରେ ଥିଲେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ନାମ ରଖିବାକୁ ବିଭିନ୍ନପ୍ରକାର କୌଶଳ ଅବଲମ୍ବନ କରି ସୁଯୋଗ ହାତେଇବାକୁ ଆଗ୍ରହୀ। ଫଳରେ ଏମାନଙ୍କ ସଂଖ୍ୟା ବଢ଼ି ବଢ଼ିଚାଲିଛି।

ପ୍ରତିଦିନ ଖବରକାଗଜର ପୃଷ୍ଠାମଣ୍ଡନ କରେ କିଛି କାପୁରୁଷତାର, ଆଉ କିଛି ବର୍ବରତାର କାହାଣୀ ତ କେତେବେଳେ ଅବକ୍ଷୟ ଓ ଅଧୋଗତିର ବାର୍ତ୍ତା। ଦିନକୁ ଦିନ ବଢ଼ି ଚାଲିଛି ଆତଙ୍କବାଦ ଆଉ ପୁଞ୍ଜିବାଦର ଆଧିପତ୍ୟ। ଧର୍ମ, ପ୍ରେମ ଓ ସାମ୍ପ୍ରଦାୟିକତା ନାମରେ ପ୍ରତିଦିନ ଘଟୁଛି ରକ୍ତାକ୍ତ ଘଟଣା। ଚାରିତ୍ରିକ ଦୁର୍ବଳତା ଓ ଆତ୍ମିକ ଇଚ୍ଛାଶକ୍ତିର ଅଭାବ ଆମକୁ ଭ୍ରଷ୍ଟାଚାର ଆଡ଼କୁ ଟାଣି ନେଉଛି। ଆମେ ଭୁଲିଛୁ ଆମର ନୈତିକ କର୍ତ୍ତବ୍ୟ ଆଉ ଆମର ସମାଜ ତଥା ଦେଶ ପ୍ରତି ଦାୟିତ୍ୱ। ତ୍ୟାଗ ଓ ମଣିଷପଣିଆ ସତେଯେମିତି ଆମଠାରୁ ବହୁଦୂରକୁ ଚାଲି ଯାଇଛି। ଏସବୁ ପାଇଁ ଆମେ ସମସ୍ତେ ନିଜ ନିଜକୁ ଦାୟୀ କରିବା ଉଚିତ୍।

ଉପଯୁକ୍ତ ସମାଜଟିଏ ଗଠନ କରିବା ପୂର୍ବରୁ ଉତ୍କୃଷ୍ଟ ଭାଷା, ଉଚ୍ଚ ଚିନ୍ତାଧାରା, ନିଃସ୍ୱାର୍ଥପରତା ଓ ସୁସ୍ଥ ମାନସିକତା ରହିବା ନିତାନ୍ତ ଆବଶ୍ୟକ। କିନ୍ତୁ ଆଜି ତାହା ସମ୍ଭବ ହୋଇ ପାରୁନାହିଁ। କାରଣ ମଣିଷ ଆଜି ତା' ନିଜ ଭାଷାକୁ ଆପଣେଇ ପାରୁନାହିଁ କି ନିଜ ମାତୃଭୂମିକୁ ଶ୍ରଦ୍ଧା ମଧ୍ୟ କରି ପାରୁନାହିଁ। ଏପରିସ୍ଥଳେ ଗୋଟିଏ ସୁସ୍ଥ ସମାଜର ପରିକଳ୍ପନା କ'ଣ ସମ୍ଭବ? ଗୋଟିଏ ଭଲ ସମାଜ ଗଠନ ପାଇଁ କିଛି ଭଲ ନାଗରିକଙ୍କର ଆବଶ୍ୟକତା ରହିଛି। ଏବେ ଦେଖା ଦେଉଛି ପ୍ରତ୍ୟେକ ପରିବାରରେ ସ୍ନେହ ପ୍ରେମର ଅଭାବ। ଆମେ ସମସ୍ତେ ବସ୍ତୁବାଦୀ ହୋଇପଡୁଛୁ ଏବଂ କିଛି ବସ୍ତୁକୁ ଆଖି ଆଗରେ ରଖି ଆମେ ସମସ୍ତେ ସେହି ଲକ୍ଷ୍ୟରେ ଧାଉଁଛୁ। ତେଣୁ ଆଦର୍ଶ ଓ ସତ୍‌ପଥର ପ୍ରତିକୂଳରେ ଆମେ ପ୍ରବାହିତ ହୋଇ ଚାଲିଛୁ।

ଯୌଥ ପରିବାର ଅଭାବ ଗୋଟିଏ ଶିଶୁର ଅନ୍ୟକୁ ଭଲ ପାଇବା ଏବଂ ସମାଜ ପାଇଁ କିଛି କରିବାର ମନୋବୃତ୍ତି କ୍ରମଶଃ କମି ଯାଉଛି। ପିଲାଦିନରୁ ଆଜିର ଶିଶୁ ଏକ ଯନ୍ତ୍ର ପରି ବଢୁଛି। ତା'ର ନୈତିକ କର୍ତ୍ତବ୍ୟ କ'ଣ ସେ ଜାଣିପାରୁ ନାହିଁ। ତା'ର ପରିବାର, ପଡ଼ୋଶୀ, ଗାଁ, ସର୍ବୋପରି ସମାଜ ପ୍ରତି ଯେ ତା'ର କିଛି କର୍ତ୍ତବ୍ୟ ରହିଛି ସେ ତାହା ଜାଣିପାରୁନି। ଯେଉଁ ପିଲା ନିଜର ବାପା ମାଆ ତଥା ପଡ଼ୋଶୀଙ୍କର ଦୁଃଖରେ ସାମିଲ୍ ହୋଇନାହିଁ ସେ ସମାଜ ପ୍ରତିଥିବା ତା'ର କର୍ତ୍ତବ୍ୟକୁ କିପରି ବା ବୁଝି ପାରିବ? ପିଲାବେଳୁ ସେମାନଙ୍କ ମୁଣ୍ଡରେ ପାଠପଢ଼ା ଓ ପରୀକ୍ଷା ଚିନ୍ତା ଛଡ଼ା ଅନ୍ୟ କୌଣସି ଭାବନା ପଶିବାକୁ ଦିଆଯାଉନାହିଁ। ସେମାନଙ୍କ ପାଇଁ ଜୀବନଟା କେତେଗୁଡ଼ିଏ ପରୀକ୍ଷାର ସମାହାର ପାଲଟି ଯାଇଛି। ତାଙ୍କର ଶୈଶବ ଆଜି ଅପହୃତ। ଶୈଶବର ଚପଳତା, ଶିଶୁର ଦରୋଟି ହସଠାରୁ ସେମାନେ ବହୁଦୂରରେ। ସେ ଦେଖୁଛି ତା' ଚାରି ପାଖର ସମସ୍ତ ବ୍ୟକ୍ତି ବସ୍ତୁବାଦୀ ହୋଇ ମାୟା ମରୀଚିକା ପଛରେ ଧାଇଁଛନ୍ତି। ସେ ଅବା ସେଥିରୁ ବାଦ୍ ପଡ଼ନ୍ତା କିପରି? ନିଜର ସଂସ୍କାର ଓ ସଂସ୍କୃତି ବିଷୟରେ ଭାବିବାକୁ ତା'ର ବେଳ ବା କାହିଁ?

ଏପରି ଅବସ୍ଥାରେ ଭାରତୀୟ ପରମ୍ପରା ଓ ଉତ୍କଳୀୟ ସଂସ୍କୃତି ଆଜି ଧୀରେ ଧୀରେ ତା'ର ସତ୍ତା ହରାଉଛି। ସମସ୍ତେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇବାରେ ବ୍ୟସ୍ତ। ଯେଉଁ ଦେଶ ତା'ର ମହାନ ସଂସ୍କୃତି ପାଇଁ ବିଶ୍ୱ ଦରବାରରେ ପରିଚିତ ଥିଲା, ତା'ର ସାଂସ୍କୃତିକ ଅବକ୍ଷୟରେ ମଧ୍ୟ ତା'ର ଅତୀତ ଗୌରବକୁ ନିଶ୍ଚୟ ହରାଇ ବସିବ। ଆଜି ଦେଶରେ କୋଣ ଅନୁକୋଣରେ ସହରୀ ସଭ୍ୟତା ମୁଣ୍ଡଟେକିଛି। ଏହି ସଭ୍ୟତାର ରସାସ୍ୱାଦନରେ ଆମେ ସମସ୍ତ ବିଭୋର। ସମସ୍ତେ ଗାଁ କୁ ଛାଡ଼ି ଆଜି ସହରାଭିମୁଖୀ। ସହରର ଚାକଚକ୍ୟ, କୋଠାବାଡ଼ି, ଗାଡ଼ିମଟର ସବୁ ଆମର ଅତିପ୍ରିୟ ହୋଇପଡ଼ିଛି। ଗାଁ ତୋଟାମାଳ ନଦୀକୂଳ ସବୁ ଆଜି ଖାଁ ଖାଁ। ଗାଁମାନଙ୍କର ଥିବା ଭାଗବତ ଟୁଙ୍ଗି ଆଜି ଶ୍ରୀହୀନ। ଗାଁକୁ ରଜ ଆସିଲେ ଜଣାପଡୁନି। ପାନଭଙ୍ଗା, ପିଠାପଣା, ବାଗୁଡ଼ିଖେଳ ଓ ଦୋଳିଖେଳ ସବୁ ଆଜି ସ୍ୱପ୍ନ ପାଲଟିଛି। ହୋଲି, ଦୀପାବଳି ଭଳି ବିଭିନ୍ନ ପର୍ବପର୍ବାଣିରେ କୋଳାହଳରେ ଫାଟି ପଡୁଥିବା ଗାଁ ଦାଣ୍ଡ ଆଜି ଶୂନଶାନ୍। ଘର ଅଗଣାରେ ଚଉଁରା ଅଛି, ହେଲେ ମୁରୁଜ ଆଉ ଝୋଟି, କାର୍ତ୍ତିକ ମାସରେ ନାମ ସଂକୀର୍ତ୍ତନରେ ଫାଟି ପଡୁଥିବା ଗାଁ ଦାଣ୍ଡ ଆଜି ନିରବ ହୋଇପଡ଼ିଛି। ସବୁକିଛି ତା'ର ପୂର୍ବ ମହିମା ହରେଇ ବସିଛି। ପିଲାର ଜନ୍ମଦିନରେ ଆଉ କେହି ମେଳା ପୂଜାଟିଏ କରୁନାହିଁ, ବରଂ ପାଶ୍ଚାତ୍ୟଦେଶର କେକ୍ କଟା ଆଉ ମହମବତୀ ଜଳା ଏବେ ଘରେ ଘରେ ପ୍ରଚଳିତ। ପୂଜାପାର୍ବଣରେ ଅଶ୍ଳୀଳ ନାଚ ଆଉ ଗୀତରେ ଫାଟି ପଡୁଛି ପରିବେଶ, ତାହା ପୁଣି ଗୁରୁଜନମାନଙ୍କ ଆଗରେ। ଏସବୁ ଦେଖି ଆମେ ମଧ୍ୟ କେବେ ପ୍ରତିବାଦ କରିନୁ। ଏ ସବୁ ଆମ ସଂସ୍କୃତିର ଅବକ୍ଷୟର ଗୋଟିଏ ଗୋଟିଏ ନିଛକ ନମୁନା। ଆମ ସଂସ୍କୃତିକୁ ଭଲ ପାଇବାର ଅଭାବ ହିଁ ଆଜି ଆମ ବିପନ୍ନତାର କାରଣ।

ବସ୍ତୁବାଦୀ ଦୁନିଆ ପଛରେ ଦୌଡ଼ି ଦୌଡ଼ି ଆମେ ଯେତେ ହିନସ୍ତା ହେଲୁଣି ତାହା ଆମେ ସମସ୍ତେ ଜାଣିଛୁ। ଆମର ସୁଦୃଢ଼ ପାରିବାରିକ ଭିତ୍ତିଭୂମି, ସୁସ୍ଥ ସମାଜ ବ୍ୟବସ୍ଥା ଆଜି ଧ୍ୱଂସାଭିମୁଖୀ। ବୁଦ୍ଧିଜୀବୀମାନେ ନିର୍ବିକାର। ସରକାର ନିର୍ଲିପ୍ତ, ଦେଶବାସୀ ସୁପ୍ତ। ଆମେ ସମସ୍ତେ ମାୟା ସଂସାରରେ ପାର୍ଥିବ ବସ୍ତୁ ପ୍ରତି ଅଧିକ ମୋହଗ୍ରସ୍ତ। ଲୋଭର ବଶୀଭୂତ ହୋଇ ଆମେ ନିଜର ବୁଦ୍ଧି ବିବେକକୁ ଜଳାଞ୍ଜଳି ଦେଉଛୁ। ନିଜକୁ ନିଜେ ଶୁଣିବା ପାଇଁ ଭଲ କାନଟିଏ ଏବଂ ନିଜେ ନିଜକୁ ଦେଖିବା ପାଇଁ ଯେଉଁ ଆଖିଟିଏ ଆବଶ୍ୟକ ହୁଏ, ତାହାକୁ ଆମେ ଗୁରୁତ୍ୱ ଦେଉନାହୁଁ। ଶ୍ରୀଅରବିନ୍ଦଙ୍କ ଭାଷାରେ ଏ ଦୁନିଆରେ ଏମିତି କେହି ବ୍ୟକ୍ତି ନାହାନ୍ତି, ଯାହାର ଜୀବନ ତ୍ରୁଟିରହିତ। କିନ୍ତୁ ଏହି ତ୍ରୁଟି ଆଦୌ ଅସାମର୍ଥ୍ୟର ଚିହ୍ନ ନୁହେଁ। ଏହି ତ୍ରୁଟିକୁ ସୁଧାରିବା ପାଇଁ ଚେଷ୍ଟା ନକରିବା ହିଁ ବିଡ଼ମ୍ବନା। ଥରେ ପରିବର୍ତ୍ତନ ରୂପୀ ଫୁଲର ବାସ୍ନାରେ ବିମୋହିତ ହେଲେ ଆଉ ନର୍ଦ୍ଦମାର ଦୁର୍ଗନ୍ଧ ଆଡ଼କୁ ମନ ଯିବ ନାହିଁ।

ଆମର ଅତୀତ ଆମ ଆୟତ୍ତରେ ନାହିଁ। ଭବିଷ୍ୟତ ମଧ୍ୟ ଅନିଶ୍ଚିତତା ମଧ୍ୟରେ। କେବଳ ବର୍ତ୍ତମାନ ହିଁ ସତ୍ୟ ଓ ଆମ ଆୟତ୍ତାଧୀନ। ତେଣୁ ବର୍ତ୍ତମାନ ପ୍ରତି ସଚେତନତା ହିଁ ବୁଦ୍ଧିମାନର କାର୍ଯ୍ୟ। ଏଥିନିମନ୍ତେ ଆମେ ଅଧିକରୁ ଅଧିକ ସଚେତନ ହେବା ପାଇଁ ପ୍ରୟାସ କରିବାକୁ ପଡ଼ିବ। ପ୍ରତି ମୁହୂର୍ତ୍ତରେ ଠିକ୍ ଓ ଭୁଲ୍‌ର ତର୍ଜମା କରି ଠିକ୍ ମାର୍ଗରେ ଯିବାକୁ ହେବ। ସତ୍ୟର ସନ୍ଧାନ କରିବାକୁ ହେବ। ନଚେତ ନେଡ଼ିଗୁଡ଼ କହୁଣୀକୁ ବୋହି ସାରିଥିବ।

(ପ୍ରଧାନ ଶିକ୍ଷୟିତ୍ରୀ)
କେନ୍ଦ୍ରାପଡ଼ା, ମୋ: ୯୯୩୭୩୦୬୬୭୯

# ଘାତକ ହେଉଛି ବାୟୁ

ବୈଷ୍ଣବ ମେହେର

ଉତ୍ତର ଭାରତରେ ଭୟଙ୍କର ବାୟୁ ପ୍ରଦୂଷଣକୁ ନେଇ ଲୋକସଭା ଓ ରାଜ୍ୟସଭାର ଚଳିତ ଅଧିବେଶନରେ ବିରୋଧୀ ଦଳଙ୍କ ଦ୍ୱାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀ ଏନସିଆର ଓ ଉତ୍ତର ଭାରତର ଅନେକ ସହରରେ ଏକ୍ୟୁଆଇ ୪୦୦ ଅତିକ୍ରମ କରି ଗମ୍ଭୀର ସ୍ତରରେ ରହିଥିବା ଦର୍ଶାଇ ବିରୋଧୀ ଦଳ ଜାତୀୟ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା କରିବାକୁ ଦାବି କରିଛନ୍ତି। କେବଳ ରାଜନୈତିକ ସ୍ତରରେ ନୁହେଁ, ବାୟୁ ପ୍ରଦୂଷଣକୁ ନେଇ ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉଦବେଗ ପ୍ରକାଶ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ୟାର ସମାଧାନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ବାୟୁ ଗୁଣବତ୍ତା ପରିପାଳନ ଆୟୋଗ (ସିଏକ୍ୟୁଏମ) କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ତଥ୍ୟ ଅନୁସାରେ ୨୦୨୧ ନଭେମ୍ବରରେ ରାଜଧାନୀ ଦିଲ୍ଲୀର ହାରାହାରି ଏକ୍ୟୁଆଇ ମାତ୍ର ୨୮ ଥିବା ବେଳେ ୨୦୨୨ରେ ୨୨୭, ୨୦୨୩ରେ ୨୧୮ ଓ ୨୦୨୪ରେ ୩୦୩କୁ ବୃଦ୍ଧି ପାଇଥିଲା। ବିଶେଷଜ୍ଞଙ୍କ ମତରେ ସାଧାରଣ ବାୟୁର ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦ କିମ୍ବା ତା'ଠାରୁ ତଳକୁ ରହିଲେ ଏହା ଉତ୍ତମ ବାୟୁ ବୋଲି ଧରାଯାଏ। ଅପରପକ୍ଷେ ସୂଚକାଙ୍କ ୫୦ ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ, ୧୦୧ ରୁ ୨୦୦ ମଧ୍ୟରେ ମଧ୍ୟମ, ୨୦୧ ରୁ ୩୦୦ ଭିତରେ ସାଂଘାତିକ ଓ ୩୦୧ ରୁ ୪୦୦ ମଧ୍ୟରେ ରହିଲେ ଅତିସାଂଘାତିକ ବୋଲି କୁହାଯାଏ।

୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ସାତବର୍ଷ ଧରି ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାର ଶୀର୍ଷରେ ରହିଛି ବୋଲି ସ୍ୱିସ୍ କମ୍ପାନିର ଆଇକ୍ୟୁଏୟାର କହିଛି। ଦୁଇବର୍ଷ ତଳେ ଦିଲ୍ଲୀ ଓ ମୁମ୍ବାଇର ୪୦୦ ଲୋକଙ୍କ ଉପରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ପ୍ରିଷ୍ଟିନ କେୟାର ଦ୍ୱାରା କରାଯାଇଥିବା ସର୍ବେକ୍ଷଣରେ ପ୍ରତି ୧୦ ଜଣରେ ୯ ଜଣ ପ୍ରଦୂଷିତ ବାୟୁ ଦ୍ୱାରା ପ୍ରଭାବିତ ବୋଲି ଜଣାପଡ଼ିଛି। ପୀଡ଼ିତ ବ୍ୟକ୍ତିମାନେ କାଶ, ଶ୍ୱାସକ୍ରିୟା ସମସ୍ୟା, ମୁଣ୍ଡ ବୁଲାଇବା, ଗଳା ଯନ୍ତ୍ରଣା, ଆଖିଖରାପ ଭଳି ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି। ବାୟୁ ପ୍ରଦୂଷଣ ଅନେକ ସାଂଘାତିକ ରୋଗର ବାହକ ହେଉଛି। ଏଥିଯୋଗୁଁ କର୍କଟ, ହୃଦରୋଗ ଓ ଶ୍ୱାସପ୍ରଶ୍ୱାସ ଜନିତ ରୋଗ ସହ ଛୋଟ ପିଲାଙ୍କ ମସ୍ତିଷ୍କର ବିକାଶରେ ବାଧକ ହେବା ନିଶ୍ଚିତ ଉଦବେଗର ବିଷୟ। ବାୟୁ ପ୍ରଦୂଷଣ ଦ୍ୱାରା ମଣିଷର ପ୍ରଜନନ ଶକ୍ତି ପ୍ରଭାବିତ ହେଉଥିବା ମଧ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସମ୍ବେଦନଶୀଳ ବିଷୟ ଯେ, ପ୍ରଦୂଷିତ ବାୟୁ ଯୋଗୁଁ କୋଭିଡ୍ ଟିକାର ପ୍ରଭାବ ହ୍ରାସ ପାଉଥିବା ଭଳି ଚିନ୍ତାଜନକ ତଥ୍ୟ ମଧ୍ୟ ସାମନାକୁ ଆସିଛି। 'ଜର୍ଣ୍ଣାଲ୍ ଅଫ୍ ହେଲଥ୍ ପରସପ୍ଷେକ୍ଟିଭ'ରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ କୋଭିଡ୍ ଟିକାରେ ଆଣ୍ଟିବଡି ପ୍ରସ୍ତୁତ କରୁଥିବା ପ୍ରକ୍ରିୟାକୁ ବାୟୁ ପ୍ରଦୂଷଣ ପ୍ରଭାବିତ କରୁଥିବା ସ୍ପଷ୍ଟ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପ୍ରଦୂଷିତ ବାୟୁ କାରଣରୁ ବିଶ୍ୱରେ ବର୍ଷକୁ ପାଖାପାଖି ୫୦ ଲକ୍ଷରୁ ଅଧିକ ଏବଂ ଭାରତରେ ପ୍ରାୟ ପାଞ୍ଚଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି।

ଓଡ଼ିଶାରେ ମଧ୍ୟ ବାୟୁ ପ୍ରଦୂଷଣର ମାତ୍ରା କିଛି କମ ନୁହେଁ। ବାୟୁମଣ୍ଡଳକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରଖିବାକୁ ପଦକ୍ଷେପ ନେବା ପାଇଁ ଗତ ଜୁନ ମାସରେ ଓଡ଼ିଶାରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି) ଆରମ୍ଭ କରାଯାଇଛି। ସେହିଭଳି ଜାତୀୟ ସ୍ତରରେ ବାୟୁମଣ୍ଡଳର ସ୍ୱଚ୍ଛତା ନିମନ୍ତେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) କାର୍ଯ୍ୟ କରୁଥିବା ବେଳେ ଏହା ଅଧୀନରେ ଆମ ରାଜ୍ୟର ରାଉରକେଲା, ଅନୁଗୁଳ, ତାଳଚେର, ବାଲେଶ୍ୱର, ରାଇରଙ୍ଗପୁର, କଟକ ଓ ଭୁବନେଶ୍ୱର ଭଳି ଶିଳ୍ପାଞ୍ଚଳ ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଅପେକ୍ଷାକୃତ ଅଧିକ ପଦୂଷିତ ବଡ଼ବିଲ, ବ୍ରହ୍ମପୁର, ବେଲପାହାଡ଼, ବଣାଇ, ବ୍ରଜରାଜନଗର, ଝାରସୁଗୁଡ଼ା, ଯୋଡ଼ା, କେନ୍ଦୁଝର, ପାରାଦୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହରକୁ ପ୍ରାଧାନ୍ୟ ଦିଆଯାଇଛି।

ଦେଶର ଛୋଟ ପିଲାଙ୍କଠାରୁ ବୟସ୍କ ଯାଏଁ ପ୍ରଦୂଷିତ ବାୟୁଣ୍ଡଳର ଅଦୃଶ୍ୟ ବିଷ ପ୍ରଭାବରେ ଯେ କେବଳ ଆକ୍ରାନ୍ତ ହେଉଛନ୍ତି ତା'ହା ନୁହେଁ, ବରଂ ଏହା ଯୋଗୁଁ ଦେଶର ଅର୍ଥନୀତି ଉପରେ ମଧ୍ୟ ଭୟାବହ ପ୍ରଭାବ ପଡ଼ିଆସୁଛି। ପ୍ରଦୂଷିତ ବାୟୁର ପ୍ରଭାବରେ ଆକ୍ରାନ୍ତ ହୋଇ ଫୁସଫୁସ କର୍କଟ, ପିଲାଙ୍କ ଶ୍ୱାସ ସମସ୍ୟା, ବୟସ୍କଙ୍କ ହୃଦରୋଗ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାରେ ପ୍ରପୀଡ଼ିତ ଦେଶର ଲକ୍ଷଲକ୍ଷ ପରିବାରର ଚିକିତ୍ସା ଜନିତ ଆର୍ଥିକ କ୍ଷତି ଯୋଗୁଁ ଗତ ୨୦୨୨ରେ ଆମ ଦେଶର ଜିଡିପିର ୯.୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ଜଣାପଡ଼େ।

ମଣିଷ ଚାହିଁଲେ ବାୟୁ ପ୍ରଦୂଷଣକୁ ଅନେକାଂଶରେ ନିୟନ୍ତ୍ରଣ କରିପାରିବ। ଅତୀତରେ ଆମ ଦେଶରେ ଚୁଲି କାଠ ଜାଳି ପାରମ୍ପରିକ ପଦ୍ଧତିରେ ରୋଷେଇ କରାଯାଉଥିଲା। ଫଳରେ ଲକ୍ଷଲକ୍ଷ ପରିବାରରୁ ପ୍ରତ୍ୟହ ଧୂଆଁ ବାହାରି ବାୟୁଣ୍ଡଳକୁ ପ୍ରଦୂଷିତ କରୁଥିଲା। ଏବେ ଏହି ରୋଷେଇ ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ଘଟି ଧୂଆଁମୁକ୍ତ ରୋଷେଇ ପ୍ରକ୍ରିୟାକୁ ଆପଣା ଯାଇସାରିଛି। ଜୀବାଶ୍ମ ଇନ୍ଧନ ଧୀରେଧୀରେ ବନ୍ଦ କରି ସୌର, ପବନ, ଜଳବିଦ୍ୟୁତ ଆଦି ସ୍ୱଚ୍ଛ ଶକ୍ତିକୁ ଏବେ ବହୁଳ ବ୍ୟବହାର କରିବାର ସମୟ ଆସିଛି। ଏଭଳି ଉପଯୋଗୀ ବିକଳ୍ପ ପଦ୍ଧତି ପାରମ୍ପରିକ ଶବଦାହ, ଯାନବାହନ ଚଳାଚଳ, ଶିଳ୍ପାୟନ ଆଦି କ୍ଷେତ୍ରରେ ଆପଣାଯାଇ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସଂରକ୍ଷଣ ସହ କଳକାରଖାନାଗୁଡ଼ିକରେ କଠୋର ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଲାଗୁ, ଫିଟନେସ ଯୁକ୍ତ ଯାନବାହନ ଚଳାଚଳ, ବ୍ୟକ୍ତିଗତ ଗାଡ଼ି ବଦଳରେ ସାର୍ବଜନୀନ ଗାଡ଼ି ସେବାର ବ୍ୟବହାରକୁ ପ୍ରାଧାନ୍ୟ, ବିଦ୍ୟୁତଶକ୍ତିର ଅପବ୍ୟବହାର ଓ ପ୍ଲାଷ୍ଟିକ ବ୍ୟବହାରରେ କଟକଣା, ଆବର୍ଜନା ଜଳାଇବା ବନ୍ଦ କରିବା ଆଦି ବିହିତ ପଦକ୍ଷେପ ବାୟୁରେ ସ୍ୱଚ୍ଛତା ଆଣିବାରେ ସହାୟକ ହୋଇପାରିବ।

ସୁନ୍ଦର ଜୀବନ ପାଇଁ ସ୍ୱଚ୍ଛ ଜଳ ଭଳି ନିର୍ମଳ ବାୟୁ ମଧ୍ୟ ଅତ୍ୟନ୍ତ ଜରୁରୀ। ଆମେ ନିଜେ ଯଦି ବାୟୁକୁ ସ୍ୱଚ୍ଛ, ପ୍ରଦୂଷଣ ମୁକ୍ତ ନରଖିବା ତେବେ ଆଗାମୀ ଦିନରେ ସ୍ୱଚ୍ଛ ବାୟୁ ପାଇବା ଦୁଃସ୍ୱପ୍ନ ହୋଇଯିବ।

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

# ମାନସିକ ଚାପ ନିବାରକ ତୁଳସୀ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ସଂସ୍କୃତିରେ ତୁଳସୀ କେବଳ ପବିତ୍ରତମ ବୃକ୍ଷ ନୁହେଁ, ଆମ ଆୟୁର୍ବେଦରେ ମଧ୍ୟ ରହିଛି ଏହାର ଔଷଧୀୟ ଗୁଣ ସମ୍ପର୍କରେ ବହୁଳ ସୂଚନା। ଏହି ସୁଦୀର୍ଘ ତାଲିକାରେ ଏବେ ନୂଆ ହୋଇ ଯୋଗ ଦେଇଛି ତାହାର ମାନସିକ ଚାପ ହ୍ରାସକାରୀ ସାମର୍ଥ୍ୟ। ନିକଟରେ 'ଦ ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍'(ଅଗଷ୍ଟ ୨୦୨୫ ସଂଖ୍ୟା)ରେ ପ୍ରଦତ୍ତ ଏକ ସୂଚନା ଅନୁସାରେ ଏହା ଶରୀରରୁ 'ଚାପ ହର୍ମୋନ୍' ବୋଲି କୁହାଯାଉଥିବା 'କୋର୍ଟିସଲ୍'ର ସ୍ତର ନିମ୍ନଗାମୀ କରି ମାନସିକ ଚାପ ଏବଂ ଅସନ୍ତୁଳନକୁ ଦୂର କରେ।

ଆମ ମନରେ ନାନାଦି କାରଣରୁ ଚାପ ବୃଦ୍ଧି ଘଟେ। ଏହାର ପ୍ରାକୃତିକ ପ୍ରତିକ୍ରିୟା ରୂପେ ଶରୀରରେ ଏହାର କ୍ଷରଣ ଅଧିକ ହୁଏ। ଏହା ସାଧାରଣ ମାତ୍ରାରେ ଘଟିଲେ କିମ୍ବା ଅଳ୍ପ ସମୟ ପାଇଁ ଅଧିକ ହେଲେ ତାହାର ପ୍ରଭାବ ଦୃଶ୍ୟମାନ ହୁଏ ନାହିଁ। କିନ୍ତୁ ଦୀର୍ଘ ସମୟ ଧରି ତାହା ହେଲେ ଦେହ ଓ ମନ ଉପରେ ନାନାଦି କୁପ୍ରଭାବ ପଡ଼େ। ଫଳରେ ଦୁଶ୍ଚିନ୍ତା ଓ ରକ୍ତଚାପ ବୃଦ୍ଧି, ରୋଗ ପ୍ରତିରୋଧ ଶକ୍ତି ହ୍ରାସ, ହୃତ୍‌ସ୍ପନ୍ଦନ ହାର ବୃଦ୍ଧି, ରକ୍ତ ଶର୍କରାର ସ୍ତର ଊର୍ଦ୍ଧ୍ୱଗାମୀ ହେବା ଆକାରରେ ତାହା ପ୍ରକଟିତ ହୋଇଥାଏ। ତୁଳସୀ ଏସବୁ ଦୂର କିମ୍ବା ହ୍ରାସ କରେ। ଏହାର ପତ୍ରରେ ରହିଛି ନାନାଦି ସ୍ୱାସ୍ଥ୍ୟ ପ୍ରଦାନକାରୀ ଉପାଦାନ। ସେଗୁଡ଼ିକ ହେଲା ବିବିଧ ପ୍ରକାର ପଲିଫିନଲ୍, ଫ୍ଲାଭାନଏଡ, ଭିଟାମିନ୍, ଧାତବ ଲବଣ, ଆଲ୍କା ଲଏଡ, ଟ୍ୟାନିନ୍, ଗ୍ଲାଇକୋସାଇଡ ଓ ଫ୍ୟାଟି ଏସିଡ୍। ଏହି ଫ୍ୟାଟି ଏସିଡମାନଙ୍କ ଅନ୍ତର୍ଭୁକ୍ତ ହେଲା ୟୁରୋସୋଲିକ୍ ଏସିଡ୍ ଓ ୟୁଜେନଲ। ଏ ଦୁଇଟି ରସାୟନ ଶରୀର ମଧ୍ୟରେ 'କୋର୍ଟିସଲ୍' ର ସ୍ତର ହ୍ରାସ କରନ୍ତି।

କୋର୍ଟିସଲ୍ ଉପରେ ତୁଳସୀର ଏଭଳି ପ୍ରଭାବ ୨୦୨୪ ମସିହାରେ ଆବିଷ୍କୃତ ହୋଇଥିଲା ଜାତୀୟ ଆୟୁର୍ବେଦିକ ସଂସ୍ଥାନର ଗବେଷକମାନଙ୍କ ଦ୍ୱାରା। ସେମାନଙ୍କ ପରୀକ୍ଷାରେ ୧୮ ରୁ ୨୫ ବର୍ଷ ବୟସ୍କ ୧୦୦ ଜଣ ପ୍ରାପ୍ତ ବୟସ୍କଙ୍କୁ ଦୁଇଭାଗରେ ବିଭକ୍ତ କରି ଗୋଟିକୁ ପ୍ଲାସେବୋ (ମିଛ ଔଷଧ, ଅର୍ଥାତ୍ ଔଷଧ ଭଳି ମନେ ହେଉଥିବା, କିନ୍ତୁ ତାହାର ଔଷଧୀୟ ଗୁଣ ନଥିବା ପଦାର୍ଥ) ଏବଂ ଅନ୍ୟଟିକୁ ୧୨୫ ମିଲିଗ୍ରାମ ତୁଳସୀପତ୍ର ରସ ଦିନକୁ ଦୁଇଥର କରି ୮ ଦିନ ପର୍ଯ୍ୟନ୍ତ ଦିଆଯାଉଥଲଲା। ସେହି ଅବସରରେ ସେମାନଙ୍କ କେଶ ଓ ଲାଳରେ କୋର୍ଟିସଲର ସ୍ତର ମାପିବା ସହିତ ତାଙ୍କ ରକ୍ତ ଚାପ, ନିଦ୍ରାର ଗଭୀରତା, ହୃତସ୍ପନ୍ଦନ ହାର ଇତ୍ୟାଦି ମପା ଯାଉଥିଲା। ଏହାର ଲକ୍ଷ୍ୟ ଥିଲା ମାନସିକ ଚାପ ପ୍ରତି ଶରୀରର ପ୍ରତିକ୍ରିୟାକୁ ଏହି ଔଷଧୀୟ ଗୁଳ୍ମଟି କେତେ ଦୂର କରିପାରିବ ତାହା ଆକଳନ କରିବାକୁ। ଉକ୍ତ ପରୀକ୍ଷାରେ ଅଂଶ ଗ୍ରହଣକାରୀ ସ୍ୱେଚ୍ଛାସେବୀଙ୍କ ସେବନ ପାଇଁ ଦିଆଯାଉଥିବା ପଦାର୍ଥ ସଂପର୍କରେ କୌଣସି ସୂଚନା ଦିଆଯାଉ ନଥିଲା। ନିର୍ଦ୍ଧାରିତ ୮ ସପ୍ତାହ ସମୟ ପରେ ଦେଖାଗଲା ଯେ ତୁଳସୀ ରସ ସେବନକାରୀଙ୍କ କେଶ ଓ ଲାଳରେ କୋର୍ଟିସଲ ୩୬ ଶତାଂଶ ହ୍ରାସ ପାଇଛି। ଅତଏବ ସେମାନଙ୍କ ମାନସିକ ଚାପ ନିମ୍ନଗାମୀ ହୋଇଛି। ନିଦ୍ରା ଅଧିକ ଗାଢ଼ ହୋଇଛି। ହୃଦ୍‌ସ୍ପନ୍ଦନ ହାର ସ୍ଥିର ହୋଇଛି। ରକ୍ତଶର୍କରା ହ୍ରାସ ପାଇଛି ଏବଂ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପ୍ରାପ୍ତ ହୋଇଛି।

ବର୍ତ୍ତମାନ ଜୀବନ ଅଧିକ ଜଞ୍ଜାଳମୟ ହେବା ସହିତ ବଢ଼ିଚାଲିଛି କାର୍ଯ୍ୟଭାର ଏବଂ ଜୀବନ ସଂଗ୍ରାମର ତୀବ୍ରତା। ଏହା ମନକୁ ଅଧିକ ଚାପଗ୍ରସ୍ତ କରୁଛି। ଫଳରେ କୋର୍ଟିସଲର ସ୍ତର ବୃଦ୍ଧି ପାଇଁ ନାନାଦି ଶାରୀରିକ ଓ ମାନସିକ ରୋଗର କାରଣ ହେଉଛି। ତୁଳସୀପତ୍ରର ରସ ସେବନ ଏହି ହରମୋନଟିକୁ ହ୍ରାସ କରିବା ଫଳରେ ତାହାର ସବୁ କମ୍ ହେବାର ଦେଖାଯାଉଛି। ଅତଏବ ହ୍ରାସ ପାଇଚାଲୁଛି ଦେହ ଓ ମନ ଉପରେ ତାହାର ନକାରାତ୍ମକ ପ୍ରଭାବ। ଏପରି ସ୍ଥଳେ ଆମ ପରମ୍ପରା ଅନୁସାରେ ପ୍ରତ୍ୟେହ ଏଥିରୁ କିଛି କିଛି ସେବନ ସ୍ୱାସ୍ଥ୍ୟ ପକ୍ଷେ ଉପାଦେୟ ବୋଲି ପ୍ରମାଣିତ ହେଉଛି।

ତେବେ ତୁଳସୀପତ୍ର ବା ତାହାର ରସ ବ୍ୟବହାର କରିବାରେ କେତେକ ସତର୍କତା ଅବଲମ୍ବନ କରିବାକୁ ଗବେଷକମାନେ ଉପଦେଶ ଦେଇଛନ୍ତି। ପ୍ରଥମେ ଏହା କମ୍ ମାତ୍ରାରେ ସେବନ କରି କ୍ରମେ ମାତ୍ରା ବଢ଼ାଇ ଚାଲିବା ନିରାପଦ। ଦିନକୁ ଦୁଇ ଥର ୧୨୫ ମିଲିଗ୍ରାମ ମଧ୍ୟରେ ସୀମିତ ରହିଲେ ଭଲ। ଦୀର୍ଘକାଳୀକ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# 'ଜନ୍ମ ପ୍ରମାଣପତ୍ର' ଦେଇ ନପାରିବାରୁ ପୁଅର ହେପାଜତରୁ ବାପାକୁ ବଞ୍ଚିତ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ, ୮ ।୧୨(ସମିସ): ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ପାଇଁ ଜଣେ ବାପାକୁ ତା' ନାବାଳକ ପୁଅର ହେପାଜତରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଭଦ୍ରକ ପରିବାର ଅଦାଲତଙ୍କ ନିର୍ଦ୍ଦେଶକୁ ଖାରଜ କରି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏପରି ରାୟ ଶୁଣାଇଛନ୍ତି। ମା'ର ମୃତ୍ୟୁ ପରେ ବାପା ଆଇନ ଅନୁଯାୟୀ ଶିଶୁର ପ୍ରକୃତ ଅଭିଭାବକ। ଯଦି ଆବେଦନକାରୀଙ୍କୁ ପିଲାର ହେପାଜତ ପ୍ରଦାନ କରାଯିବ ନାହିଁ, ତେବେ ପିଲା ଏବଂ ବାପା ଉଭୟ ପରସ୍ପରର ପ୍ରେମ ଏବଂ ସ୍ନେହରୁ ବଞ୍ଚିତ ହେବେ ବୋଲି ହାଇକୋର୍ଟ କହିଛନ୍ତି। ହିନ୍ଦୁ, ସଂଖ୍ୟାଲଘୁ ଅଭିଭାବକ ଆଇନ, ୧୯୫୬ର ଧାରା-୬ ଅନୁଯାୟୀ ଆଇନଗତ ବ୍ୟବସ୍ଥା ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଅଦାଲତ ଏହା କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଗତ ୨୦୧୯ ଜୁନ୍ ୧୯ରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ସେମାନଙ୍କ ଏକ ଶିଶୁପୁତ୍ର ଜନ୍ମ ହେବାର କିଛି ସମୟ ପରେ ପତ୍ନୀ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ପ୍ରତିପକ୍ଷ ତଥା ଆବେଦନକାରୀଙ୍କ ଶ୍ୱଶୁର ପିଲାଟିକୁ ନିଜ ହେପାଜତରେ ରଖିଥିଲେ। ଅଭିଯୋଗ ଅନୁଯାୟୀ ଆବେଦନକାରୀଙ୍କୁ ତାଙ୍କ ସନ୍ତାନ ସହ ଭେଟିବାକୁ ମଧ୍ୟ ଅନୁମତି ଦେଇନଥିଲେ ଶଶୁର। ଅନ୍ୟ କୌଣସି ଉପାୟ ନପାଇ ସେ ତାଙ୍କ ପିଲାକୁ ନିଜ ହେପାଜତକୁ ନେବା ପାଇଁ ଭଦ୍ରକ ପରିବାର ଅଦାଲତରେ ଆବେଦନ କରିଥିଲେ। କିନ୍ତୁ ପୁଅର ଜନ୍ମ ପ୍ରମାଣପତ୍ର ଏବଂ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ହୋଇଥିବା ଆଧାରରେ ତାଙ୍କର ଦାବିକୁ ପରିବାର ଅଦାଲତ ଖାରଜ କରିଥିଲେ। ପରିବାର ଅଦାଲତଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ଦାଦନ ସର୍ଦ୍ଦାର ହତ୍ୟା କରି ଫିଙ୍ଗିଦେଲା!



କଣ୍ଟାବାଞ୍ଜି/ତୁରେକେଲା, ୮ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ମହୁଲବାହାଲି ଗାଁଠାରେ ରେଳଧାରଣାରୁ ଜଣେ ଯୁବକଙ୍କ ଗଣ୍ଡିମୁଣ୍ଡ ଅଲଗା ଶବ ଉଦ୍ଧାର ହେବା ଘଟଣା ଭିନ୍ନ ମୋଡ଼ ନେଇଛି। ଏହା ଏକ ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ଆଜି ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ, ନୂଆପଡ଼ା ଜିଲ୍ଲା ଲଖନା ଥାନା ଅଞ୍ଚଳ ବାଞ୍ଛାନିଧି କୈବର୍ତ୍ତ ଓରଫ୍ ମାଖନୁ (୪୩)। ମାଖନୁଙ୍କୁ ଦାଦନ ସର୍ଦ୍ଦାର ଅରମାନ ଖାନ ହତ୍ୟା କରିବା ପରେ ରେଳ ଧାରଣାକୁ ଫିଙ୍ଗି ଦେଇଛନ୍ତି ବୋଲି ମାଖନୁଙ୍କ ପତ୍ନୀ ବିନତି କୈବର୍ତ୍ତ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବିନତିଙ୍କ କହିବାନୁଯାୟୀ, ଗତ ସୋମବାର ମାଖନୁ ଦାଦନ ଯିବା ପାଇଁ ସ୍ଥାନୀୟ ସେକେଣ୍ଡ ସର୍ଦ୍ଦାର ରାଜୁ ସୁନାନୀଙ୍କଠାରୁ ଅଗ୍ରିମ ୩୦ ହଜାର ଟଙ୍କା ନେଇଥିଲେ। ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରିବା ପାଇଁ ସେ ଚୁକ୍ତି କରିଥିଲେ। ମଙ୍ଗଳବାର ସେ ଲଖନାରୁ ଝରଣୀ ଗାଁକୁ ଆସି ମୁଖ୍ୟ ସର୍ଦ୍ଦାର ଅରମାନ ଖାନଙ୍କ ଘରେ ରହିଥିଲେ। ଶନିବାର ସକାଳେ ଝରଣୀ ଗାଁଠାରୁ ୨ କିମି ଦୂରତାରେ ଥିବା ରେଳଧାରଣାରୁ ମାଖନୁଙ୍କ ଖଣ୍ଡବିଖଣ୍ଡିତ ଶରୀର ଉଦ୍ଧାର ହୋଇଥିଲା। ଖବର ପାଇ କଣ୍ଟାବାଞ୍ଜି ଜିଆରପି ମୃତଦେହକୁ ଉଦ୍ଧାର କରିଥିଲା।

## ପୋଖରୀରେ ବୁଡ଼ିଗଲେ ଦମ୍ପତି

ଥୁଆମୂଳରାମପୁର, ୮ ।୧୨ (ସମିସ): ପୋଖରୀରେ ବୁଡ଼ି ଦମ୍ପତି ମୃତ। କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ଖମାର ଗ୍ରାମରେ ଏହି ଅଘଟଣ ଘଟିଛି।



ମୃତକ ହେଲେ, ଗ୍ରାମର ସତ୍ୟବାନ୍ ନାଏକ (୬୧) ଓ ତାଙ୍କ ସ୍ତ୍ରୀ ପ୍ରତିମା ନାଏକ (୬୦)। ରବିବାର ସକାଳେ ଦୁହେଁ ଗାଁ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାରଲୋକଙ୍କ ମନକୁ ପାପ ଛୁଇଁଥିଲା। ଗ୍ରାମବାସୀଙ୍କ ସହ ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ସୋମବାର ସକାଳୁ ପ୍ରତିମାଙ୍କ ଶବ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୁଲିସକୁ ସୂଚନା ଦେଇଥିଲେ। ଅଗ୍ନିଶମବାହିନୀ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁହିଁଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଏକାସାଙ୍ଗରେ ସ୍ୱାମୀ-ସ୍ତ୍ରୀ କିପରି ପୋଖରୀରେ ବୁଡ଼ିଗଲେ ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି, ତାହାକୁ ନେଇ ପୁଲିସ ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୋଷ୍ଠୀ ସଂଘର୍ଷରେ...

ଏମ୍‌ଭି-୨୬ ଗ୍ରାମରେ ପଶି ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ଆଜି ମଧ୍ୟ ସମାନ ଘଟଣା ଘଟିଛି। ଏମ୍‌ଭି-୨୬ ଗ୍ରାମରେ ପଶି ରାଖେଲଗୁଡ଼ା ଗ୍ରାମବାସୀ ବହୁ ଘରେ ନିଆଁ ଲଗାଇ ଦେଇଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ପୁଲିସ ସେମାନଙ୍କୁ ବାରଣ କରିବାରୁ ପୁଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଛି। ଏଥିରେ ୩ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ସେପଟେ, ମୃତ ମହିଳା ଲୋକେଙ୍କ କଟା ମୁଣ୍ଡ ଖୋଜିବା ପାଇଁ ପୁଲିସ ପ୍ରଶାସନ ଓ ଅଗ୍ନିଶମ ବାହିନୀ ଆଜି ପୋଟେରୁ ନଦୀରେ ଖାନତଲାସି କରିଛନ୍ତି। ଏଥିପାଇଁ ବାଲିମେଳା ଓ ଚିତ୍ରକୋଣ୍ଡାରେ ଡ୍ୟାମ୍ ଗେଟ୍ ବନ୍ଦ କରି ନଦୀର ଜଳସ୍ତରକୁ କମ୍ କରାଯାଇଥିଲା।

### ବିଧାନସଭାରେ...

ଆଜି ଖବରକାଗଜରେ ଏହି ପ୍ରସଙ୍ଗ ବାହାରିଛି କିନ୍ତୁ ଘଟଣା ଦୁଇ ଦିନ ବିତି ଗଲାଣି। ଗୃହ ବିଭାଗ ଓ ଗୁଇନ୍ଦା ବିଭାଗ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମାଲକାନଗିରି ମାଓପ୍ରବଣ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ। ସେଠାରେ ୫୦ ଘର ପୋଡ଼ିଲା, ଦୁଇ ଗୋଷ୍ଠୀ ଭିତରେ ବିବାଦ ହେଲା। ହେଲେ ପୁଲିସ କେମିତି ଜାଣିପାରିଲା ନାହିଁ। ସେଠାରେ ଏଭଳି ଘଟଣା ଘଟିବା ଦର୍ଶାଉଛି ଯେ, ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସରକାର ବିଫଳ। କେନ୍ଦ୍ର ସରକାର କହିଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର। କିନ୍ତୁ ସେହି କେନ୍ଦ୍ର ସରକାର ବାଂଲାଦେଶୀ ମାନଙ୍କୁ ସେଠାରେ ରଖି ନ ଥିଲେ କି? ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳାକୁ ନେଇ ଗୃହରେ ଭୁଲ ତଥ୍ୟ ଦିଅନ୍ତୁ ନାହିଁ। ତତକ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ସେ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତାପ ଦେବ୍ ଗୃହରେ କହିଛନ୍ତି। ସମାନ ଭାବେ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ମାଲକାନଗିରି କୋରକଣ୍ଡାରେ ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି। କିନ୍ତୁ ତାଙ୍କୁ ୪ ଜଣ ଜଣ ବଙ୍ଗାଳି ଦୁଷ୍କର୍ମ କରିବା ସହ ବିଭତ୍ସ ହତ୍ୟା କରିଛନ୍ତି। ପରେ ଗୋଟେ ମିଶିଂ କେସ ରୁଜୁ ହେଲା। କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳେକୁ ତାଙ୍କର ମୃତ ଦେହ ମିଳୁଛି। ଯାହାକୁ ନେଇ ସେଠାରେ ବଡ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି। ବଙ୍ଗାଳୀ - ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି। ତାକୁ କାହିଁକି ହାଲକା ଭାବରେ ନେଉଛି ପୁଲିସ ନେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣା ପୂର୍ବରୁ କାହିଁକି ପୁଲିସ ଚୁପ୍ ବସିଥିଲା ବୋଲି ପ୍ରଶ୍ନ କରିବା ସହ ମାଲକାନଗିରିର ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ ବୋଲି ମଙ୍ଗୁ ଖିଲ ଦାବି କରିଛନ୍ତି।

### ଲାଲ୍‌ମାଟିରେ ବାରବାଟୀ...

କାକର ବା କୁହୁଡି ସମସ୍ୟା। ଏହାକୁ କେହି ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ। ଦ୍ୱିତୀୟଟି ହେଉଛି ବାରବାଟୀରେ ନିର୍ମିତ ହୋଇଥିଲା ରେଡ୍ ସଏଲ ପିଚ୍ ବା ଲାଲମାଟିର ପିଚ୍। ବାରବାଟୀରେ ଏହା ପ୍ରଥମଥର ବ୍ୟବହାର କରାଯାଉଛି। ଏ ପ୍ରକାର ପିଚ୍‌ରେ ବଲର ଗତି ତୀବ୍ର ହୋଇଥାଏ। ବାଉନ୍ସ ମଧ୍ୟ ହୁଏ। ପିଚ୍‌ରେ ଘାସ ରହୁଥିବାରୁ ଫାଷ୍ଟ ବୋଲରମାନେ ଏଥିରୁ ଫାଇଦା ନେଇଥାନ୍ତି। ଏଭଳି ପିଚ୍‌ରେ ଆମେ ଅନ୍ୟଠାରେ ଖେଳିଛୁ। ଏଣୁ ଏହା ଆମଲାଗି ସମସ୍ୟା ସୃଷ୍ଟି କରିବ ନାହିଁ। କିନ୍ତୁ କଳାମାଟିରେ ପିଚ୍ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି। କିନ୍ତୁ ବ୍ୟାଟରଙ୍କ ଲାଗି ଏହି ପିଚ୍ ବେଶ ଉପଯୋଗୀ ବୋଲି ପିଚ୍ ନିର୍ମାତା ଅଞ୍ଜନ ଖୁଣ୍ଟିଆ କହିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ୍ ମାରକ୍ରମଙ୍କ ମତରେ ଆମେ ସମସ୍ତ ପ୍ରକାର ପିଚ୍ ଓ ପରିବେଶରେ ଲଢ଼େଇ କରିବା ଲାଗି ପ୍ରସ୍ତୁତ ରହିଛୁ। ଭାରତୀୟ ଦଳରେ ଅନେକ ଶ୍ରେଷ୍ଠ ଖେଳାଳି ରହିଛନ୍ତି। ଏହା ସତ୍ତ୍ୱେ ଆମେ ନୂଆ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ଦୃଢ଼ ଆତ୍ମବିଶ୍ୱାସର ସହ କହିଛନ୍ତି।

ଗତ ୧୦ ବର୍ଷରେ ଭାରତ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାଠାରୁ ଟି-୨୦ ଶୃଙ୍ଖଳା ହାରିନାହିଁ। ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ମଧ୍ୟ ଦକ୍ଷିଣ ଆଫ୍ରିକା ପରାଜିତ ହୋଇଥିଲା। ୨୦୨୬ ବିଶ୍ୱକପ୍ ପୂର୍ବରୁ ନିଜର ଦକ୍ଷତା ଓ ଦୁର୍ବଳତା ଆକଳନ କରିବା ଭାରତକୁ ଏହି ସିରିଜ୍ ବଡ଼ ସୁଯୋଗ ଦେଇଛି। ଏହା ପରେ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ସହ ଭାରତର ବିଶ୍ୱକପ୍ ପ୍ରସ୍ତୁତି ଶେଷ ହେବ।

### ତାମିଲନାଡୁରେ ହଟିବେ...

ଅସଂଗ୍ରହଣୀୟ ଶ୍ରେଣୀରେ ସାମିଲଥିବା ଫର୍ମ ସଂଖ୍ୟା ହେଉଛି ୫୪.୫୯ ଲକ୍ଷ। ଅର୍ଥାତ ଏହି ସଂଖ୍ୟାର ଭୋଟରଙ୍କ ନାମ ତାଲିକାରୁ କଟିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି କେରଳରେ ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ ବୋଲି ଜଣାପଡ଼ିଛି। କେରଳରେ ଯେଉଁ ଭୋଟରଙ୍କ ଖୋଜ ଖବର ମିଳୁନାହିଁ, ସେମୋନ ମୃତ୍ୟୁବରଣ କରିଛନ୍ତି କିମ୍ବା ଅନ୍ୟସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି ବୋଲି କୁହାଯାଇଛି। ଡିସେମ୍ବର ୧୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଏଥିରୁ ଏହି ଭୋଟରଙ୍କ ନାମ କଟିବାର ଯଥେଷ୍ଟ ଆଶଙ୍କା ରହିଛି। ଉଲ୍ଲେଖଥାଉ କି, ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଅକ୍ଟୋବର ୨୮ରୁ ଏସ୍‌ଆଇଆର ପ୍ରକ୍ରିୟା ଚାଲୁ ରହିଛି। ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂଶୋଧନ ହେଉଛି। ଏଥିରେ ନୂଆ ଭୋଟରଙ୍କ ନାମ ଯୋଡା ଯାଉଥିବା ବେଳେ ଭୋଟର ତାଲିକାରେ ଥିବା ତ୍ରୁଟିଗୁଡିକୁ ଠିକ୍ କରାଯାଇଥାଏ।

### ଜୀବନ ଯୁଦ୍ଧରେ...

ପୋକ୍ସୋ ଏବଂ ଆଟ୍ରୋସିଟି ଦଫାରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଶୃତି ରାଜଗାଙ୍ଗପୁରର ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଏକ ଓଡ଼ିଆ ସମ୍ମାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ। କୁତ୍ରା ଅଞ୍ଚଳର ନିଲେଶ ତାଙ୍କୁ ବାରମ୍ବାର ଫୋନ୍ କରି ଧମକଚମକ ଦେବା ସହ ମାନସିକ ନିର୍ଯାତନା ଦେଉଥିଲା। ଏଥିରେ ଅତିଷ୍ଠ ହୋଇ ଶନିବରା ରାତିରେ ଶୃତି ଘର ଭିତରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିଲା। ପରିବାରଲୋକ ତାଙ୍କୁ ରାଉରକେଲା ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଭର୍ତ୍ତି କରାଇଥିଲେ। ହସ୍ପିଟାଲ ବେଡ୍‌ରେ ୨୪ ଘଣ୍ଟା ସଂଘର୍ଷ କରିବା ପରେ ରବିବାର ରାତିରେ ସେ ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି। ଏହି ଖବର ପ୍ରଘଟ ହେବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶୃତିଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାଜଗାଙ୍ଗପୁର ବିଜୁ ଜନତା ଦଳ ପକ୍ଷରୁ ଆଇଜିଏଚ୍ କାଜୁଆଲିଟି ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାଜଗାଙ୍ଗପୁରର ବିଜେଡି ନେତା ଅନିଲ ବରୁଆ, ଅମରେଶ ପଣ୍ଡା, ରାଜେନ୍ଦ୍ର ବେହେରା ଜିଲ୍ଲା ସମିତି ସଭ୍ୟ ସଂଘ ସଭାପତି ଜ୍ୟୋତି ରଂଜନ ନାୟକ, ରଶ୍ମି ଏକ୍କା, ଶିଲ୍ପା ଏକ୍କା ପ୍ରମୁଖଙ୍କ ସମେତ ଶୃତିଙ୍କ ପରିବାରଲୋକ ଏଥିରେ ସାମିଲ ଥିଲେ। ଖବର ପାଇ ରାଉରକେଲା ଅତିରିକ୍ତ ତହସିଲଦାର, ଡିଏସ୍‌ପି ଯୋଗେଶ୍ୱର ପଣ୍ଡା, ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ରାଜଗାଙ୍ଗପୁର ଅତିରିକ୍ତ ତହସିଲଦାର କିରଣ କୁମାର ସୋରେଙ୍ଗ, ଡିଏସ୍‌ପି ମନୋରଞ୍ଜନ ପ୍ରଧାନ, ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ, ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀ ପ୍ରୀତିରଂଜନ ପରିଡ଼ା ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ପରିବାର ଓ ନେତୃବୃନ୍ଦଙ୍କର ଆଲୋଚନା ହୋଇଥିଲା। ଶେଷରେ ଆପୋଷ ବୁଝାବଣା ପରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ ପରିବାର ବର୍ଗ ଶବ ଇନକ୍ୱେଷ୍ଟ ଓ ବ୍ୟବଚ୍ଛେଦ କରିବା ପାଇଁ ରାଜି ହୋଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା।

### ହୃଦୟବିଦାରକ...

ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରୁଛି। ଜୀବନରୁ ମାରିଦେବା ପାଇଁ ପୂର୍ବରୁ ଧମକ ମିଳିଥିବା ନେଇ ପରିବାର ଲୋକେ କହିବା ପରେ ବି ସରକାରଙ୍କ ନିଷ୍କ୍ରିୟତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସରକାର କେତେ ଆଉ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ? ଓଡ଼ିଶାରେ ବଢୁଥିବା ଏହିପରି ଘଟଣାକୁ ରୋକିବା ଦିଗରେ ସରକାରଙ୍କ ଉଦାସୀନତା ଅପରାଧୀଙ୍କ ସାହସ ବଢ଼ାଉଛି। ଲୋକେ ଅସୁରକ୍ଷିତ ହେଉଛନ୍ତି, ଅପରାଧୀମାନେ ଖୁଲମଖୋଲା ବୁଲୁଛନ୍ତି। ସରକାର ସୁରକ୍ଷା କାହାକୁ ଦେଉଛନ୍ତି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ। ଲୋକଙ୍କୁ ନ୍ୟାୟ ମିଳୁ, ଅପରାଧୀଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

### ୧୨ ପର୍ଯ୍ୟନ୍ତ ଶୀତ...

ପର୍ଯ୍ୟନ୍ତ ଜାରି ରହିବ। ଉତ୍ତର ଆଭ୍ୟନ୍ତରୀଣ (ସୁନ୍ଦରଗଡ଼-ଝାରସୁଗୁଡ଼ା) ଓ ପଶ୍ଚିମ ଓଡ଼ିଶା (ସମ୍ବଲପୁରଠାରୁ ନବରଙ୍ଗପୁର) ଓ ସଂଲଗ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରାୟତଃ ଅପରିବର୍ତ୍ତିତ ରହିବ। ୨୧ ତାରିଖ ପରେ ତାପମାତ୍ରା କିଛି ମାତ୍ରାରେ ବଢ଼ିପାରେ। ଉପକୂଳ ଜିଲ୍ଲା (ବାଲେଶ୍ୱର-ଗଞ୍ଜାମ) ଓ ସଂଲଗ୍ନ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼ ଓ ଗଜପତି)ରେ ୧୧ ତାରିଖ ରାତିରୁ ଶୀତ ବଢ଼ିବ୍ୟ ୧୧-୧୩ ମଧ୍ୟରେ ୨ ଡିଗ୍ରୀ ଏବଂ କନ୍ଧମାଳ, ଢେଙ୍କାନାଳ, କୋରାପୁଟ ଜିଲ୍ଲାରେ ୩-୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ତେବେ ୧୪ରେ ଓ ୧୭ରେ ରାତିରେ ପୁଣି ଶିତ ବଢ଼ି ୧୯ ତାରିଖରେ ବର୍ତ୍ତମାନର ସ୍ଥିତି ଫେରିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ଚଳିତ ବର୍ଷ ଗତ ୪ ତାରିଖରୁ ଆରମ୍ଭ ହୋଇ ୨ ସପ୍ତାହରୁ ଅଧିକ ଦିନ ଥଣ୍ଡା ଜାରି ରହିବ। ଲା-ନିନା ଯୋଗୁଁ ଥଣ୍ଡା ବୃଦ୍ଧିର କରାଣ କୁହାଯାଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଝାରସୁଗୁଡ଼ା, ଅନୁଗୁଳ ଓ ସୁନ୍ଦରଗଡ଼ ପାଇଁ ଶୀତ ଲହରୀ ଚେତାବନୀ ଜାରି କରାଯାଇଥିବା ବେଳେ ବୁଧବାର ଓ ଗୁରୁବାର ୧୦ ଟି ଲେଖାଏଁ ଜିଲ୍ଲାକୁ ଶୀତ ଲହରୀ ଚେତାବନୀ ଜାରି କରାଯାଇଛି। ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱୀବେଦୀ କହିଛନ୍ତି ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ଅଧିକାଂଶ ଜିଲ୍ଲାରେ ମୁଖ୍ୟତଃ ଶୁଖିଲା ପାଗ ରହିବା ସହ କିଛି ସ୍ଥାନରେ ଘନ କୁହୁଡି ପାଇଁ ମଧ୍ୟ ପାଗ ଅନୁକୂଳ ରହୁଛି। ମଙ୍ଗଳବାର ସୁନ୍ଦରଗଡ଼ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ରହିଛି।

### ସରକାରୀ ତଥ୍ୟ...

ଆରମ୍ଭ ହେଲାଣି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ୪୯୩୩୩ ଜଣ ଚାଷୀଙ୍କ ଟୋକନ ଆସିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୭୯୫ ଜଣ ଚାଷୀଙ୍କ ଟୋକନ ଆସିଛି। ଆଜିକାଲି ସୁଦ୍ଧା ସମସ୍ତ ଚାଷୀଙ୍କ ଟୋକନ ଆସିଯିବ ବୋଲି ସିଡିଏସ୍‌ଓ ଶ୍ରୀ ହୋତା ସୂଚନା ଦେଇଛନ୍ତି।

### କଟ୍‌ନୀଛଟ୍‌ନୀକୁ ବିରୋଧ...

ଆଗାମୀ ରବି ଋତୁ ସକାଶେ ବିହନ କିଣିବାକୁ ତା'ପାଖରେ ଟଙ୍କା ନାହିଁ। ମିଲର୍ ଏବେ ଧାନ କ୍ରୟବିକ୍ରୟକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। କ୍ୱିଣ୍ଟାଲ ପିଛା ୪ରୁ ୫ କିଲୋ କଟ୍‌ନୀ ପାଇଁ ମନାକଲେ ଧାନ ଫେରାଇ ଦେବାକୁ ଧମକ ଦେଉଛି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆଜି ଚାଉଁରପୁର ମଣ୍ଡିରେ ଚାଷୀମାନେ କଟ୍‌ନୀକୁ ବିରୋଧ କରି ୧୮ରୁ ୨୦ଟି ଧାନ ବୋଝେଇ ଗାଡ଼ିକୁ ଅଟକ ରଖିଛନ୍ତି। ଚାଷୀମାନେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଏନେଇ ଜଣାଇଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇନାହିଁ। ପ୍ରଶାସନିକ ଅଧିକାରୀମାନେ ଅସହାୟତା ପ୍ରକାଶ କରୁଛନ୍ତି। ମିଲର୍‌ଙ୍କ ଦୌରାତ୍ମ୍ୟ ଚରମସୀମାରେ ପହଞ୍ଚିଥିବାବେଳେ ଏଭଳି ସ୍ଥିତି ଜାରି ରହିଲେ ଆସନ୍ତା ଖରିଫ୍‌ରେ ଧାନଚାଷ କରିବା ନେଇ ବିଚାର କରିବେ ବୋଲି କହୁଛନ୍ତି। ଚାଉଁରପୁର ମଣ୍ଡିରେ ଆଜି ୧୮ ଟି ଧାନ ବୋଝେଇ ଗାଡ଼ି ଛିଡ଼ା ହୋଇଛି। ମିଲର୍ ମାନଙ୍କ କଟ୍‌ନୀ ଦୌରାତ୍ମ୍ୟ ସହି ନପାରି ଚାଷୀମାନେ ଧାନ ବିକ୍ରୟ କରିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ନଭେମ୍ବର ୨୮ରେ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିଥିବାବେଳେ ୨୮ ଓ ୨୯ ତାରିଖ କୌଣସି ଧାନବିକ୍ରୟ ହୋଇନଥିଲା। ଚାଉଁରପୁର ମଣ୍ଡିରେ ସୋମବାର, ମଙ୍ଗଳବାର, ବୁଧବାର ଓ ଶୁକ୍ରବାର ଧାନ ବିକ୍ରୟ ହୋଇଥାଏ। ଚାଉଁରପୁର ମାର୍କେଟୟାର୍ଡରେ ୧ ତାରିଖ ଜଣେ ଚାଷୀଙ୍କ ୧୬୦ ପ୍ୟାକେଟ, ୨ ତାରିଖ ୨୯ ଜଣ ଚାଷୀଙ୍କ ୪୧୫୨ ପ୍ୟାକେଟ, ୩ ତାରିଖ ୨୧ ଜଣ ଚାଷୀଙ୍କ ୨୪୨୩ ପ୍ୟାକେଟ ଏବଂ ୫ ତାରିଖ ୪୯ ଜଣ ଚାଷୀଙ୍କ ୫୫୭୬ ପ୍ୟାକେଟ ଧାନ ବିକ୍ରୟ ହୋଇଥିବା ପ୍ୟାକ୍ସ ସୂତ୍ରରୁ ଜଣାପଡ଼ିଛି। ଆଜି ଗୋଟିଏ ହେଲେ ବସ୍ତା ଧାନ ବିକ୍ରୟ ହୋଇନଥିବା ପ୍ୟାକ୍ସ ସମ୍ପାଦକ କହିଛନ୍ତି। ସେହିପରି ସେନ୍‌ହାପାଲି ଧାନକ୍ରୟ କେନ୍ଦ୍ର (ପିପିସି)ରେ ୧ ତାରିଖ ୧୧ ଜଣ ଚାଷୀଙ୍କ ୧୫୫୪ ପ୍ୟାକେଟ, ୨ ତାରିଖ ୨୨ ଜଣ ଚାଷୀଙ୍କ ୨୫୫୮ ପ୍ୟାକେଟ, ୩ ତାରିଖ ୩୬ ଜଣ ଚାଷୀଙ୍କ ୩୯୪୧ ପ୍ୟାକେଟ ଏବଂ ୫ ତାରିଖ ୩୪ ଜଣ ଚାଷୀଙ୍କ ୪୧୦୪ ପ୍ୟାକେଟ ଧାନ ବିକ୍ରୟ ହୋଇଥିବା ପ୍ୟାକ୍ସ ସୂତ୍ରରୁ ଜଣାପଡ଼ିଛି। ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରେ ଆଜି ଧାନବୋଝେଇ ଗାଡ଼ି ଗୁଡ଼ିକ ଛିଡ଼ା ହୋଇରହିଛି। ଉଲ୍ଲେଖଯୋଗ୍ୟ ଯେ, ଉଭୟ ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିକୁ ୧୨ଟି ଲେଖାଏ ମିଲ୍‌କୁ ଆଟାଚ୍ କରିଥିବାବେଳେ ଚାଉଁରପୁରରେ ପ୍ରଥମ ପର୍ଯ୍ୟାୟ ଟାର୍ଗେଟ୍ ୨୧୭୦୦ କ୍ୱିଣ୍ଟାଲ ଏବଂ ସେନ୍‌ହାପାଲିରେ ୨୦୫୦୦ କ୍ୱିଣ୍ଟାଲ ରହିଛି। ଜିଲ୍ଲା ଧାନସଂଗ୍ରହ କମିଟି (ଡିଏଲପିସି) ବୈଠକରେ ନଭେମ୍ବର ୨୮ ତାରିଖ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ଥିବାବେଳେ ମିଲର୍‌ଙ୍କ ଜିଦ୍ ଯୋଗୁଁ ଧାନ ଉଠିଲା ନାହିଁ। ଗତ ୧ ତାରିଖ ଚାଷୀ ଅସନ୍ତୋଷ ଉଗ୍ରରୂପ ଧାରଣ କରି ଚାଷୀମାନେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ପ୍ରାୟ ୮ ଘଣ୍ଟା ଧରି ଅର୍ଥନୈତିକ ଅବରୋଧ କଲେ। ଏହାପରେ ଚାପଗ୍ରସ୍ତ ହେଲା ପ୍ରଶାସନ, ଚାପଗ୍ରସ୍ତ ହେଲେ ସରକାର। ୨ ତାରିଖରୁ ବିଭିନ୍ନ ମଣ୍ଡିରେ ଧାନ ଉଠିବା ଆରମ୍ଭ ହେଲା। କିନ୍ତୁ ସମସ୍ତ ଚାଷୀଙ୍କ ଟୋକନ ଆସିଲା ନାହିଁ। ପ୍ରାୟ ୧୯ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଆସିନାହିଁ। ପୁଣି ଯେଉଁ ଚାଷୀ ମାନଙ୍କ ଟୋକନ ଆସିଛି, ସମସ୍ତ ଟୋକନ ଆସିନାହିଁ। ଉଦାହରଣ ସ୍ୱରୂପ ସେମାନେ ୧୮୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଥିଲେ ଏକକାଳୀନ ସମସ୍ତ ଟୋକନ ବିଭିନ୍ନ କ୍ରୟତାରିଖକୁ ନେଇ ଆସିଥାଏ। କିନ୍ତୁ ଚଳିତ ଖରିଫ୍‌ରେ ଚାଷୀ ମାନଙ୍କ କେବଳ ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ ଟୋକନ ଆସିଛି। ସେହି ଧାନ ବିକ୍ରୟ ପରେ ଚାଷୀ ଧାନ ନେଇ ଜଗିବସିଛି, କେବେ ଆସିବ ଟୋକନ। ଗତ ଅକ୍ଟୋବରରୁ ଚାଷୀ ଧାନ ଅମଳ କରିବା ଆରମ୍ଭ କରି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାଷୀର ଧାନ ଗଚ୍ଛିତ ରଖିବା ସୁବିଧା ନାହିଁ। ପରିସ୍ଥିତିର ଫାଇଦା ଉଠାଇ ମିଲର୍‌ମାନେ ଏବେ ବ୍ୟାପକ କଟ୍‌ନୀ କରୁଥିବା ଦେଖାଯାଉଛି। ସମସ୍ତ ମିଲ୍ ମାନଙ୍କରେ ଧାନ ଶୁଖିଲା ଓ ସଫା ଥାଉ ବା ନଥାଉ, କ୍ୱିଣ୍ଟାଲ ପିଛା ତିନି କିଲୋରୁ କଟ୍‌ନୀ ଆରମ୍ଭ କରୁଛନ୍ତି। କେତେକ ମିଲ୍‌ରେ ୫ରୁ ୬ କିଲୋ ପର୍ଯ୍ୟନ୍ତ କଟ୍‌ନୀ କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଆଜି ଚାଉଁରପୁର ମଣ୍ଡିର ଚାଷୀମାନେ ଧାନଗାଡ଼ି ଅଟକ ରଖିବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବ୍ରତ ହୋତା କହିଛନ୍ତି, ଆଜି ଚାଉଁରପୁରରୁ କିଛି ଚାଷୀ ଆସିଥିଲେ, ସେମାନଙ୍କ ମିଲର୍‌ଙ୍କ ସହିତ କିଛି ବିବାଦ ରହିଛି, ସେମାନେ ମିଲର୍‌ଙ୍କ ସହ ଆଲୋଚନା କରିଥିଲେ। ଆମେ ମଧ୍ୟ ମିଲର୍‌ଙ୍କ ସହ ଯୋଗାଯୋଗ କରୁଛୁ, କଥାବାର୍ତ୍ତା କରି ଶୀଘ୍ର ତାହାର ସମାଧାନ କରିବୁ। ଆମେ ଚେଷ୍ଟା କରୁଛୁ ଖୁବ୍ ଶୀଘ୍ର ଏହାର ସମାଧାନର ରାସ୍ତା ବାହାର କରି କାଲି ସୁଦ୍ଧା ସ୍ୱାଭାବିକ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି।


**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR.**

E-mail – eesbprnbdivision2@gmail.com Phone -0663-2410104

BID IDENTIFICATION No. SE / R and B / SBP II / 06 (online) / 2025-26

B-808 No. 5321 /Dated, 04.12.2025

**E-procurement notice**

| | | | |
|---|---|---|---|
| 1. | The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Double / Single cover System in ONLINE MODE | | |
| 2. | No. of works | :- | 3 nos works<br>Road works – 2 nos<br>Building work – 1 No. |
| 3. | Tender Cost | :- | Rs.10,000/- & Rs.6,000/- Each paper |
| 4. | Class of Contractor | :- | 'C' & 'B' Class Contractor |
| 5. | Availability of bid document in the website. | :- | 11:00 Hours 09.12.2025 to 17:00 Hours of 20.12.2025 |
| 6. | Date of Opening of Tenders | :- | 11:30 Hours on dated 22.12.2025 |
| 7. | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | | |

OIPR-34136/11/0021/2526 Sd/- Superintending Engineer, Sambalpur (R&B) Division No. II



**AFFIDAVIT**

By virtue of an affidavit sworn before the Executive Magistrate, Tangi, dated-01.12.2025 I Abanikanta Muduli of Village-Laxmidharpur, Po-Pariorada, Ps-Tangi, Dist-Khordha declare that I have changed my name from Abanikant Muduli to Abanikanta Muduli in Aadhar card. Henceforth, I shall be known as **Abanikanta Muduli** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated, 03.12.2025, I Shanti Karkaria, resident at Plot No- 1149, H K Nagar, Niladri Vihar, Bhubaneswar, Dist- Khordha, Odisha, PIN- 751021, declare that I have changed my name from Santima Karkariya to Shanti Karkaria, henceforth, I shall be known as **SHANTI KARKARIA** for all purposes.

(Shanti Karkaria)

**AFFIDAVIT**

By virtue of an affidavit SL.No.- 3048, dtd.08.12.2025 in the court of the Executive Magistrate, Phulbani, Dist.- Kandhamal, I, Jubati Kanhar, have changed my minor daughter's name from Asha Kanhar to Ashalata Kanhar. Henceforth She will be known as Ashalata Kanhar for all purposes.

S/d- Jubati Kanhar

**AFFIDAVIT**

By virtue of an affidavit sworn before Executive Magistrate, Sohela vide no.03 dtd. 01/12/2025 I, Saraswati Bag, D/o- Bhoja Bag, W/o- Sanjeeb Mahananda, Dist.- Bargarh, Odisha, PIN-768034 residing at Bisipali, Po.- Jatla, Ps.- Sohela, Dist.- Bargarh, Odisha, PIN- 768028 state that, I have changed my name from **Saraswati Mahananda** to **Saraswati Bag**. henceforth I shall be known as **Saraswati Bag** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Tigiria, Dt-06/12/2025, CF No-3 I, Nageswar Swain of Vill-Chasanara, Po-Puruna Tigiria, Ps-Tigiria, Dist-Cuttack declare that I have changed the name of my minor daughter's name from Swayam Sidhhikshya to Swayam Siddhika Swain in Aadhar card. Henceforth, she shall be known as **Swayam Siddhika Swain** for all purposes.

**AFFIDAVIT**

By virtue of an affidavit before Executive Magistrate Bhawanipatna, Kalahandi on dated 08.12.2025. I Buhkhari Fakir Khan, S/o- Late Roshan Khan resident of At- Purnapada, Po/Ps- Bhawanipatana Town, Dist- Kalahandi, Odisha, PIN- 766001, my father's actual name is Roshan Khan. Rosan Khan and Roshan Khan is one and same person. That now he shall be known as **ROSHAN KHAN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated, 03.12.2025, I P Subhashree Paul, resident of Plot No- 1149, HK Nagar, Niladri Vihar, Bhubaneswar, Dist- Khordha, Odisha, PIN- 751021, declare that I have changed my name from P. Subhashree Paul to P Subhashree Paul, henceforth, I shall be known as **P SUBHASHREE PAUL** for alpurposes.

(P Subhashree Paul)

**NOTICE (FOR MINOR)**

By virtue of an affidavit sworn before the Executive Magistrate, Balangir, dated 06.12.2025 I, Indra Padhan, Address- At: Kermeli, PO: Barapudugia, PS. Balangir Sadar. Dist. Balangir-767024 (Odisha). declare that I have changed the name of my son from Pratush Padhan to Pratyush Padhan. Henceforth, he shall be known as **Pratyush Padhan** for all purposes.

**Sd/- Indra Padhan**

**AFFIDAVIT**

I, Purnima Tikadar, age 54 years, W/o- Milan Kumar Tikadar, resident of House No.38, Main Road Banjalaput, PO- Padwa, Dist- Koraput, Odisha, PIN- 764038 declared by this affidavit No. 104, dtd- 26/11/2025 that now onwards I shall be known as **PURNIMA RANI DAS** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no.801 dtd. 16/09/2025 I, Angel Anjali Bagh, D/o- Sailesh Bagh, resident of Gabrielguda, Po./Ps./Dist.- Nabarangpur, Odisha, PIN-764059 state that, I have changed my name from **ANJELJALI BAGH** to **ANGEL ANJALI BAGH**. henceforth I shall be known as **ANGEL ANJALI BAGH** for all future purposes.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

**Campus:** 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

I Shyam Sundar Swian, s/o-Late Raghunath swain, permanent resident of DDL-361, Dumuduma Phase-1, Housing board colony, P.S. Khandagiri, Bhubaneswar-751019, Dist: Khordha, declare by this affidavit CF No- 55. dtd- 05/12/2025 that now onwards I shall be known as **SHYAM SUNDAR SWAIN** for all future purpose.

**AFFIDAVIT**

By virtue of an affidavit (CF No. 01, dtd- 08/12/2025) sworn before the Notary Public, Padampur. I, Neelima Kalet, W/o Prakash Kalet, permanent & current resident of AT/ Kendmundi, Po/Rengali, PS- Sohela, Dist- Bargarh, PIN- 768033, Odisha declare that I have changed my name from Neelima Kalet to Padmini Kalet. Henceforth, I shall be known as Padmini Kalet (new name) for all purposes. **Sd/- Padmini Kalet**

**NOTICE**

By virtue of an affidavit sworn before the Executive Magistrate, Athmallik dated 05th December 2025, I, Mr. BANAMBAR PRADHAN address Village: DEKURD, P.O.: SANJAMURA, P.S.: KISHORENAGAR, District: ANGUL, PIN: 759126, STATE: ODISHA, declare that I have changed the name of my daughter from "SUBHASHREE PRADHAN" to "DENI PRADHAN". Henceforth, she shall be known as "DENI PRADHAN" for all purposes.

**Sd/- BANAMBAR PRADHAN**

**ଲିଙ୍କ୍ କବଲା ଓ ପଟ୍ଟା ହଜିଛି**

**ମୁଁ ସ୍ୱାତୀ ସାହୁ,** ସ୍ୱାମୀ - ସୌମେନ୍ଦ୍ର ସାହୁ, ଗ୍ରାମ - ବିଭାଇନ ନଗର, କଟକ। ଘୋଷଣା କରୁଅଛି ଯେ, ଗତ ତା ୨୪/୧୧/୨୦୨୫ ରିଖ ଦିନ, ମୋ ନିଜ ଦ୍ୱାରା କିଣା ଯାଇଥିବା ଜମି, ଯାହାର ଖାତା ନଂ: ୩୦୩/୪୦୦, ୩୦୩/୪୦୧ ଏବଂ ୩୦୩/୪୦୨ ସହ ସଂଶ୍ଳିଷ୍ଟ ଥିବା ଅସଲ କବଲା ଗୁଡ଼ିକ ମୋ ନିଜ ଦ୍ୱାରା ହଜି ଯାଇ ଅଛି । ଯାହାର ମୁଁ ବ୍ୟାଙ୍କ୍ ଲୋନ ପାଇଁ ଆବେଦନ କରିଅଛି। ଏକ ଜମି କାରବାର ବିଷୟରେ ନୟାଗଡ ସ୍ଥିତ ମୋ ସମ୍ପର୍କୀୟ ମାଉସୀ ଶାଶୁ, ଶ୍ରୀମତୀ ସୁଷମା ମହାପାତ୍ର (ସ୍ୱାମୀ: ସ୍ୱର୍ଗତ ମନୋରଞ୍ଜନ ମହାପାତ୍ର) ଙ୍କ ନୟାଗଡ ସ୍ଥିତ ଘରକୁ ଯାଇଥିଲି । ସେଠାରୁ ଫେରିବା ସମୟରେ ଏହି ଘଟଣା ଘଟିଅଛି, ବହୁ ଖୋଜାଖୋଜି କରିବା ପରେ ମଧ ମୁଁ ତାହା ପାଇପାରିଲି ନାହିଁ । ମୁଁ ଏହାର ରିପୋର୍ଟ ନୟାଗଡ଼ ଥାନା, ଷ୍ଟେସନ ଡାଏରୀ ନମ୍ବର - ୦୨୩ ରେ କରିଅଛି। ହଜିଯାଇଥିବା ମୂଳ କାଗଜପତ୍ର ଗୁଡିକର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ୧. ବିକ୍ରି ଦଲିଲ୍ ନଂ (Sale Deed No): ୧୬୯୯ (ତା ୧୦/୦୨/୨୦୦୫) ୨. ବିକ୍ରି ଦଲିଲ୍ ନଂ (Sale Deed No): ୧୦୯୫୮ (ତା ୨୧.୦୭.୨୦୦୮) - ଲାଲକୋ ସିଟି ସ୍କେପ ପ୍ରାଇଭେଟ୍ ଲିମିଟେଡ ସପକ୍ଷରେ, ୩. ମୂଳ ଖାତା ନଂ (Original Khata No): ୧୩୮, ୩୦୩/ ୨୧୧, ୩୦୩/ ୨୧୦, ଏବଂ ୩୦୩/୨୧୨ ।

## ଓଡ଼ିଶାରାଜ୍ୟ କୃଷକ ସଂଗଠନର ଚେତାବନୀ

# ଧାନ ଅଭାବି ବିକ୍ରି ପ୍ରତିବାଦ: ରାଜପଥକୁ ଓହ୍ଲାଇବେ ଚାଷୀ

ଅତାବିରା,୮।୧୨(ସମିସ):

ଧାନର ଅଭାବି ବିକ୍ରି ପ୍ରତିବାଦରେ ଆସନ୍ତାକାଲି ଠାରୁ ଚାଷୀ ଜାତୀୟ ରାଜପଥକୁ ଓହ୍ଲାଇବେ। ଅତାବିରାରୁ ଗୋଡ଼ଭଗା ଭିତରେ ଧାନ ବସ୍ତା ସହ ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଗୋଡ଼ଭଗାରେ ଅନୁଷ୍ଠିତ ଚାଷୀ ସମାବେଶରେ ନିଷ୍ପତ୍ତି ହୋଇଛି। ସଂଗଠନର ଅତାବିରା ବ୍ଲକ୍ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ବିଭିନ୍ନ ମାର୍କେଟ୍ ୟାର୍ଡରୁ ଶତାଧିକ ଚାଷୀ ଆସିଥିଲେ। ବିଗତ ବର୍ଷରେ ଖରିଫ ଫସଲରେ ନଭେମ୍ବର ୧୦ରୁ ମଣ୍ଡି ଖୋଲି ଡିସେମ୍ବର ବେଳକୁ ଧାନସଂଗ୍ରହ ଶେଷ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଡିସେମ୍ବରର ୮ ଦିନ ବିତିଛି। ହେଲେ ଧାନ ସଂଗ୍ରହ ନାମକୁ



ମାତ୍ର ହୋଇଛି। ଅନେକ ମଣ୍ଡିରେ ଧାନ ବିକ୍ରି ଆରମ୍ଭ ହୋଇନାହିଁ। ମାସେ ପରେ ଜାନୁଆରୀ ମକର ସଙ୍କ୍ରାନ୍ତି ପରେ ହୀରାକୁଦ ସେଚାଞ୍ଚଳରେ ରବି ଫସଲ ପାଇଁ ଧାନରୁଆ ଆରମ୍ଭ ହୋଇ ଥାଏ। ଜାନୁଆରୀ ପହିଲାରୁ ଆଗାମୀ ଫସଲ ପାଇଁ ପ୍ରସ୍ତୁତି ହୋଇଥାଏ। କିନ୍ତୁ ଚଳିତ ବର୍ଷ ଧାନ ସଂଗ୍ରହରେ ଅଚଳାବସ୍ଥା, ମନ୍ଥରତା ନେଇ ଚାଷୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ଭାଳେଣି ପଡ଼ିଛି। ବହୁ ଲୋକଙ୍କ ଟୋକନ୍ ଏ ପର୍ଯ୍ୟନ୍ତ ଆସିନାହିଁ। ଟୋକନ କେବେ ଆସିବ କି ନାହିଁ ଚାଷୀ, ପାକ୍ସ କର୍ମଚାରୀଙ୍କ ମଧ୍ୟରେ କିଛି ସୂଚନା ନାହିଁ। ଧାନ ବିକ୍ରି ସମସ୍ୟା ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଜିଲ୍ଲା ପ୍ରଶାସନ ସହ ବହୁବାର ଆଲୋଚନା କରିଥିଲେ। କିନ୍ତୁ ଧାନ ସଂଗ୍ରହରେ ସୁଧାର ନ ହେବାରୁ ଏବଂ ପ୍ରଶାସନ ଦିନ ପରେ ଦିନ ଗଡ଼ାଇ ଚାଲିଥିବାରୁ ଶେଷରେ ଆଗାମୀ ଦିନରେ ରାଜପଥକୁ ଓହ୍ଲାଇବାର ନିଷ୍ପତ୍ତି ନିଆଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ମଣ୍ଡିରୁ ମିଲ୍ ପଏଣ୍ଟକୁ ଧାନ ନେବା ଖର୍ଚ୍ଚ ଚାଷୀ କରୁଛି ଓ ମିଲ୍ ପଏଣ୍ଟରେ କଟନି ଛଟନି ହେବ ବୋଲି କିଛି ମିଲରର ଏଜେଣ୍ଟ କହୁଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ସୋମବାର ଗୋଡ଼ଭଗା ମଣ୍ଡିରେ ହୋଇଥିବା ଚାଷୀ ବୈଠକରେ ଚାଷୀଙ୍କ ରୋଷ ଚରମ ସୀମାକୁ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ସରକାର ଚାଷୀଙ୍କ ସହନଶୀଳତାର ପରୀକ୍ଷା ନେଉଛନ୍ତି। ଧାନର ଅଭାବିବିକ୍ରି ପ୍ରତିବାଦରେ ଆଗାମୀ କାଲିରୁ ଯେକୌଣସି ସମୟରେ ଉଚିତ ଜବାବ ଦେବେ ବୋଲି ଚାଷୀ ଓ ସଂଗଠନ ଚେତାଇ ଦେଇଛି।

## ଜୋର ଧରିଲା ଧାନ ବିକ୍ରି ଦାବି

# କଟାପାଲି ମାର୍କେଟରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ବରଗଡ଼,୮।୧୨(ସମିସ): ସୋମବାର କଟାପାଲି ମାର୍କେଟରେ ପ୍ରଭାକର ପୃଷ୍ଟିଙ୍କ ସଭାପତିତ୍ୱରେ ଜରୁରୀ ବୈଠକ ବସିଥିଲା। ୨୮ ତାରିଖ ମାର୍କେଟ ଖୋଲିବା ଦିନରୁ ଆଜି ଯାଏ ଗୋଟିଏ ବସ୍ତା ଧାନ ବିକ୍ରି ନ ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସେଥିପାଇଁ ବଡ଼ ଆନ୍ଦୋଳନ ପାଇଁ ଚାଷୀ ମାନେ ମତ ରଖିଥିଲେ। ସଂଯୁକ୍ତ କୃଷକ ସଂଗଠନ ଆବାହକ ରମେଶ ମହାପାତ୍ର ବୈଠକରେ ଯୋଗ ଦେଇଥିଲେ। ମାର୍କେଟର ଧାନ ବିକ୍ରି ନୀତି ନିୟମ ଉପରେ ତଥା ବର୍ତ୍ତମାନ ସ୍ଥିତି ଉପରେ ଚାଷୀ ଭାଇଙ୍କୁ ସଚେତନ କରାଇଥିଲେ।



ବୈଠକ ଚାଲିଥିବା ବେଳେ ସପ୍ଲାଏ ଅଫିସର୍ କବିରାଜ ଧରୁଆ ମିଟିଂରେ ଯୋଗ ଦେଇଥିଲେ। ସମସ୍ତ ଚାଷୀ କେବଳ ଗୋଟିଏ ମାତ୍ର ଦାବି କରିଥିଲେ ଯେ ସରକାରଙ୍କ ଫୁଡ୍ ପଲିସିର ନିୟମ ଅନୁସାରେ ଚାଷୀଙ୍କ ଧାନ କ୍ରୟ କରି ନିଅନ୍ତୁ। ଆସନ୍ତାକାଲି ସୁଦ୍ଧା କଟାପାଲି ମାର୍କେଟରୁ ଧାନ ବିକ୍ରି ନ ହେଲେ ତେବେ କୌଣସି ମୂହୁର୍ତ୍ତରେ କିଛି ବି ପଦକ୍ଷେପ ନେବାକୁ ଚାଷୀ ଶୁଣାଇ ଦେଇଥିଲେ। ସପ୍ଲାଏ ଅଫିସର୍ କବିରାଜ ଧରୁଅ ଆସନ୍ତାକାଲି ସୁଦ୍ଧା କିଣା ବିକା କଟାପାଲି ମାର୍କେଟରେ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବୃନ୍ଦାବନ ଭୋଇ, କିଶୋର ପ୍ରଧାନ, ଭଳ ସାହୁ, ମହେନ୍ଦ୍ର ପ୍ରଧାନ, ସୁଦୀପ୍ତ ଦାସ, ବୀରବର ମଲ୍ଲିକ, ଦଶରଥ ସେଠ୍, ସଫେଟ୍ ଭୋଇ, ନାଗର ନିଜ ନିଜ ମତ ରଖିଥିବା ବେଳେ ସୁଦାମ ସାହୁ ସଭାକୁ ପରିଚାଳନା କରିଥିଲେ।

# ଆଚାର୍ଯ୍ୟ ଓ କାର୍ଯ୍ୟକର୍ତ୍ତାଙ୍କ ପାରିବାରିକ ବନ୍ଧୁମିଳନ

ଝାରବନ୍ଧ,୮।୧୨(ସମିସ): ବିବେକାନନ୍ଦ କେନ୍ଦ୍ର ଏବଂ କାର୍ଯ୍ୟକର୍ତ୍ତାଙ୍କ ପରିବାର କନ୍ୟାକୁମାରୀ ଦ୍ୱାରା ପରିଚାଳିତ ଓଡ଼ିଶା ସେବା ପ୍ରକଳ୍ପ ବରଗଡ଼ ଓ ଆନନ୍ଦାଳୟ ଝାରବନ୍ଧ ଆନୁକୂଲ୍ୟରେ ଆଚାର୍ଯ୍ୟ ଓ କାର୍ଯ୍ୟକର୍ତ୍ତାମାନଙ୍କ ପରିବାର ମିଳନ କାର୍ଯ୍ୟକ୍ରମ ଝାରବନ୍ଧ ଡ୍ୟାମ ଶିବ ମନ୍ଦିରଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫୦ ପରିବାରରୁ ପ୍ରାୟ ୧୮୦ ଜଣ ସଦସ୍ୟ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ସରକାରୀ ଶିକ୍ଷକ



ପ୍ରକାଶ ବାଗ ଓ ଗାୟିତ୍ରୀ ପରିବାରରୁ ବ୍ରହ୍ମାନନ୍ଦ ସିଦାର ଅତିଥି ଭାବେ ଯୋଗ ଦେଇ ଗୀତା ଓ ଭାରତୀୟ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ସଂଯୋଜିକା କେଶରୀ କୁମର୍ରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ପରିଚାଳନା କରିଥିଲେ। ବିବେକାନନ୍ଦ କେନ୍ଦ୍ରର ଯୁବ କାର୍ଯ୍ୟକର୍ତ୍ତା ଯତୀନ୍ଦ୍ର କୁମର୍ରା ଆନନ୍ଦାଳୟର ଚାରିଟା ଆୟାମ୍ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କାର ଓ ସ୍ୱାଭିମାନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକର୍ତ୍ତା ଅନିଲ ଲୁହାର ଅନନ୍ଦାଳୟ ସୁପରଭାଇଜର ଲୋଚନ ସାହୁ ସମସ୍ତ ବ୍ୟବସ୍ଥା ଦାୟିତ୍ୱ ତୁଲାଇଥିଲେ। ମନୋରଞ୍ଜନ ପ୍ରଧାନ, କେତକୀ ବାଗ, ସନାତନ ପାଣ୍ଡେ, ଝୁମ୍ପା ରାଉତ୍, ମନୋଜ, ଟୁନା ଛତର ପ୍ରମୁଖ ସହଯୋଗ କରିଥିଲେ। ଆଚାର୍ଯ୍ୟ ମାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ଜାଗ୍ରତ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଆଚାର୍ଯ୍ୟ ନିଶା ସାହୁ ଓ ସପ୍ନା ମହାନନ୍ଦ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲା ବେଳେ ଆଚାର୍ଯ୍ୟ ରଶ୍ମି ମାଝୀ ଶାନ୍ତି ପାଠ ଓ ଦେଶ ଭକ୍ତି ଗାନ କରିଥିଲେ। ଆନନ୍ଦାଳୟର ଆଚାର୍ଯ୍ୟମାନଙ୍କ ଅଭିଭାବକ ମାନଙ୍କୁ ଏବଂ ସମସ୍ତ ଅତିଥି ମାନଙ୍କୁ ଶେଷରେ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ପଦ୍ମପୁର ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

ପଦ୍ମପୁର,୮।୧୨(ସମିସ): ପଦ୍ମପୁର ଉପଖଣ୍ଡର ସ୍ଥାନୀୟ ଟାଉନ କ୍ଲବ୍ ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ କଳା ଓ ସଂସ୍କୃତିର ମହାମିଳନର ମଞ୍ଚ 'ପଦ୍ମପୁର ଲୋକ ମହୋତ୍ସବ' ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୧୦ ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ପୂର୍ବରୁ ୯ ତାରିଖ କମିଟି ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜିତ ହେବ। ଏ ନେଇ ଆଜି ଆୟୋଜକ କମିଟି ତରଫରୁ ସ୍ଥାନୀୟ ଅଶୋକ ପଡିଆରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ସାଂସ୍କୃତିକ ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୨୨ଟି ଦଳ ଏବଂ ମେଢ଼ ଅଂଶଗ୍ରହଣ କରିବ। ମଞ୍ଚରେ ହେବାକୁ ଥିବା ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ ରାଜ୍ୟ ବାହାରୁ ୩ଟି ଦଳ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲା ମାନଙ୍କରୁ ପ୍ରାୟ ୧୧ଟି ଏବଂ ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତିକୁ ଦର୍ଶାଉ ଥିବା ପ୍ରାୟ ୫ଟି ଦଳ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। କମିଟି ତରଫରୁ ସମ୍ବଲପୁରୀ ବାନ୍ଧ କଳାର ପ୍ରଚାର ପ୍ରସାର ଏବଂ ଚଲଣିକୁ ନେଇ ଏକ ଫ୍ୟାସନ ସୋର ମଧ୍ୟ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କମିଟି ତରଫରୁ ସଭାପତି ପ୍ରିତେଶ ବହିଦାର ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଲୋକମାନଙ୍କୁ ନିବେଦନ କରିଥିଲେ। ସମ୍ମିଳନୀରେ ଲୋକ ମହୋତ୍ସବର ଆବାହକ ଅଶୋକ ମିଶ୍ର, ଉପସଭାପତି ନରେଶ ସୁନ୍ଦର ସାହୁ, ସରୋଜ ମିଶ୍ର, ବିକାଶ ବହିଦାର, ନରୋତ୍ତମ ପଧାନ, ନିରୋଜ ସିହ୍ନା, ଅମିତ ଗର୍ଗ, ଶୁଭମ ପଟ୍ଟନାୟକ, ଦିନେଶ ବାରିକ, ଆଇନଜୀବୀ ସୋମେଶ ଚନ୍ଦ୍ର ମହାନ୍ତି, ସୁରଜ ସୁନା, ଅନିଲ ଗୁର୍ଲ୍ଲା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ବିଇଡି ଶିକ୍ଷାର୍ଥୀଙ୍କ ପାଠ୍ୟଦାନ ଅଭ୍ୟାସ କାର୍ଯ୍ୟ ସମ୍ପନ୍ନ



ବରଗଡ,୮।୧୨(ସମିସ): ପଞ୍ଚାୟତ ମହାବିଦ୍ୟାଳୟର ବିଇଡି ଶିକ୍ଷାର୍ଥୀଙ୍କ ଶ୍ରେଣୀଗୃହ ପାଠ୍ୟଦାନ ଅଭ୍ୟାସ କାର୍ଯ୍ୟ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ଠାରେ ସମ୍ପନ୍ନ ହୋଇଛି। ଦୀର୍ଘ ଏକ ମାସ ଧରି ୧୫ରୁ ଉର୍ଦ୍ଧ୍ୱ ବିଇଡି ଶିକ୍ଷାର୍ଥୀ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ଆଲୁମ୍ନି ସଦସ୍ୟ କପିଳ ବାଗ, ଡ.ଡୋଳାମଣି ଶତପଥୀ, ଅଭିଭାବକ ସୁଦର୍ଶନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ସମସ୍ତ ବିଇଡି ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରା ଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷାର୍ଥୀ ମାନେ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ପଦ୍ମପୁର ବଣିକ ସଂଘର ବନ୍ଧୁମିଳନ

ପଦ୍ମପୁର,୮।୧୨(ସମିସ): ପଦ୍ମପୁର ବଣିକ ସଂଘ ତରଫରୁ ସ୍ଥାନୀୟ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ ଠାରେ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବଣିକ ସଂଘର ସଭାପତି ପ୍ରତାପ ମିଶ୍ର, ଉପସଭାପତି ସୁନିଲ ଅଗ୍ରୱାଲ ସମ୍ପାଦକ ନନ୍ଦ କିଶୋର ଅଗ୍ରୱାଲଙ୍କ ସମେତ ସମସ୍ତ ସଦସ୍ୟ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ବ୍ୟବସାୟୀ ମାନେ ନାଚଗୀତ କରି ପରସ୍ପର ଭିତରେ ଭାବର ଆଦାନପ୍ରଦାନ କରିଥିଲେ।

# ଝାରବନ୍ଧରେ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଝାରବନ୍ଧ,୮।୧୨(ସମିସ): ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ବରଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ଝାରବନ୍ଧ ତହସିଲଦାର ଅଲେଖ ଘୁଟା ଏବଂ ଝାରବନ୍ଧ ବ୍ଲକ୍ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା ପ୍ରମୁଖ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିର ସମୟରେ ଚାଷୀଙ୍କ ଟୋକନ ସମସ୍ୟା, ଧାନ ଉଠା, ରାସ୍ତା କାର୍ଯ୍ୟ, ରାସନ କାର୍ଡ ସମସ୍ୟା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ସମିତି ଗ୍ରାଣ୍ଟ ବଣ୍ଟନରେ ପାତରଅନ୍ତର, ଲୌଡିଦର୍ହା ଅଞ୍ଚଳର ନେଟୱାର୍କ ସମସ୍ୟା, ଲଖନପୁରରେ ମୁରୁମ କାମରେ ଅନିୟମିତତା ଓ ରୟତି ଜମିରୁ ଟ୍ରାନ୍ସଫରମର ସ୍ଥାନାନ୍ତରଣ, ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦେଇ ଅଙ୍ଗନବାଡି ଏବଂ ମହିଳା ସୁପରଭାଇଜର ଚାକିରିର ତଦନ୍ତ, ପଞ୍ଚାୟତ ସମିତି ଜୁନିୟର କଲେଜ ଝାରବନ୍ଧର ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ, ଦେଶୀ ବିଦେଶୀ କୁଡିଆ ମଦଭାଟି ଉଚ୍ଛେଦ, ସ୍ୱତନ୍ତ୍ର ପାଣ୍ଠି ଅନୁଦାନର କାର୍ଯ୍ୟ ନହେବା ଭଳି ବିଭିନ୍ନ ଅଭିଯୋଗ ଉଠିଥିଲା। ମୋଟ ୯୪ ଅଭିଯୋଗ ରେକର୍ଡ ହୋଇଥିବା ବେଳେ ଯାହା ମଧ୍ୟରୁ ୬୪ଟି ବ୍ୟକ୍ତିଗତ ଏବଂ ୩୦ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗକୁ ଶୁଣି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀ ମାନଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଖ୍ରୀଷ୍ଟ ଜନ୍ମର ସ୍ୱାଗତ ସମାରୋହ

ବରଗଡ଼,୮।୧୨(ସମିସ): ବରଗଡ଼ ଗାନ୍ଧୀ ନଗର ଚର୍ଚ୍ଚ ପରିସରରେ ଖ୍ରୀଷ୍ଟ ଜନ୍ମ ସ୍ୱାଗତ ପର୍ବ ମହାସମାରୋହରେ ପାଳନ ହେଉଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ସମାଜସେବୀ ସୁବ୍ରତ ବିର୍ତ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଚାର୍ଯ୍ୟ ନକୁଳ ବାଗ୍ ଉପସ୍ଥିତ ଥିଲେ। ନିଳମ ନନ୍ଦ ସଭା ସଞ୍ଚାଳନ କରିଥିଲେ। କୁମୋଦିନି ବାଗ, ସୁଭାଷିନୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଚନ୍ଦ୍ର ଶେଖର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଦବ ସମାଜ ସଭାପତି ଭାବେ ରାଜୁ ଘିବେଲା ପୁନଃ ନିର୍ବାଚିତ



ବରଗଡ଼,୮।୧୨(ସମିସ): ବରଗଡ଼ ଜିଲ୍ଲା ଯାଦବ ସାଂସ୍କୃତିକ ସମାଜର ସଭାପତି ରୂପେ ପୁନର୍ବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜିଲ୍ଲା ସଭାପତି ରାଜୁ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ରୂପେ ରାଜ୍ୟ ଉପସଭାପତି ତଥା ସୁବର୍ଣ୍ଣପୁର ଜିଲ୍ଲା ସଭାପତି ତପନ ଜୁଆଡିଙ୍କ ସମେତ ରାଜ୍ୟ ଉପସଭାପତି ଧନସିଂ ଭୋଇ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ଶଣ୍ଢ, ଜିଲ୍ଲା ଯାଦବ ସମାଜର ବରିଷ୍ଠ ନେତା ଅମୃତଲାଲ ବନଛୋର ଓ ଜିଲ୍ଲା ଉପଦେଷ୍ଟା ଜୟସିଂ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଜିଲ୍ଲାର ଭେଡେନ ବ୍ଲକ୍‌ର କର୍ମକର୍ତ୍ତା ପ୍ରସ୍ତାବ ଦେଇଥିବା ବେଳେ ଜିଲ୍ଲାର ଅନ୍ୟ ସମସ୍ତ ୧୧ଟି ବ୍ଲକ୍, ସମସ୍ତ ସମସ୍ତ ଏନଏସି ଓ ପୌର ପରିଷଦ ବରଗଡ଼ର ସଭାପତି ସମ୍ପାଦକ ମାନେ ସମର୍ଥନ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ଜିଲ୍ଲା ସଭାପତି ରୂପେ ରାଜୁ ଘିବେଲା ନିର୍ବାଚିତ ହୋଇଥିଲେ। ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ର ସଭାପତି ଓ ସମ୍ପାଦକ ଯଥା ରାମ ନାଗ ନାରାୟଣ ଭୋଇ, ଚୂଡାମଣି ବାଗ, ନୀଳାମ୍ବର ମଲ୍ଲିକ, ମାଲିକ ଭୋଇ, ପୂର୍ଣ୍ଣାନନ୍ଦ ସାମଲ, ମନଫୁଲ ଭୋଇ, ହାଡିଆ ବର୍ଗତି, ଗୋବିନ୍ଦ ବିନ୍ଦ ଜୁଆଡି, ସପ୍ତସିନ୍ଧୁ ବର୍ଗତି, ଝସକେତନ ବର୍ଗତି, ସାହେବ କୁଦେଇ, ପୂର୍ଣ୍ଣାନନ୍ଦ ବଢ଼େଇ, ସନ୍ତୋଷ ବନଛୋର, ସଞ୍ଜୟ କାଣ୍ଡ, ଯଦୁନାଥ ଖରସଲେ, ଗଣପତି ବର୍ଗତି, ଧ୍ରୁବଚରଣ ହାତୀ, କେଶବ ଜାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଚାଳନାରେ ଜଗଦୀଶ ବଗାର ଜିଲ୍ଲା ଯୁବ ଯାଦବ ସଭାପତି, ପ୍ରଦୀପ ଥପା ସାଧାରଣ ସମ୍ପାଦକ, ପିତବାସ ବେହେରା, ମନବୋଧ ବନଛୋର, ରାଧେଶ୍ୟାମ ପୋଢ଼, ଚନ୍ଦ୍ରମଣି ଷାଣ୍ଢ, ଛେଳିଆ ପୋଢ଼, ରବୀନ୍ଦ୍ର କୋକ, ଅଗସ୍ତି ବର୍ଗତି, ସୁଦାମ ଭୋଇ, କୁଞ୍ଜବିହାରୀ ରାଉତ, ରକ୍ଷାକାରୀ ଠେଲା ପ୍ରମୁଖ ସହଯୋଗ କରିଥିଲେ।

# ସୋହେଲା କ୍ୟାରମ୍ ଚାମ୍ପିଅନସିପ୍

ସୋହେଲା,୮।୧୨(ସମିସ): ସୋହେଲା ଗୌରୀ କଲ୍ୟାଣ ମଣ୍ଡପରେ ଜୟ ଜଗନ୍ନାଥ କ୍ଲବ୍ ସୋହେଲା ତରଫରୁ ପଞ୍ଚମ ସୋହେଲା କ୍ୟାରମ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୦ଟି ଦଳ ଭାଗ ନେଇଥିଲେ। ବିଜେପୁରର ଅମିତ ଗଡତିଆ ଏବଂ ରାଜୁ ମଟାରି ଚାମ୍ପିଅନ, ପାଟଣାଗଡ ବାଙ୍କିବାହାଲର ବିଶ୍ୱଜିତ ନାଗ ଏବଂ ଟୁକୁ ପଧାନ ଉପ ବିଜେତା, ସୋହେଲାର ବାଳଗୋପାଳ ସାହୁ ଏବଂ ରଞ୍ଜିତ ଭୋଇ ଯୋଡି ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ସହ ନଗଦ ପୁରସ୍କାର ପାଇଥିଲେ। ଗତକାଲି ଅପରାହ୍ନରେ ସୋହେଲା ଗୌନ୍ତିଆ ଶ୍ରୀମନ୍ତ ଗୋପାଳ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭାରେ ସୋହେଲା ଭାଜପା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ଯୁବ ସଂଗଠକ ଚନ୍ଦ୍ରମଣି ଭଞ୍ଜ ଅତିଥି ଭାବେ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ସୋହେଲାର ୨ଜଣ ଅଗ୍ରଣୀ କ୍ୟାରମ୍ ଖେଳାଳି ସ୍ୱର୍ଗତ




ବିଜୟ କାଣ୍ଡ ଏବଂ ପିଣ୍ଟୁ ବାରିକଙ୍କ ସ୍ମୃତିରେ ଚଳିତ ବର୍ଷର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୋହେଲା ଭାଜପା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ଯୁବ ସଂଗଠକ ଚନ୍ଦ୍ରମଣି ଭଞ୍ଜ ଅତିଥି ଭାବେ ବିଜୟୀ ମାନଙ୍କୁ ପୁରସ୍କୃତ କରିଥିଲେ। କିଶୋର ହତା, ବିଶ୍ୱନାଥ ସାହୁ ଖେଳ ପରିଚାଳନା କରିଥିଲେ। ଅବିନାଶ ନାୟକ, ଧର୍ମେସ ଦାସ, ପ୍ରେମାକାନ୍ତ ନାୟକ, ଆଶିଷ ନାୟକ, ଆୟୁସମାନ ସାହୁ, ଅଭିମାନ ସାହୁ, ଅଭିଳାଷ ନାୟକ, ଦୟସାଗର ସାହୁ, ଚିଣ୍ଟୁ ନାୟକ, ମଳୟ ପଶାୟତ, ସୁମନ ନାୟକ, ମହମ୍ମଦ ଅମିନ, ଦୁଷ୍ମନ୍ତ ଭୋଇ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ଆପ୍ରାଇଜ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବରଗଡ଼,୮।୧୨(ସମିସ): ବରଗଡ଼ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ କଲେଜରେ ତିନି ଦିନଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦ୍‌ଯାପନୀ ସହ ପୁରସ୍କାର ବିତରଣ ହୋଇଯାଇଛି। ମୁଖ୍ୟ ଅତିଥି ସତ୍ୟକେତନ ମହାନ୍ତି ଅନ୍ତର୍ଜାତୀୟ ସଂଗ୍ରାହକ ତଥା ବିଶିଷ୍ଟ ସମାଜସେବୀ, ସରୋଜ ଷଡଙ୍ଗୀ ଜିଲ୍ଲା ପ୍ରତିନିଧି ଦୈନିକ ସକାଳ ଖବରକାଗଜ ଏବଂ ପରମାନନ୍ଦ ମିଶ୍ର ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ତଥା ରାଜ୍ୟ ସାମ୍ବାଦିକ ସଂଘ ଉପସଭାପତି ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧକାରୀ ଡ.ମୁକୁନ୍ଦ ଦାଶ ଉପସ୍ଥିତ ଥିଲେ। ଗ୍ରୁପର ଉପାଧ୍ୟକ୍ଷ ଭୀଷ୍ମଦେବ ଦାଶ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟାଳୟ ପ୍ରମୁଖ ଚିତ୍ତରଞ୍ଜନ ଦାଶ ତଥା କଲେଜର ସମସ୍ତ କର୍ମଚାରୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ଶେଷରେ ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସଂଗଠନ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

ଗାଇସିଲେଟ,୮।୧୨(ସମିସ):

ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ତରଫରୁ ରାଜ୍ୟର ସମସ୍ତ ବ୍ଲକ୍‌ରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ପ୍ରତି ବ୍ଲକ୍‌ରେ ୧୦ ଏକର ଜମି ନିରୂପଣ ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଆସିଛି। ତଦନୁସାରେ ଗାଇସିଲେଟ ବ୍ଲକ୍ ମୁଖ୍ୟାଳୟରେ ରାଜସ୍ୱ ବିଭାଗ ୧୦ ଏକର ସରକାରୀ ଜାଗା ଚିହ୍ନଟ କରି କ୍ରୀଡା ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ। କିନ୍ତୁ କୌଣସି କାରଣ ବଶତଃ ଜିଲ୍ଲା କ୍ରୀଡା ବିଭାଗ ଉକ୍ତ ସ୍ଥାନକୁ ଅନୁପଯୁକ୍ତ ଦର୍ଶାଇ ଅନ୍ୟ ସ୍ଥାନ ନିରୂପଣ ପାଇଁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଗାଇସିଲେଟ ଠାରେ ଅସନ୍ତୋଷ ଦେଖା




ଦେଇଛି। ଆଜି ଗାଇସିଲେଟ ୟୁଥ୍ କ୍ଲବ୍ ନେତୃତ୍ୱରେ ଗ୍ରାମ୍ୟ ଉନ୍ନୟନ କମିଟି, ବରିଷ୍ଠ ନାଗରିକ ସଂଘ, ବଣିକ ସଂଘ, ଓକିଲ ସଂଘ, ସମସ୍ତ ସାମାଜିକ ସଂଘ, ସ୍ପୋର୍ଟସ ସଂଗଠନର ସମସ୍ତ ସଦସ୍ୟ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗାଇସିଲେଟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଗାଇସିଲେଟ ବିଡିଓ ଏବଂ ଥାନାଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଗାଇସିଲେଟ ଠାରେ ୫ଟି ପ୍ରାଥମିକ ବିଦ୍ୟାଳୟ, ୨ଟି ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଯୁକ୍ତ ୨ ଏବଂ ଡିଗ୍ରୀ ମହାବିଦ୍ୟାଳୟର ପ୍ରାୟ ୫ ହଜାର ଛାତ୍ରଛାତ୍ରୀ ତଥା ଅଗଣିତ ସ୍ଥାନୀୟ ସ୍ୱାସ୍ଥ୍ୟ ସଚେତନ ନାଗରିକ ଉପକୃତ ହୋଇଥାନ୍ତେ। ଏହା ନ ହେଲେ ଗାଇସିଲେଟ ପାଇଁ ଏକ ବଡକ୍ଷତି ହେବ ବୋଲି ସମସ୍ତେ ଅସନ୍ତୋଷ ପ୍ରକାଶ କରିବା ସହିତ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଯଦି ଜିଲ୍ଲାପାଳ ମହୋଦୟ ଏହାର ଠୋସ ପଦକ୍ଷେପ ନ ନିଅନ୍ତି ତେବେ ସମସ୍ତ ସଂଗଠନ ଏକ ହୋଇ ବିରାଟ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିବା ୟୁଥ୍ କ୍ଲବ୍ ସଭାପତି ରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି।

# ୫ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,୮।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ କୁରେମାଲ ଲାଇନ ହୋଟେଲ ସ୍ଥିତ ପଥପ୍ରାନ୍ତ ସୁବିଧାକେନ୍ଦ୍ର ପରିସରରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମରବଗାରୁ ଅବସର ଗ୍ରହଣ କରିଥିବା ୫ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୮୭ ମସିହାରେ ଆରମ୍ଭ ହୋଇଥିବା ବିଦ୍ୟାଳୟରେ ପ୍ରାରମ୍ଭରୁ ଶିକ୍ଷାଦାନ କରିଥିବା ପ୍ରଧାନଶିକ୍ଷକ ଶାନ୍ତନୁ ପାଣିଗ୍ରାହୀ ଗତ ୨୦୨୩ ମାର୍ଚ୍ଚରେ ଏବଂ ଏପ୍ରିଲରେ ଇଂରାଜୀ ଶିକ୍ଷକ ମଙ୍ଗଳ ପ୍ରସାଦ ଭୋଇ, ୨୦୨୪ ମେ ମାସରେ ଶାରୀରିକ ଶିକ୍ଷା ଶିକ୍ଷକ ବିହାରୀଲାଲ ପଟେଲ ଏବଂ ଜୁନରେ ଗଣିତ ଶିକ୍ଷକ ଯଦୁମଣି ପଧାନ, ୨୦୨୫ ଅଗଷ୍ଟରେ ଭୂଗୋଳ ଶିକ୍ଷକ ବଟୁ ପଧାନ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପ୍ରଥମ ବ୍ୟାଚ ଛାତ୍ର ମହେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଗୁରୁ ପୂଜା କରିବା ସହିତ ଗୁରୁ ମାନଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଛାତ୍ର ରାଜେଶ ସିଂଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ମାନଙ୍କୁ ଛାତ୍ରଛାତ୍ରୀ ବିଦାୟ ସମ୍ବର୍ଦ୍ଧନା ସହିତ ଶୋଭାଯାତ୍ରାରେ ସସମ୍ମାନେ ସେମାନଙ୍କ ଗୃହରେ ପହଞ୍ଚାଇଥିଲେ।

# ମହିଳା ମହାବିଦ୍ୟାଳୟରେ ଏଡ୍ସ ସଚେତନତା




ଝାରସୁଗୁଡ଼ା,୮।୧୨(ସମିସ): ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟ ଝାରସୁଗୁଡ଼ା ଓ ବେଦାନ୍ତ କମ୍ପାନୀର ସଂଯୁକ୍ତ ପ୍ରୟାସରେ ରାଜନୀତି ବିଭାଗର ବିଭାଗ ଅଧ୍ୟକ୍ଷ ରେଣୁକା ପୂଜାରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବ ରେଡ୍କ୍ରସର ଜିଲ୍ଲା ସମନ୍ୱୟକ ସୁରେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ବେଦାନ୍ତ ପକ୍ଷରୁ ଡ.ଅଦ୍ୱିତୀୟ ବାରିକ ଓ ଅମିୟ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଏଡ୍ସ ସମ୍ପର୍କରେ ଥିବା ଭ୍ରମ, ଅନ୍ଧବିଶ୍ୱାସ ଓ ସାମାଜିକ କଳଙ୍କୁ ଦୂର କରିବା ସହ ଯୁବଶକ୍ତିଙ୍କୁ ସଚେତନତା ଅଭିଯାନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ସଞ୍ଚାଳନ ମହିଳା ମହାବିଦ୍ୟାଳୟ ଯୁବରେଡ୍ କ୍ରସ ସମନ୍ୱୟକ ଡ.ସଂଘମିତ୍ରା ପୃଷ୍ଟି କରିଥିଲେ। ଯୁବ ରେଡ୍କ୍ରସର ଅନ୍ୟାନ୍ୟ ସମନ୍ୱୟକ ଡ.ଫାତିମା ବି ଓ ଗୋକୁଳ ନନ୍ଦ ସାହୁଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟାପକ ରେଣୁକା ପଟେଲ, ରେଶ୍ମା ଇକ୍କା, ସୁଷ୍ମିତା ସାହାନୀ ଓ ସରୋଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ନାଟକ ମାଧ୍ୟମରେ ସୁରକ୍ଷା ସଚେତନତା ବାର୍ତ୍ତା



ଝାରସୁଗୁଡ଼ା,୮।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ମହାନଦୀ କୋଲ ଫିଲ୍ଡ ଅଧୀନରେ ଥିବା ଲଜକୁରା ଖୋଲା ମୁହଁ ଖଣିରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ନାଟକ ମାଧ୍ୟମରେ ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯାଇଛି। ମହାନଦୀ କୋଲ ଫିଲ୍ଡ ଅଧୀନରେ ଥିବା ସମଲେଶ୍ୱରୀ, ଲଜକୁରା, ମାଇନ ନମ୍ବର ୨, ବୁନ୍ଦିଆ ମାଇନ୍ସରେ ଗତ ୧୪ ଦିନ ଧରି ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲା। ସ୍ଥାନୀୟ ଆଦର୍ଶ ନଗର କଲୋନୀରେ ଗୋବିନ୍ଦ ବେହେରାଙ୍କ ଦ୍ୱାରା ରଚିତ ସୁରକ୍ଷା ଭିତ୍ତିକ ନାଟକ 'ବେତାଳ କଥା' ମଞ୍ଚସ୍ଥ ହୋଇଥିଲା। ନାଟକକୁ ଗୋବିନ୍ଦ ସିଂହ ଓ ସୁଧୀର ନାଏକ ସଂଯୋଜନା କରିଥିବା ବେଳେ ଝସକେତନ ସାହୁ, ପ୍ରମୋଦ ମେହେର ଓ ପ୍ରଶାନ୍ତ ମହାରଣା ନିର୍ଦ୍ଦେଶକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖଣି ଅବା ବାହାରେ କାର୍ଯ୍ୟ ସମୟରେ ସୁରକ୍ଷା ଉପକରଣ ସାଙ୍ଗରେ ନେବା, ଅସବଧାନତା ସହିତ କାର୍ଯ୍ୟ କଲେ କିପରି ଜୀବନ ହାନି ହୁଏ, ଦୁର୍ଘଟଣା ଘଟେ ତା ଉପରେ କଳାକାର ମାନଙ୍କ ଦ୍ୱାରା ନାଟକ ପ୍ରଦର୍ଶିତ ହୋଇଥିଲା। ବିଜୟ ସାହୁ, ଅନିଲ ଦୀକ୍ଷିତ, ସତେନ୍ଦ୍ର ନାଏକ, ଅମିତ ରାଉତ, ଜଗଦୀଶ ବଡ଼େଇ, ଗୋପାଳ, ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ କଳାକାର ନାଟକରେ ଚମତ୍କାର ଅଭିନୟ କରିଥିଲେ।

# ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଧାରଣା

ଦେବଗଡ଼, ୮।୧୨(ସମିସ)



ଦେବଗଡ଼ ସହରର କେନ୍ଦ୍ର ସ୍ଥଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂଆଁ ବାଲିରୋଇ ସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତରିତ ହେବା ପରେ ପୁରୁଣା କୋଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ପୂର୍ବକ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଜିଲ୍ଲାର ବିଭିନ୍ନ ମହଲରେ ଦାବି ହେଉଛି। ଏହି କ୍ରମରେ ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଶୋଭାଯତ୍ରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଓ ଦେବଗଡ଼ ବନ୍ଦ ପାଳନ ଆଦି ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ନହେବାରୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଶାନ୍ତିପୂର୍ଣ୍ଣ ରିଲେ ଧାରଣା ଜାରି ରହିଛି। ଏହି ଧାରଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ଜନ ସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଜନସାଧାରଣଙ୍କ ନାର୍ଯ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟ ପକ୍ଷରେ ଦାବି ପୂରଣରେ ବିଳମ୍ବକୁ ଦୃଷ୍ଟିରେ ରଖି ମଞ୍ଚ ପକ୍ଷରୁ ଦେବଗଡ଼ ପୌରାଞ୍ଚଳବାସୀଙ୍କ ମଧ୍ୟରେ ସଚେତନତା

**ଜିଲ୍ଲା ଯୁବ ଏକତା ମଞ୍ଚ ଦସ୍ତଖତ ଅଭିଯାନ**

ସୃଷ୍ଟି ଓ ସମ୍ଭାବ୍ୟ ଆନ୍ଦୋଳନ ପାଇଁ ଅଧିକରୁ ଅଧିକ ସମର୍ଥନ ହାସଲ ପାଇଁ ଗତ ୪ ତାରିଖ ଠାରୁ ସାହି ବସ୍ତି ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଓ ଦସ୍ତଖତ ଅଭିଯାନ ଜାରି ରହିଛି। ଏହି କ୍ରମରେ ଆଜି ପଞ୍ଚମ ସଂଧାରେ ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଦେବଗଡ଼ ପୌରାଞ୍ଚଳ ୨ ନମ୍ବର ୱାର୍ଡ ସ୍ଥିତ ରାଧାମାଧବ ମଣ୍ଡପ ଠାରେ ଅଞ୍ଚଳବାସୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚର ସନ୍ତୋଷ ଦେବତା, ଭୀମସେନ ନାୟକ ଓ ମାନସ ଦ୍ୱିବେଦୀଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ଉପରୋକ୍ତ ଦାବି ସମ୍ପର୍କରେ ସାହି ବାସୀନ୍ଦା ମାନଙ୍କୁ ସଚେତନ କରିଥିଲେ। ଏହାସହ ଦାବି ବିଷୟରେ ସେମାନଙ୍କର ମତାମତ ଓ ଦସ୍ତଖତ ସଂଗ୍ରହ କରିଥିଲେ। ସେହିପରି ଦେବଗଡ଼ ପୌରାଞ୍ଚଳ ୬ ନମ୍ବର ୱାର୍ଡରେ ମଧ୍ୟ ମଞ୍ଚ ପକ୍ଷରୁ ଅନୁରୂପ ମତାମତ ଓ ଦସ୍ତଖତ ସଂଗ୍ରହ କରାଯାଇଥିବା ମଞ୍ଚ ପକ୍ଷରୁ ସୂଚନା ମିଳିଛି।

# ପଦ୍ମପୁର ବ୍ୟାଡମିଣ୍ଟନ ପ୍ରିମିୟର ଲିଗ୍ ଉଦ୍ଯାପିତ




ପଦ୍ମପୁର,୮।୧୨(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ଠାରେ ଶେଖ ହାଇଦରଙ୍କ ସ୍ମୃତିରେ ପଦ୍ମପୁର ବ୍ୟାଡମିଣ୍ଟନ ଅନୁଷ୍ଠାନ ଦ୍ୱାରା ୨ ଦିନ ଧରି ହେଉଥିବା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସୋମବାର ସମାପ୍ତ ହୋଇଛି। ୬ ତାରିଖ ଆଉଟଡୋର ଟୁର୍ଣ୍ଣାମେଣ୍ଟ ହୋଇଥିଲା। ସେଥିରେ ମାନେଶ୍ୱରର ମନଜିତ ମେହେର ଓ ହେପି ମହାପାତ୍ର ବିଜେତା ହୋଇଥିଲେ। ପଦ୍ମପୁରର ବୋଧୀଦିତ୍ୟ ସାହୁ ଓ ଫିରୋଜ ଖାନ ଉପବିଜେତା ହୋଇଥିଲେ। ଆଜି ଇନଡୋର ଦଳ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବା ଅନେକ ପ୍ରତିଷ୍ଠିତ ଖେଳାଳି ଭାଗ ନେଇଥିଲେ। ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାଣ୍ଡବ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସମାଜକୁ ନିଶା ସେବନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଉଦ୍ଯାପନୀ ଉତ୍ସବରେ ପଦ୍ମପୁର ଥାନାଧିକାରୀ ମମତା ନାଏକ ପୁରସ୍କାର ବିତରଣ କରିଥିଲେ। ବାବୁଲୁ ଶେଖ, ବିଷ୍ଣୁ ଦୋରା, କହ୍ନେଇ ଦୋରା, କପିଳ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭୁବନେଶ୍ୱରର ଡିବିଏସ୍ ଚନ୍ଦ୍ରା ଓ କଲଗା ଜଗଦୀଶ ବିଜେତା ହୋଇଥିଲେ। ଅନୁଗୁଳର ତନ୍ମୟ ସାହୁ ଓ ଅଭିଜିତ ମହାରଣା ଉପବିଜେତା ହୋଇଥିଲେ। ପି.ଚକ୍ରଧର ଓ ଅମ୍ଲାନ ଗଡନାଏକ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଚତୁର୍ଥ ସ୍ଥାନରେ ବିକାଶ ସେଠି ଓ ଜନ୍ମୟ ଗୁରୁ ରହିଥିଲେ। ସମସ୍ତଙ୍କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଦ୍ମପୁର ବ୍ୟାଡମିଣ୍ଟନର ସଦସ୍ୟ ହରିଶଙ୍କର ସିଂହ, ବଂଶୀ ଅଗ୍ରୱାଲ, ସୁନୀଲ ସାହୁ, ସୁଧିର ସାହୁ, ଅଶୋକ ମିଶ୍ର, ସଲ୍ଲୁ ଖାନ, ଅପ୍ପୁ ଖାନ, ଦୀପକ ଅଗ୍ରୱାଲ, ସଲମାନ ଖାନ, ମହମ୍ମଦ୍ ଆବତାଭ, ଅରୂପାନନ୍ଦ ନାଏକ, କମଳ ଅଗ୍ରୱାଲ, ସୋମୁ ଅଗ୍ରୱାଲ, ଅବିକ ସିଦ୍ଦିକ, ନିପୁନ ସାହୁ, ରିତେଶ ସାହୁ, ଶିଭମ ଶେଖର ସାହୁ, ଟିନୁ ମଲ୍ଲିକ, ଅଂଶୁମାନ ତ୍ରିପାଠୀ, କିଶୋର ବାଗ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ହରିଶଙ୍କର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ବରଗଡ଼,୮।୧୨(ସମିସ): ବରଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକାଶ ଦୀପ୍ତିଙ୍କ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲାର ବରପାଲି, ଭେଡେନ, ବରଗଡ଼, ଅତାବିରା ଓ ବିଜେପୁର ବ୍ଲକ୍ର ୨୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ ନେଇ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବ୍ରତ ବିର୍ତିଆ, କିଶୋର ଚନ୍ଦ୍ର ସାହୁ ଓ ଅନୁରଞ୍ଜନ ଡୁଙ୍ଗ୍ ଡୁଙ୍ଗ୍ ନିର୍ଦ୍ଦେଶକ ବିକାଶ ଦୀପ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯାମିନୀ ସେଠ୍, ନାଗପାଲି,ମଞ୍ଜୁ ବାଗ୍, ବଚସ୍ୱିନୀ ବିଶ୍ୱାଳ ହିର୍ଲିପାଲି ଓ ଶୁଶାନ୍ତ ମେହେର ଚିଚିଣ୍ଡାଙ୍କୁ ସମ୍ମାନିତ କରାଯାଇ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସ୍ୱୟଂ ସହାୟକ ଦଳର ଉତ୍ପାଦିତ ସାମଗ୍ରୀକୁ ଆଣି ଦିବ୍ୟାଙ୍ଗ ଭାଇ ଭଉଣୀ ପ୍ରଦର୍ଶନ କରିଥିଲେ। ୪୮ ଜଣ ଦିବ୍ୟାଙ୍ଗ ବାଳକ ବାଳିକାଙ୍କୁ ନାଚ, ଖେଳ, ମ୍ୟୁଜିକ ଚେୟାର, ବଲ୍ ଫିଙ୍ଗା, ଚିତ୍ରାଙ୍କନ ଓ ଅନ୍ଧ ପୁଟୁଳି ଖେଳରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଅତିଥି ମାନେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ଯ୍ୟାମୀ ସାହୁ ସଂଯୋଜନା କରିଥିବା ବେଳେ ବିକାଶ ଦୀପ୍ତିର ସଦସ୍ୟ ମାନେ ପରିଚାଳନା କରିଥିଲେ।

# ବରପାଲି ସାମ୍ବାଦିକ ସଂଘର ବାର୍ଷିକୋତ୍ସବ



ବରପାଲି,୮।୧୨(ସମିସ): ବରପାଲି ସାମ୍ବାଦିକ ସଂଘର ୩୯ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉତ୍ସବ ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡତିଆ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସାମ୍ବାଦିକ ବାଲ କିଶୋର ଖାଡଙ୍ଗା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ପଦ୍ମ ଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଶୁତୋଷ ରଥ ଓ ନିବେଦିତା ସ୍ୱାଇଁ ମଞ୍ଚ ସଞ୍ଚାଳନ କରିଥିଲେ। ବରଗଡ଼ ଧନୁଯାତ୍ରା ସମ୍ପାଦକ ସୁରେଶ୍ୱର ଶତପଥୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ସମାପନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଚିତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାକୁ ବ୍ଲକ୍ ଅଧ୍ୟକ୍ଷା ରୀନା ଥଇତ ଉଦ୍ଘାଟନ କରିଥିଲେ। ନିବେଦିତା ସ୍ୱାଇଁ ଓ ଅଶୋକ ପଣ୍ଡା ଏହାର ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେ ବାପା ଜେଜେ ମା' ସମ୍ମିଳନୀ



ଦେବଗଡ଼,୮।୧୨(ସମିସ): ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ସୋମବାର ଜେଜେ ବାପା ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଭାଗ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘ ଚାଳକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ପରିବାରରେ ଜେଜେ ବାପା ଜେଜେମା' ମାନଙ୍କ ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ୯୫ରୁ ଉର୍ଦ୍ଧ୍ୱ ଜେଜେ ବାପା ଜେଜେମା' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗୁରୁମା ଗୀତାରାଣୀ ପ୍ରଧାନ ସଭା ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ସଭାପତି ପରମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୮।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅଧୀନ ରାଜପୁର ରେଳ ଓଭରବ୍ରିଜ ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ଜଣକ ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଅଞ୍ଚଳର ମଧୁ ମେହେରଙ୍କ ପୁଅ ରାଜୁ ମେହେର ବୋଲି ଜଣାପଡିଛି। ମୃତକଙ୍କ ବୟସ ପ୍ରାୟ ୩୦ ବର୍ଷ ହୋଇଥିବା ଅନୁମାନ କରାଯାଇଛି। ରବିବାର ବିଳମ୍ବିତ ରାତ୍ରିରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ରେଲୱେ ପୁଲିସ ଓ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯାଇଥିଲା। ସୋମବାର ସକାଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି।

# ମାଧବ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୮।୧୨(ସମିସ): ବ୍ରଜରାଜନଗର ସ୍ଥିତ ରବୀନ୍ଦ୍ର ଭବନ ଠାରେ ମାଧବ ସଙ୍ଗୀତ ବିଦ୍ୟାଳୟର ୩୨ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ନଗରପାଳ କ୍ରିଷ୍ଣା ଗୋପାଳ ସିତାନି, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବିଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ସଙ୍ଗୀତ ବିଦ୍ୟାଳୟର ନିର୍ଦ୍ଦେଶକ ଦିନେଶ ପଳେଇ ଓ ସମ୍ପାଦକ ଶମ୍ଭୁ ଚରଣ ଠାକୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼/ରିଆମାଳ,୮।୧୨(ସମିସ): ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ ଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୬ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ୧୭ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ସିସି ରାସ୍ତା ନିର୍ମାଣ, ରାସନ୍ କାର୍ଡ ଓ ଜମି ଚିହ୍ନଟ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ବନଖଣ୍ଡ ଅଧିକାରୀ ରଶ୍ମି ଜି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଏସ୍ଟି ଜମି ଉପନିବନ୍ଧକଙ୍କ ନିଲମ୍ବନକୁ ବିରୋଧ

## ଜିଲ୍ଲା ଏସ୍ସି ଏସ୍ଟି କ୍ରିୟାନୁଷ୍ଠାନ କମିଟିର ପ୍ରେସ୍ମିଟ୍



ଝାରସୁଗୁଡ଼ା,୮।୧୨(ସମିସ): ସରକାର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଏସ୍ଟି ଜମି ଉପନିବନ୍ଧକ ଅଧିକାରୀଙ୍କୁ ନିଲମ୍ବନ ବିରୋଧରେ ଜିଲ୍ଲା ଏସ୍ସି ଏସ୍ଟି କ୍ରିୟାନୁଷ୍ଠାନ କମିଟି ରବିବାର ସାମ୍ବାଦିକ ସମ୍ମିଳନୀ କରିଛି। ନିଲମ୍ବିତ ଅଧିକାରୀଙ୍କୁ ଫସାଇ ଦିଆଯାଇଥିବା ଏବଂ ଏହି ଘଟଣାରେ ଅନ୍ୟ ବଡ଼ ମୁଣ୍ଡ ପ୍ରଚ୍ଛଦରେ ରହିଥିବା କମିଟି ଅଭିଯୋଗ କରିବା ସହ ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ ଦାବି କରିଛି।

ଝାରସୁଗୁଡ଼ା ଜିଲ୍ଲା ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଏସ୍ସି ଏସ୍ଟି ଜମିକୁ ଶାଗମାଛ ଦରରେ ଅଣ ଆଦିବାସୀ ଓ ଅଣହରିଜନଙ୍କୁ ବିକ୍ରି କରାଯାଉଛି। ଏହା ସମସ୍ତ ଆଦିବାସୀ ହରିଜନ ତଥା ଅଞ୍ଚଳର ଜନସାଧାରଣଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଜଣେ ବ୍ୟକ୍ତିଙ୍କୁ କିପରି ଏକର ଏକର ଜମି କିଣାବିକା ପାଇଁ ଅନୁମତି ମିଳି ପାରୁଛି ବୋଲି ପ୍ରଶ୍ନ ଉଠିଛି। କିର୍ମିରା ଓ ଲଇକେରା ବ୍ଲକ୍ ଗୁଡିକୁ ସରକାରୀ ସ୍ତରରେ ଆଇଟିଡିଆର ବ୍ଲକ୍ ଭାବେ ନିରୂପଣ କରାଯାଇଛି। ଏହାସତ୍ତ୍ୱେ ଆଦିବାସୀ ହରିଜନ ଲୋକଙ୍କ ଜମିକୁ ଶାଗମାଛ ଦରରେ ବିକ୍ରିବଟା କରାଯାଉଛି। ଏଥିପାଇଁ ଅନୁମତି ମିଳିବା କିପରି ସମ୍ଭବପର ହେଉଛି ତାହା ତଦନ୍ତ ଯୋଗ୍ୟ ବୋଲି ଏସ୍ସି ଏସ୍ଟି କ୍ରିୟାନୁଷ୍ଠାନ କମିଟି ପ୍ରେସମିଟ ମାଧ୍ୟମରେ ସରକାର ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛି। ଏହାସହ ଝାରସୁଗୁଡ଼ା ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଏସ୍ଟି ଜମି ଉପନିବନ୍ଧକ ବିକାଶ କୁଜୁରଙ୍କୁ ଏହି ଘଟଣାରେ ଦୋଷୀ ଭାବେ ଫସାଇ ଦିଆଯାଇଥିବା କମିଟି ଅଭିଯୋଗ କରିଛି। କାରଣ ଦର୍ଶାଅ ନୋଟିସ ନଦେଇ ସରକାର ଗତ ୬ ତାରିଖରେ ଶ୍ରୀ କୁଜୁରଙ୍କୁ ନିଲମ୍ବନ କରିଛନ୍ତି। ଏହା ସମସ୍ତ ଏସ୍ସି ଏସ୍ଟି ସମାଜ ପାଇଁ ନିନ୍ଦନୀୟ ଘଟଣା ବୋଲି କମିଟି କହିଛି। ଛୋଟମାଛ ଫଶି ବଡ ଖସି ଯିବାର ଘଟଣା ବୋଲି କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏଣୁ ଏହି ଏସ୍ଟି ବ୍ୟକ୍ତି ଦୋଷୀ ହେଲେ ଏଥିରେ ସଂଶ୍ଳିଷ୍ଟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୧୫ ଦିନ ତଦନ୍ତ ପରିସରଭୁକ୍ତ କରିବାକୁ ଝାରସୁଗୁଡ଼ା ଜିଲ୍ଲାର ଏସ୍ସି ଏସ୍ଟି କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଏପରି ନହେଲେ କମିଟି ସଭାପତି ଲକ୍ଷ୍ମୀଚରଣ ପାଳ, କାର୍ଯ୍ୟକାରୀ ସଭାପତି ପଦ୍ମଲୋଚନ ବୁଦୁଲା, ସଦସ୍ୟ ବିନୋଦ ବିହାରୀ ବାଗ, ସହକାରୀ ସମ୍ପାଦକ ଉଦିତ ଗର୍ଡିଆ, ସମ୍ପାଦକ ଲିଙ୍ଗରାଜ ପ୍ରଧାନ, କୋଷାଧ୍ୟକ୍ଷ ଜିତେନ୍ଦ୍ରୀୟ ଧୁରୁଆ ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

# ଏନ୍ଆଇଟିରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ

ରାଉରକେଲା, ୮।୧୨(ସମିସ): ପ୍ରଧାନମନ୍ତ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ଶିକ୍ଷକଙ୍କ ପାଇଁ ରାଉରକେଲା ଏନ୍ଆଇଟିରେ ଏକ ୫ ଦିନିଆ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍ଘାଟିତ ହୋଇଯାଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବରଗଡ, ଭଦ୍ରକ, ବୌଦ୍ଧ, କଟକ, କାଳାହାଣ୍ଡି, ଖୋର୍ଦ୍ଧା, ନବରଙ୍ଗପୁର, ନୟାଗଡ଼, ସମ୍ବଲପୁର, ନୁଆପଡା, ବାଲାଙ୍ଗୀର ଏବଂ ଛତିଶଗଡର ସୁରଜପୁର, ବାଲିଗଡ, ରାୟଗଡ, କୋରିଆ, ଦୁର୍ଗ, ଧାମତାରି, ବାଲୋଡାଗଡ, ରାଜନନ୍ଦଗାଁ ଆଦି ଅଞ୍ଚଳରୁ ଶିକ୍ଷକମାନେ ଯୋଗ ଦେଇଥିଲେ। ଏନଆଇଟି ସେଣ୍ଟର ଫର୍ କଣ୍ଟିନିଉଇଂ ଏଜୁକେସନ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଆସୋସିଏଟ୍ ଡିନ୍ ପ୍ରଫେସର ସମିତ ଆରି ସ୍ୱାଗତ ଭାଷଣ ଦେଇ ଏହି କାର୍ଯ୍ୟକ୍ରମ ନୂତନ ଶିକ୍ଷାଦାନ ପଦ୍ଧତି ଏବଂ ଶ୍ରେଣୀଗୃହରେ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାର ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା କହିଥିଲେ। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଏନ୍ଆଇଟି ରାଉରକେଲା ପ୍ରଫେସର ଅଶୋକ କୁମାର ତୁରୁକ, ଡିନ୍ (ଶିକ୍ଷାକ୍ଷେତ୍ର) ପ୍ରଫେସର ସ୍ୱଦେଶ କୁମାର ପ୍ରତିହାରୀ ଉପସ୍ଥିତ ଥିଲେ। ଜବାହାର ନବୋଦୟ ବିଦ୍ୟାଳୟର ପୂର୍ବତନ ଛାତ୍ର କୁଳସଚିବ ପ୍ରଫେସର ରୋହନ ଧିମାନ ଏନ୍ଆଇଟି ରାଉରକେଲା ନବୋଦୟ ବିଦ୍ୟାଳୟଗୁଡ଼ିକ ଜାତୀୟ ପ୍ରତିଭା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି; ଏହି ତାଲିମ ଶିକ୍ଷକମାନଙ୍କୁ ଶ୍ରେଣୀଗୃହ ଅଭ୍ୟାସଗୁଡ଼ିକୁ ସୁଧାରିବା ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱଷ୍ଟତା ଏବଂ ଆତ୍ମବିଶ୍ୱାସକୁ ସୁଦୃଢ଼ କରୁଥିବା ପଦ୍ଧତି ଗ୍ରହଣ କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ପ୍ରଫେସର ଏସ୍. କେ. ପ୍ରତିହାର ଶିକ୍ଷକମାନେ କେବଳ ବିଷୟ ଜ୍ଞାନ ପ୍ରଦାନ କରନ୍ତି ନାହିଁ, ବରଂ ଛାତ୍ରଛାତ୍ରୀଙ୍କ ଭାବପ୍ରବଣ ସୁସ୍ଥତାକୁ ବୁଝିବା ଏବଂ




ପ୍ରତ୍ୟେକ ଛାତ୍ରଙ୍କୁ ଆତ୍ମବିଶ୍ୱାସ ସହିତ ବଢ଼ିବାକୁ ପ୍ରେରଣା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅଶୋକ କୁମାର ତୁରୁକ ପ୍ରଯୁକ୍ତିବିଦ୍ୟା ଉପରେ ବଢୁଥିବା ନିର୍ଭରଶୀଳତା ସହିତ ଛାତ୍ରଛାତ୍ରୀମାନେ ପ୍ରାୟତଃ ଅନଲାଇନ୍ ଉତ୍ସ କିମ୍ବା ଦ୍ରୁତ ଡିଜିଟାଲ୍ ପ୍ରତିକ୍ରିୟା ଉପରେ ନିର୍ଭର କରନ୍ତି, ଯାହା ଦ୍ୱାରା ସମାନ ଉତ୍ତର ଏବଂ ସମାଲୋଚନାମୂଳକ ଚିନ୍ତାଧାରା ହ୍ରାସ ପାଇପାରେ ବୋଲି କହିଥିଲେ।

# ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ

**ରାଉରକେଲା, ୮ ।୧୨(ସମିସ)**



ଦାବି ପୂରଣ ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜି ଠାରୁ ବାଧ ହୋଇ ରାଜ୍ୟର ୭ଟି ଯାକ ଆୟୁଷ ମହାବିଦ୍ୟାଳୟର ୧୮୦୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଛନ୍ତି। ଏହି ଆମରଣ ଅନଶନରେ ରାଉରକେଲା ହୋମିଓପାଥି କଲେଜର ଛାତ୍ରଛାତ୍ରୀମାନେ ସାମିଲ ହୋଇ କଲେଜ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ସୂଚନାଯୋଗ୍ୟ, ଗତ ନଭେମ୍ବର ୬ ତାରିଖରୁ ରାଜ୍ୟରେ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନେ କଳା ବ୍ୟାଚ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରି ଆସୁଥିଲେ। ଏହା ସହିତ ଗତ ୨୪ ତାରିଖ ଠାରୁ ରାଜ୍ୟବ୍ୟାପୀ ମହାବିଦ୍ୟାଳୟ ବନ୍ଦ ଡାକରା ଦେବା ସହିତ ଗତ ୩୦ ତାରିଖ ଠାରୁ ଦିବାରାତ୍ର ଧାରଣା ଆନ୍ଦୋଳନ ଜାରି ରହିଥିଲା। ତେବେ କୌଣସି ଗୋଟିଏ ଦାବି ବି ପୂରଣ ନ ହେବାରୁ ବାଧ ହୋଇ ଅହୋରାତ୍ର ଗଛ ତଳେ ପ୍ରବଳ ଶୀତ ସତ୍ତ୍ୱେ ଆମରଣ ଅନଶନ ପାଇଁ ସେମାନେ ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପ୍ରକାଶ ଥାଉକି, ସମସ୍ତ ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ରାଜ୍ୟବ୍ୟାପୀ ଧଳା କୋଟ ବର୍ଜନ କରିଥିଲେ। ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଆୟୁର୍ବେଦ ମହାବିଦ୍ୟାଳୟରେ ଜନୈକ ଛାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। କେନ୍ଦ୍ରରେ ମୋଦୀ ସରକାର ଆୟୁଷ ବିଭାଗର ଉନ୍ନତି ପାଇଁ ବହୁମୁଖୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ପରିତାପର ବିଷୟ ଦୀର୍ଘ ଦିନରୁ ସରକାରଙ୍କୁ ଜଣାଇ ଆସୁଥିବା ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ସଂଘର ଏହି ନ୍ୟାୟସଙ୍ଗତ ଦାବିର କୌଣସି ଗୋଟିଏ ବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଛାତ୍ରଛାତ୍ରୀମାନଙ୍କୁ ସର୍ବଦା ଆଶ୍ୱାସନା ଦେଇ ସୁଖର ସ୍ୱପ୍ନ ଦେଖାଇ ସ୍ୱାସ୍ଥ୍ୟମନ୍ତ୍ରୀ ବର୍ତ୍ତମାନ ନୀରବ। ଛାତ୍ରଛାତ୍ରୀମାନେ ମନ୍ତ୍ରୀଙ୍କ ନିଜ ସନ୍ତାନ ତୁଲ୍ୟ ଏଭଳି ପରିସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାବି ପୂରଣ ତ ଦୂରର କଥା ଦେଖା କରିବାକୁ ମଧ୍ୟ ଆସୁନାହାନ୍ତି। ଏହି ପରିସ୍ଥିତିରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ହସ୍ତକ୍ଷେପ କରିବାକୁ ଛାତ୍ରଛାତ୍ରୀମାନେ ଅନୁରୋଧ କରିଛନ୍ତି। ଏହି ଅନଶନରେ ଯଦି କୌଣସି ଡାକ୍ତରୀ ଛାତ୍ରଙ୍କର ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଏ, ତାହାଲେ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ କହିଛନ୍ତି।

### ଚୋରି ଓ ଟ୍ରାଫିକ୍ ସମସ୍ୟା

# ବିଶ୍ୱନାଥପୁର ବଣିକ ସଂଘ ଥାନାର ଦ୍ୱାରସ୍ଥ


**ଲାଞ୍ଜିଗଡ଼, ୮ ।୧୨(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ଚୋରି ଓ ବଜାର ଠାରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହାକୁ ନେଇ ଅନେକ ଥର



ବିଶ୍ୱନାଥପୁର ବଣିକ ସଂଘ ପକ୍ଷରୁ ପୁଲିସ ପାଖରେ ଅଭିଯୋଗ କରାଯାଇଛି। ହେଲେ ବିଶ୍ୱନାଥପୁର ପୁଲିସ ଏଥିପ୍ରତି ଦୃଷ୍ଟି ନଦେଇ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ କରି ଶନିବାର ବିଶ୍ୱନାଥପୁର ବଣିକ ସଂଘ ପୁଣିଥରେ ଥାନାର ଦ୍ୱାରସ୍ଥ ହୋଇ ନିୟମିତ ନାଇଟ୍ ପାଟ୍ରୋଲିଂ କରିବା, ନାବାଳକ ମାନେ ଦ୍ରୁତ ଗତିରେ ବାଇକ ଚଳାଇବା ପ୍ରତି ପୁଲିସ ରୋକ ଲଗାଇବା, ସ୍କୁଲ, କଲେଜ ସମୟରେ ଏବଂ ଶୁକ୍ରବାର ବିଶ୍ୱନାଥପୁର ସାପ୍ତାହିକ ବଜାର ଦିନରେ ନିୟମିତ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରିତ କରି ଭାରିଯାନ ଏବଂ ଦ୍ରୁତ ଗତିରେ ଚଳାଉଥିବା ଯାନବାହନ ପ୍ରତି ରୋକ ଲଗାଇବା ପାଇଁ ଅନୁରୋଧ କରିଛନ୍ତି। ଯଦି ଏଥି ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଆଗାମୀ ଦିନରେ ବଣିକ ସଂଘ ଦୋକାନ ବଜାର ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଅଭିଯୋଗକୁ ନେଇ ବିଶ୍?ନାଥପୁର ଥାନା ଭାରପ୍ରାପ୍ତ ଅଧିକାରୀ ତୁଳସୀ ରାମ ଶବରଙ୍କୁ ପଚାରିବାରୁ କର୍ମଚାରୀଙ୍କ ଅଭାବ ଯୋଗୁଁ ପାଟ୍ରୋଲିଂ କରିବା ସମ୍ଭବ ହେଉ ନଥିବା ପ୍ରକାଶ କରିଛନ୍ତି।

# ଇନ୍‌ଷ୍ଟାଗ୍ରାମ୍‌ରେ ସଟ୍ଟା କାରବାର

**କଣ୍ଟାବାଞ୍ଜି, ୮ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଏବେ ଅନଲାଇନ ସଟ୍ଟା କାରବାର ପେଣ୍ଠସ୍ଥଳୀ ହୋଇଛି। ଯୁବପିଢ଼ିଙ୍କୁ ଟଙ୍କା ପ୍ରଲୋଭନ ଦେଖା ଏହି କାରବାର ଚାଲିଥିବାବେଳେ ଯୁବପିଢି ଲକ୍ଷଲକ୍ଷ ଟଙ୍କା ହାରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଥିବା ମଧ୍ୟ ନଜିର ହେଉଛି। ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ ବାଲାଜୀ ଅନ୍‌ଲାଇନ ବୁକିଂ ନାରେ ଏକ ଆଇଡି କରି ସେଥିରେ ଏକ ମୋବାଇଲ ନମ୍ବର ଦିଆଯାଇଛି, ଯେଉଁଥିରେ ଲୋକେ ମେସେଜ କଲେ ହ୍ୱାଟ୍ସଅପ୍‌ରେ ଟଙ୍କା ପଠାଇବାରେ ଅପ୍‌ସନ ଆସୁଥିବା ବେଳେ ଲୋକେ ସେଥିରେ ଟଙ୍କା ପଠାଇ ଏହି ସଟ୍ଟା ଖେଳୁଛନ୍ତି। କଣ୍ଟାବାଞ୍ଜି ସହର ଜଣେ ଅଣ ଓଡ଼ିଆ ଯୁବକ ଏହି କାରବାର କରୁଥିବାବେଳେ ଅନ୍ୟ ଜଣେ ଯୁବକ ଜୟପୁରରେ ରହି ଏହି କାରବାରକୁ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି। କଣ୍ଟାବାଞ୍ଜି ପୁଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।




# ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

**ଭବାନୀପାଟଣା, ୮ ।୧୨ (ସମିସ):** ଭବାନୀପାଟଣାସ୍ଥିତ ବ୍ରଜମୋହନ ସରକାରୀ ହାଇସ୍କୁଲରେ ସୋମବାର ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଜିଲାର ଗୋଲାମୁଣ୍ଡା ଆଦର୍ଶ ବିଦ୍ୟାଳୟର ଶ୍ରୀତେଶ କୁମାର ମେହେର ଓ ବରିଷ୍ଠ ବିଭାଗରେ ନର୍ଲା ଆଦର୍ଶ ବିଦ୍ୟାଳୟର ଦିଶାନ୍ତ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଉଭୟେ ଆସନ୍ତା୧୦ ଓ ୧୧ରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପାଇଁ ମନୋନୀତ ହୋଇଛନ୍ତି।କୁଇଜ ପ୍ରତିଯୋଗିତାକୁ କୁଇଜ ମାଷ୍ଟର ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଷଷ୍ଠି କୁମାର ଝାଙ୍କର ଯୋଗଦେଇ ୨ ବିଜେତାଙ୍କୁ ପୁରସ୍କୃତ କରିଥିଲେ।ପ୍ରତିଯୋଗିତାକୁ ଶିକ୍ଷକ ମଙ୍ଗୁଳି ଚରଣ ପ୍ରଧାନ, ଶୁଭମ ଜ୍ୟୋତି ରାଉତ, ଚିନ୍ମୟୀ ବାଗ ଓ ସୀମାରାଣୀ ମାଝୀ ସହଯୋଗ କରିଥିଲେ।ଗଣନାଥପୁର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମଦିନରେ ଶୀତବସ୍ତ୍ର ବାଣ୍ଟିଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ



**ମୁରିବାହାଲ, ୮ ।୧୨(ସମିସ):** ମୁରିବାହାଲ ବ୍ଲକ ଟୁପାଉଡାର ଗ୍ରାମ ପଞ୍ଚାୟତ ସଦରମହକୁମା ପରଗନିଆ ପଡ଼ାଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ଜନ୍ମଦିନ ଉପଲକ୍ଷେ ଶୀତ ବସ୍ତ୍ର (କମ୍ବଳ) ବଣ୍ଟନ କରିଥିଲେ। ତାଙ୍କ ଧର୍ମପତ୍ନୀ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲଳିତାଦେବୀ ଜୈନ ଦିଲୀପ ମହାନନ୍ଦ, ଲିଙ୍ଗରାଜ ମାଝୀ, ଅକ୍ରୁର ଦୀପ, ତପନ ଦୀପ, ନରେନ୍ଦ୍ର ମହାରଣା, ପିଣ୍ଟୁ ଦୀପ, କିଶନ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଏହିପରି ଜନହିତକର କାର୍ଯ୍ୟପାଇଁ ପରଗଗିଆ ପଡ଼ାବାସୀ ପ୍ରଶଂସା କରିବା ସହିତ ତାଙ୍କର ଦୀର୍ଘାୟୁ ନିରାମୟ ଜୀବନ କାମନା କରିଥିଲେ।

### କାରଖାନା ପ୍ରଦୂଷଣରେ ଅଞ୍ଚଳବାସୀ ଅତିଷ୍ଠ

# ମାନବାଧିକାର କମିଶନରେ ଅଭିଯୋଗ

**ଭବାନୀପାଟଣା, ୮ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ତଲଯାରିଙ୍ଗ ଠାରେ ଅବସ୍ଥିତ ଇଣ୍ଡିଆନ ପୋଟାସ ଇଥାନଲ କାରଖାନା ଦ୍ୱାରା ହେଉଥିବା ଜଳ ଏବଂ ବାୟୁ ପ୍ରଦୂଷଣ ଫଳରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡଛନ୍ତି। ଏଥିପ୍ରତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସବୁ ସମସ୍ୟା ପ୍ରତି ଆଖିବୁଜି ଦେଇଛି। ଅଞ୍ଚଳବାସୀଙ୍କ ଅଭିଯୋଗକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଣଦେଖା କରି ମାସମାସ ଧରି କୌଣସି ପଦକ୍ଷେପ ନେଉନାହାନ୍ତି, ଓଲଟି ପୁରୁଣା ପ୍ରଦୂଷଣ ପରୀକ୍ଷା ରିପୋର୍ଟ ଧରେଇ ଦେଇ ଅଭିଯୋଗକୁ ବନ୍ଦ କରିଦେଉଛନ୍ତି। ଅଞ୍ଚଳବାସୀ ପ୍ରଦୂଷିତ ଖମାର ନାଳର ପାଣି ବ୍ୟବହାର କରି ଏବଂ କାରଖାନା ଧୂଆଁରେ ପ୍ରଦୂଷିତ ବାୟୁ ସେବନ କରି ରୋଗ ରେସାଧିଲେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କୌଣସି ଚିନ୍ତା ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗତ ସେପ୍ଟେମ୍ବର ମାସରେ କମ୍ପାନୀ ଦ୍ୱାରା ହେଉଥିବା ପ୍ରଦୂଷଣ ବିଷୟରେ ନାଦୋଲ ନିବାସୀ ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିକଟରେ ଅଭିଯୋଗ ଦାଖଲ କରିଥିଲେ।କିନ୍ତୁ ପରିତାପର ବିଷୟ ଯେ ଦୀର୍ଘ ଦୁଇମାସାଧିକ କାଳ ଅଭିଯୋଗକୁ ଚାପି ରଖିଲା ପରେ ୮ ମାସ ତଳେ ମାର୍ଚ୍ଚ ୨୦୨୫ରେ ସଂଗ୍ରହ ହୋଇଥିବା ନମୁନାର ରିପୋର୍ଟ ପଠେଇ ଦେଇ ଅଭିଯୋଗ ଫାଇଲକୁ ଡୋରି ବାନ୍ଧି ଦେଇଛନ୍ତି। ମାର୍ଚ୍ଚ ୨୦୨୫ର ରିପୋର୍ଟରେ ସବୁ ଠିକଠାକ ଅଛି ବୋଲି ଦର୍ଶାଇ ଫାଇଲ ବନ୍ଦ କରିଦେବା ପ୍ରମାଣିତ କରୁଛି ଯେ, ମାର୍ଚ୍ଚ ମାସ ପରେ ଆଉ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କୌଣସି ଅଧିକାରୀ କାରଖାନା ପରିଦର୍ଶନ କରିନାହାନ୍ତି। ଏପରିକି ସେପ୍ଟେମ୍ବର ମାସରେ ଅଭିଯୋଗ ପାଇଲାପରେ ମଧ୍ୟ କେହି ଅଧିକାରୀ ପ୍ରଦୂଷଣ ଯାଞ୍ଚ କରିବା ପାଇଁ ଆସିନାହାନ୍ତି। ଏଭଳି ଅବହେଳା ବୋର୍ଡ଼ କର୍ତ୍ତୃପକ୍ଷଙ୍କ ଅପାରଗତା ତଥା କମ୍ପାନୀ ପ୍ରତି ତାଙ୍କର ଆନୁଗତ୍ୟ ଥିବା ସ୍ପଷ୍ଟ ସୂଚାଇ ଦେଉଛି। ଲୋକଙ୍କ ସମସ୍ୟା ପ୍ରତି ସରକାରୀ କଳ କେତେ ଗୁରୁତ୍ୱ ଦେଉଛନ୍ତି ତାହା ସ୍ପଷ୍ଟ ପ୍ରମାଣିତ। ଏପରି ଅବହେଳା ଅସହ୍ୟ ହେବାରୁ ଅଭିଯୋଗକାରୀ ଦିଲ୍ଲୀପ କୁମାର ଦାସ ପୁନଶ୍ଚ ଜାତୀୟ ମାନବ ଅଧିକାର କମିଶନ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି ଯାହା କମିଶନଙ୍କ ଦ୍ୱାରା ଡାଏରୀ ନମ୍ବର ୨୮୧୪୯ /ଆଇଏନ୍/ ୨୦୨୫ ଭାବରେ ଗୃହୀତ ହୋଇଛି।

# ପ୍ରବାସୀ ଶ୍ରମିକ ଘରେ ପହଞ୍ଚିଲା ପ୍ରଶାସନ

### ଶ୍ରମିକ ପରିବାରକୁ ସବୁ ଯୋଜନା ପହଞ୍ଚାଇ ଦିଆଯିବ



**ନୂଆପଡ଼ା, ୮ ।୧୨(ସମିସ):** ନୂଆପଡ଼ା ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପରି ଅମାନବିକ ପ୍ରଥାଲୋପ କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କୁହାଯାଉଛି। ହେଲେ ପ୍ରଶାସନ ଡାଳେ ଡାଳେ ଗଲେ ଦାଦନ ଶ୍ରମିକ ଓ ସର୍ଦ୍ଦାର ପତ୍ରେ ପତ୍ରେ ଯାଉଛନ୍ତି। ପରବର୍ତ୍ତୀ ସମୟରେ ନାନା ଦି ସମସ୍ୟା ଓ ଯନ୍ତ୍ରଣାର ଶିକାର ମଧ୍ୟ ହେଉଛନ୍ତି। ଏହା ଉପରେ ଅଙ୍କୁଶ ଲଗାଇବାକୁ ଯାଇ ଆଜି ପରିବର୍ଦ୍ଧିତ ଜନଶୁଣାଣି ଶିବିର ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ରଜନା ଗାଁ ଗସ୍ତ ସମୟରେ ଆନ୍ଧ୍ର ଫେରନ୍ତା ଜଣେ ପ୍ରବାସୀ ଶ୍ରମିକ ମିଶ୍ର ସଗରିଆଙ୍କ ଘରକୁ ଯାଇଥିଲେ। ପ୍ରବାସୀ ଶ୍ରମିକ ଜଣକ ସମସ୍ତ ଦୁଃଖ କଷ୍ଟ ସହ୍ୟ କରି ମାଟି ମା କୋଳକୁ ପୁଣି ଫେରି ଆସିଛନ୍ତି। ସେ ଆଉଥରେ ଯେମିତି ପୁଣି ଦାଦନ ଶ୍ରମିକ ନ ହୁଅନ୍ତି ତାହାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ତାଙ୍କ ସହିତ ଏବଂ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଏଥିରୁ ନିବୃତ୍ତ ରଖିବା ପାଇଁ ସମସ୍ତ ଲାଇନ ବିଭାଗର ବିଭିନ୍ନ ଯୋଜନାରୁ ଆବଶ୍ୟକ ସହାୟତା ଯୋଗାଇବା ସୁନିଶ୍ଚିତ କରିଥିଲେ। ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେମାନେ ଏମିତି ସମସ୍ତ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କ ବିଭାଗୀୟ ଉପଲବ୍ଧ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ କରିଛନ୍ତି।

# ଧାମନଡ଼ଙ୍ଗ ଗାଁରେ ସକ୍ରିୟ ମାଟି ମାଫିଆ



**କଣ୍ଟାବାଞ୍ଜି, ୮ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଧୀନ ଧାମନଡ଼ଙ୍ଗ ଗାଁରେ ସକ୍ରିୟ ହେଲେଣି ମାଟି ମାଫିଆ। ଜେସିବି ଲଗାଇ ହଜାର ହଜାର ଟ୍ରିପ୍ ମାଟି ଚୋରାଚାଲାଣ କରୁଛନ୍ତି। ବଲାଙ୍ଗିର ଜିଲ୍ଲା ଖଣି ବିଭାଗର ମଧ୍ୟ ନଜର ନାହିଁ। ଏନେଇ କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲଖୋଙ୍କୁ ଯୋଗାଯୋଗ କରାଯାଇଥିଲେ ବି ପ୍ରତିକ୍ରିୟା ମିଳିପାରିନାହିଁ।

# 'ନିଶା ମୁକ୍ତ ଭାରତ ଅଭିଯାନ' ସଚେତନତା ଶୋଭାଯାତ୍ରା

**ରାଉରକେଲା, ୮।୧୨(ସମିସ):** ରାଉରକେଲା ବ୍ରହ୍ମାକୁମାରୀ ପକ୍ଷରୁ 'ନିଶା ମୁକ୍ତ ଭାରତ ଅଭିଯାନ' ଅନ୍ତର୍ଗତ ଏକ ସଚେତନତା ଶୋଭାଯାତ୍ରା ଆଜି ରାଉରକେଲାରେ ଆୟୋଜିତ ହୋଇଥିଲା। ଏହି ବିଶାଳ ରାଲି ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟେଡିୟମରୁ ବାହାରି ସହର ପରିକ୍ରମା କରିଥିଲା। ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ, ଡିଏଫଓ ଯଶୋବନ୍ତ ସେଠୀ, ଅବକାରୀ ଅଧିକ୍ଷକ ଜସକେତନ ବରିହା, ଆରଏସ୍‌ପି ଖଣି ନିର୍ବାହୀ ନିର୍ଦ୍ଦେଶକ ବିପିନ ବିହାରୀ ଗିରି, ମାଉଣ୍ଟ ଆବୁ, ରାଜସ୍ଥାନର ରାଜଯୋଗୀ ବିକେ ବନାରସୀ ଲାଲ ଶାହ ଓ ରାଉରକେଲା ଜୋନ ପରିଚାଳିକା ରାଜଯୋଗିନୀ ବି.କେ. ବିମଳା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ସହରର ପ୍ରମୁଖ ପଥମାର୍ଗ ଦେଇ ବସନ୍ତୀ କଲୋନୀ ସ୍ଥିତ ବ୍ରହ୍ମାକୁମାରୀ କେନ୍ଦ୍ରରେ ସମାପ୍ତ ହୋଇଥିଲା। ଏହି ରାଲିରେ ମୋଟ ୧୬୦୬ ଜଣ ଛାତ୍ରଛାତ୍ରୀ, ଯୁବକଯୁବତୀ, ସାମାଜିକ କର୍ମୀ, ସୁରକ୍ଷା ବାହିନୀ ଓ ବିଭିନ୍ନ ସଂସ୍ଥାର ପ୍ରତିନିଧି ଭାଗ ନେଇଥିଲେ। ନଶା ମୁକ୍ତି ଓ ମୋବାଇଲ୍ ନିର୍ଭରତା ସଚେତନତା' ବିଷୟରେ ଆୟୋଜିତ ନିବନ୍ଧ ପ୍ରତିଯୋଗିତାରେ ୬୦ଟି ବିଦ୍ୟାଳୟର ୧୮୦ ଜଣ ବିଜେତା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

### 'ଓଶ୍ରୁ'ର ବାର୍ଷିକ ସମ୍ମିଳନୀ

# ବାପୁନି ସାହୁ ସମ୍ପାଦକ, ବିକାଶ ପାତ୍ର ସଭାପତି




**ବଲାଙ୍ଗିର, ୮ ।୧୨(ସମିସ):** ଓଶ୍ରୁ ବଲାଙ୍ଗିର ଜିଲ୍ଲା ଶାଖାର ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନିୟ ଟାଉନ୍ ବାଳିକା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପରେ ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନା କରାଯାଇ ଗୃହୀତ କରାଯାଇଥିଲା। ସମ୍ମିଳନୀକୁ ଜିଲ୍ଲା ସଭାପତି ବିକାଶ ପତ୍ର, ଜିଲ୍ଲା ସମ୍ପାଦକ ବାପୁନୀ ସାହୁ ଏବଂ ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର ପରିଚାଳନା କରିଥିଲେ। ଜିଲ୍ଲା ସମ୍ପାଦକ ବାପୁନି ସାହୁ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ସତ୍ୟ ନାରାୟଣ ରଥ ଆୟବ୍ୟୟର ହିସାବ ରଖିଥିଲେ। ମୁଖ୍ୟଅତିଥି ଭାବରେ ଓଶ୍ରୁର ଯୁଗ୍ମ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ବ୍ରହ୍ମା ଓ ରାଜ୍ୟ ସମ୍ପାଦକୀୟ ମଣ୍ଡଳୀ ସଦସ୍ୟ ସାଥୀ ପ୍ରତ୍ୟୁଷ ମିଶ୍ର ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ମାରଣ ନୀତି ଉପରେ ଆଲୋକପାତ କରି ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ ଆଗାମୀ ବର୍ଷ ପାଇଁ ନୂତନ ଜିଲ୍ଲା କମିଟି ଗଠନ କରାଯାଇଛି। ସଭାପତି ଭବେ ସାଥୀ ବିକାଶ ପାତ୍ର, ଉପସଭାପତି ଭାବେ ଆକାଶ ମିଶ୍ର, ଜିଲ୍ଲା ସମ୍ପାଦକ ସାଥୀ ବାପୁନି ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ସାଥୀ ସତ୍ୟନାରାୟଣ ରଥ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସାତୀ ସତାବନ ସାହୁ, ଭରତ ଶତପଥୀ, ସୁଶାନ୍ତ ମିଶ୍ର, ସୁନୀଲ କୁମାର ପଣ୍ଡା, ଗିରିଶ ମିଶ୍ର, ଅମର ପଲେଇ, ଏମ୍‌ଏ. ଖାନ, ଘନଶ୍ୟାମ ସାହୁ, ପ୍ରକାଶ ସାହୁ, ସୁଶାନ୍ତ କୁମାର ଭୋଇ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ।

# ଭାବେ ବନ୍ଧା ମୁନୁସ୍ ଜୀବନ୍ ତହଁକ ତହଁକ୍ କୁଟୁମର ଭେଟ୍



**ବଲାଙ୍ଗିର, ୮ ।୧୨(ସମିସ):** ଭାବରେ ମଣିଷ ବନ୍ଧା ଭାବ ହିଁ ମଣିଷ କୁ ନିବିଡ଼ ସମ୍ପର୍କ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସ୍ଥାନୀୟ ପଥରଚେପା ପଞ୍ଚବଟୀ ଉଦ୍ୟାନରେ ତହଁକ ସାହିତ୍ୟ କୁଟୁମର ଭାବର ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ଓ ସାମ୍ବାଦିକଙ୍କ ମଧ୍ୟରେ ଭାବ ବିନିମୟ ହୋଇଥାଏ। କୋସଲି ଭାଷାର ସାମ୍ବିଧାନିକ ମାନ୍ୟତରେ ଅବହେଳା କେଉଁଠି ଏବଂ ଏହା ଉପରେ ସାମ୍ବାଦିକ ଓ ସାହିତ୍ୟକ ମାନଙ୍କ ଭୂମିକା କେତେ ଆବଶ୍ୟକ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ କବି ଓ ସାମ୍ବାଦିକ। ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ମନୋରଞ୍ଜନ ଯୋଷୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମୁକେଶ ବହିଦାର, ବିଭୂକଲ୍ୟାଣ ଗଡ଼ତ୍ୟା, ଅଭିଲାଶ ହୋତା, ସାନୁଜ ମିଶ୍ର ଯୋଗଦେଇ ତହଁକର ଭାସା ଆନ୍ଦୋଳନ ଆଗାମୀ ଦିନରେ ନିଶ୍ଚୟ ଏକ ଉଲଗୁଲାନ ସୃଷ୍ଟି କରିବ ବୋଲି ମତ ରଖିଥିଲେ। କବି ନିରଞ୍ଜନ ପଣ୍ଡା, ନିରୁପମା ମିଶ୍ର, ଗୋପାଳ ମେହେର, ମଞ୍ଚାସୀନ ଥିବାବେଳେ କବି ଶ୍ରୀଯାକାନ୍ତ ଦାସ ସଭା ସଂଯୋଜନା କରିଥିଲେ। ସମ୍ପାଦକ ରାଜେଶ ଦଣ୍ଡସେନା ତହଁକ ପ୍ରତି ସାମ୍ବାଦିକ ମାନଙ୍କର ସହଯୋଗ ହିଁ ଅନୁଷ୍ଠାନ ଏବଂ ଭାଷା କୁ ଆଗକୁ ନେବାରେ ଉତ୍ସାହିତ କରୁଛି ବୋଲି କହିଥିଲେ, ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ତହଁକ କୋସଲି ଭାସାର ସୁରକ୍ଷାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଁ ଆଗାମୀଦିନରେ ଲୋକଙ୍କ ଭିତରେ ସଚେତନ କରିବାକୁ ପ୍ରଚେଷ୍ଟା କରାଯିବ ବୋଲି ମତ ରଖିଥିଲେ। ଏହି ଅବସରରେ ମନ୍ଥନ ଖବରକାଗଜ ଜିଲ୍ଲା ପ୍ରତିନିଧି ମହେନ୍ଦ୍ର ପଧାନ ଏବଂ ଅବାହୁଡାଶର ସମ୍ପାଦକ ନିରଞ୍ଜନ ତ୍ରିପାଠୀକୁ ସମ୍ମାନିତ କରାଯାଇଥିଲା। କବି ମିଳନ ପଣ୍ଡା, ଭରତ ମେହେର, ଦିଲ୍ଲିପ ମିଶ୍ର, ସୁଦେଷ୍ଣା ମିଶ୍ର, ପ୍ରଭାସିନି ଭୋଇ, ରବୀନ୍ଦ୍ର କୁମାର ସାହୁ, ସୁଶାନ୍ତ ବାଗ ସହଯୋଗ କରିଥିବାବେଳେ କବି ଗୋପିନାଥ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ସମ୍ମିଳନୀ

**ରାଉରକେଲା, ୮।୧୨(ସମିସ):** ସ୍ଥାନୀୟ ନୀଳମାଧବ ବିଦ୍ୟାମନ୍ଦିର ପରିସରରେ ସୁନ୍ଦରଗଡ଼ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଓଷ୍ଟାର ଜିଲ୍ଲା ଉପସଭାପତି ମୀନକେତନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମିଳିତ ମଞ୍ଚର ଆବାହକ ତଥା ଜିଲ୍ଲା ଓଷ୍ଟାର ସମ୍ପାଦକ ସନ୍ତୋଷ କୁମାର ନାୟକ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନୁଦାନରୁ ବଞ୍ଚିତ ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ପୁରୁଣା ବ୍ୟବସ୍ଥା ଅନୁସାରେ ପେନସନ ପ୍ରଦାନ ଓ ଅବସର ବୟସ ୬୨ ବର୍ଷ ପ୍ରଭୃତି ଦାବି ବାବଦରେ ଆଲୋଚନା ହୋଇଥିଲା। ଏହି ଦାବି ହାସଲ ପାଇଁ ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ହେଉଥିବା ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ପୂର୍ବତନ ସଦସ୍ୟ ରମାକାନ୍ତ ମଲ୍ଲିକ, ରାଉରକେଲା ସିଟି ଜୋନ୍‌ର ସଭାପତି ଶିଶିର ପାଣି, ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ବିଶ୍ରା ବ୍ଲକ ସମ୍ପାଦକ ହୃଷୀକେଶ ନାୟକ, ଲାଠିକଟା ସମ୍ପାଦକ ଅମୂଲ୍ୟ ସାମଲ, ଲୋକନାଥ ପ୍ରଧାନ, ଅଭିମନ୍ୟୁ ବାରିକ୍, ସୁଦର୍ଶନ ଦାସ ପ୍ରଭୃତି ନିଜର ବକ୍ତବ୍ୟ ରଖିଥିଲେ। ମିଳିତ ମଞ୍ଚର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଶିଶିର କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ବିପିୟୁଟିରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଗ୍ରାଣ୍ଡ ଫିନାଲେ ଉଦ୍‌ଘାଟିତ

**ରାଉରକେଲା, ୮।୧୨(ସମିସ)**




ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆଜି ୩୬ ଘଣ୍ଟିଆ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ର ଗ୍ରାଣ୍ଡ ଫିନାଲେ ଉଦ୍‌ଘାଟିତ ହୋଇଯାଇଛି। ଭାରତର ୧୦ଟି ରାଜ୍ୟ ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ହରିୟାଣା, ଝାଡ଼ଖଣ୍ଡ, ତେଲେଙ୍ଗାନା ଏବଂ ପଞ୍ଜାବରୁ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ପରାମର୍ଶଦାତାଙ୍କୁ ନେଇ ଗଠିତ ୨୫ଟି ଦଳ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଦଳଗୁଡ଼ିକ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଚିହ୍ନଟ କରାଯାଇଥିବା ପାଞ୍ଚଟି ବାସ୍ତବ-ବିଶ୍ୱ ସମସ୍ୟାର ସମାଧାନ ବିକାଶ ଉପରେ କାର୍ଯ୍ୟ କରିବେ। ଏହି ସମସ୍ୟା ଭିତରେ ଡିଜିଟାଲ୍ ଶାସନ, ଶିକ୍ଷା, କୃଷି ଏବଂ ସାଇବର ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଅନ୍ତର୍ଭୁକ୍ତ। ବିଶ୍ୱବିଦ୍ୟାଳୟର ପାଠାଗାର ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ସମ୍ମାନିତ ଅତିଥି ଭାବେ ଇନୋଭେସନ୍ ସେଲ୍‌ଫ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶକ ଯୋଗେଶ ଡି. ବ୍ରହ୍ମାକର ଏବଂ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସେମାନେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ପରିବର୍ତ୍ତନର ସୂତ୍ରଧର ଭାବେ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବାକୁ ସାମୂହିକ ଭାବରେ ଉତ୍ସାହିତ କରିଥିଲେ। ବିପିୟୁଟିର କୁଳପତି ପ୍ରଫେସର ରଥ ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଶ୍ରୀ ବ୍ରହ୍ମାକର ଏହି କାର୍ଯ୍ୟକ୍ରମ ବିଶ୍ୱର ସର୍ବବୃହତ ନବସୃଜନ ପ୍ଲାଟଫର୍ମରେ ପରିଣତ ହୋଇଛି ବୋଲି ପ୍ରକାଶ କରିଥିଲେ। ଡ. ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ ଭାବରେ ଚିନ୍ତା କରିବାକୁ ଏବଂ ସାମାଜିକ ଚ୍ୟାଲେଞ୍ଜର ସମାଧାନ ବିକଶିତ କରିବାକୁ କହିଥିଲେ। ମୁଖ୍ୟଅତିଥି ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ କାର୍ଯ୍ୟକ୍ରମ ପାଇଁ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ଶୁଭକାମନା ଜଣାଇଥିଲେ। ଶେଷରେ ବିପିୟୁଟି କୁଳସଚିବ ନିଶି ପୁନମ୍ ମିଞ୍ଜ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଏହି କାର୍ଯ୍ୟକ୍ରମର ଏକ କେନ୍ଦ୍ରୀୟ ଉଦ୍‌ଘାଟନ ଅଭାଷୀ ମାଧ୍ୟମରେ କରାଯାଇଥିଲା। ବିପିୟୁଟି ସମେତ ଯାହା ସାରା ଭାରତର ସମସ୍ତ ୬୦ଟି ନୋଡାଲ୍ କେନ୍ଦ୍ର ଏହା ସହିତ ସଂଯୋଗ ହୋଇଥିଲେ। କେନ୍ଦ୍ରୀୟ ସମାରୋହରେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ ଏବଂ ଉପାଧ୍ୟକ୍ଷ ଡ. ଅଭୟ ଜେରେ ସମେତ ଶିକ୍ଷା ମନ୍ତ୍ରଣାଳୟ, ଏଆଇସିଟିଇ ଏବଂ ଶିଳ୍ପ ଅଂଶୀଦାରଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆୟ ଓ ବ୍ୟୟ ସମାନ ରହିବ। ଦାନ ଧର୍ମରେ ଦିନ ବିତିବ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପଡୋଶୀଙ୍କ ସହ ସମ୍ପର୍କ ନିବିଡ଼ ହେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେଇପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୨୫-ହଲାଣ୍ଡ ଓ ଇଂଲଣ୍ଡ ସେନା ସନ୍ଧିରେ ହସ୍ତାକ୍ଷର କଲେ।
- ୧୮୯୮-ବେଲୁର ମଠର ସ୍ଥାପନା।
- ୧୯୪୬- ସମ୍ବିଧାନ ସଭାର ପ୍ରଥମ ବୈଠକ ଅନୁଷ୍ଠିତ।
- ୧୯୯୨- ବ୍ରିଟେନ ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଅଲଗା ହେବା କଥା ଘୋଷଣା କଲେ।
- ୨୦୧୧- କଲିକତାର ଏକ ହସ୍‌ପିଟାଲରେ ନିଆଁ ଲାଗିଯିବାରୁ ୯୦ ଜଣ ମୃତ।



## 'ସ୍ପିରିଟ୍' ପ୍ରଭାସ ନେଇଛନ୍ତି ୧୬୦ କୋଟି

ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଫିଲ୍ମ 'ସ୍ପିରିଟ୍'କୁ ନେଇ ଲଗାତାର ନୂଆ ନୂଆ ଖବର ଆସୁଛି। ଏହି ଫିଲ୍ମ ପାଇଁ ସାଉଥ୍ ସୁପରଷ୍ଟାର୍ ପ୍ରଭାସ ୧୬୦ କୋଟି ନେଇଥିବା ଜଣାପଡ଼ିଛି। ତେବେ 'ସ୍ପିରିଟ୍' ପାଇଁ ପ୍ରଭାସ ତାଙ୍କ କ୍ୟାରିୟରରେ ସବୁଠୁ ଅଧିକ ପାରିଶ୍ରମିକ ନେଇଛନ୍ତି। 'ବାହୁବଳି' ଓ 'ବାହୁବଳି ୨'ଫିଲ୍ମ ପରେ ପ୍ରଭାସ ଗ୍ଲୋବାଲ ଆଇକନ୍ ହୋଇଯାଇଛନ୍ତି। ଆମେରିକା, ଜାପାନ ଓ ବିଶ୍ୱର ଅନ୍ୟ ସ୍ଥାନଗୁଡ଼ିକରେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ପ୍ରଭାସ 'ସ୍ପିରିଟ୍' ପାଇଁ ୧୬୦ କୋଟି ନେବା ପରେ ସେ କେବଳ ଟଲିଉଡ୍‌ରେ ନୁହେଁ ଭାରତୀୟ ସିନେମା ଜଗତରେ ସବୁଠୁ ପାରିଶ୍ରମିକ ନେଉଥିବା ହିରୋ ହୋଇଯାଇଛନ୍ତି। 'ବାହୁବଳି' ଫିଲ୍ମ ପରେ ପ୍ରଭାସ ଲଗାତାର ତାଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। 'ଆଦିପୁରୁଷ', 'ସାଲାର', 'କଲ୍‌କୀ', 'ଦ ରାଜା ସାବ୍' ଫିଲ୍ମ ପାଇଁ ପ୍ରଭାସ ୧୦୦ରୁ ୧୫୦ କୋଟି ନେଇଛନ୍ତି। 'ସ୍ପିରିଟ୍'ରେ ପ୍ରଭାସଙ୍କ ବିପକ୍ଷରେ ତ୍ରିପ୍ତି ଦିମ୍ରି ଦେଖାଯିବେ। ସେହିଭଳି ପ୍ରକାଶରାଜ ଓ ବିବେକ ଓବରୟଙ୍କର ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ରହିଛି। ଫିଲ୍ମର ବଜେଟ୍ ୩୦୦ କୋଟି ରହିଥିବାବେଳେ ତ୍ରିପ୍ତିଙ୍କୁ ପାରିଶ୍ରମିକ ବାବଦରେ ୪ କୋଟି ମିଳିଛି।


## ପ୍ଲାଷ୍ଟିକ୍ ବର୍ଜ୍ୟକୁ କମ୍ କରିବ ଷ୍ଟିଲ୍ ପ୍ଲେଟ୍ ବ୍ୟାଙ୍କ

ବିବାହ, ବ୍ରତ କି ପାର୍ଟି ଫଙ୍କସନକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ କର୍ଣ୍ଣାଟକ, ମୈସୁରରେ ଏକ ପ୍ଲେଟ୍ ବ୍ୟାଙ୍କ ରହିଛି। ଅନନ୍ଥା ପ୍ଲେଟ୍ ବ୍ୟାଙ୍କ ନାଁରେ ପରିଚିତ ଏହି ବ୍ୟାଙ୍କକୁ ଅଦମ୍ୟ ଚେତନା ଫାଉଣ୍ଡେସନ୍‌ର ମୁଖ୍ୟ ତେଜସ୍ୱିନୀ ଅନନ୍ତ କୁମାର ଆରମ୍ଭ କରିଛନ୍ତି। ଏଠାରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଦୁଇ ହଜାର ପ୍ଲେଟ୍, ଗିନା, ଗ୍ଲାସ୍, ଚାମଚ ସହ ହଜାରରୁ ଊର୍ଦ୍ଧ୍ୱ ଚା' ଏବଂ କଫି ମଗ୍ ଉପଲବ୍ଧ ରହିଛି। ବିବାହ, ଜନ୍ମଦିନ, ବନ୍ଧୁମିଳନ କାର୍ଯ୍ୟକ୍ରମରେ ଲୋକଙ୍କୁ ଏହି ବ୍ୟାଙ୍କ ମାଗଣାରେ ଏହି ଜିନିଷଗୁଡ଼ିକ ବ୍ୟବହାର କରିବାକୁ ଦେଇଥାଏ। କାମ ସରିବା ପରେ ଲୋକେ ଏହାକୁ ସଫା କରି ବ୍ୟାଙ୍କକୁ ଫେରାଇ ଦିଅନ୍ତି। ଏହି ପ୍ଲେଟ୍ ବ୍ୟାଙ୍କ ସ୍ଥାପନାରେ ଜିଏସ୍‌ଏସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଶ୍ରୀହରୀ ଦ୍ୱାରକାନାଥଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ କୁହନ୍ତି, ପ୍ଲାଷ୍ଟିକ୍ ବ୍ୟବହାର ଉପରେ ରୋକ୍ ଲଗାଇବା କଷ୍ଟ ନୁହେଁ। ତାଙ୍କ କଥାକୁ ଲୋକେ ମଧ୍ୟ ସମ୍ମତି ଜଣାଉଛନ୍ତି। ଏଥିପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ଦ୍ୱାରକା ନାଥ ୧୦,୦୦୦ ବାସନକୁସନ ଏକତ୍ରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବାସନକୁସନଗୁଡ଼ିକର ଦେଖାଶୁଣା ପାଇଁ ଜଣେ କର୍ମଚାରୀ ରହିଛନ୍ତି। ତେଜସ୍ୱିନୀ କୁହନ୍ତି, ଦେଶରେ ମୋଟ୍ ୩୨ଟି ପ୍ଲେଟ୍ ବ୍ୟାଙ୍କ ଥିବାବେଳେ ତନ୍ମଧ୍ୟରୁ କର୍ଣ୍ଣାଟକରେ କେବଳ ୨୭ଟି ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, ୧୯୯୭-୯୮ ମସିହାରେ ତାଙ୍କ ସ୍ୱାମୀ ଜଣେ ପୂର୍ବତନ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆମେରିକା ଯାଇଥିଲେ। ସେଠାରେ ସେ ୱେଷ୍ଟ ସେଗ୍ରିଗେସନ ଆଟ୍ ସୋର୍ସର ମଡେଲ ଦେଖିଥିଲେ। ସେଠାରୁ ଭାରତକୁ ଫେରି ସେ ଅଦ୍ୟମ ଚେତନା ଜରିଆରେ ବେଙ୍ଗାଲୁରୁରେ ୱେଷ୍ଟ ସେଗ୍ରିଗେସନ ଅଭିଯାନ ଆରମ୍ଭ କରିଥିଲେ। ୨୦୦୪-୦୫ରେ ବେଙ୍ଗାଲୁରୁର ସେବା ଉତ୍ସବରେ ପ୍ରଥମ ଥର ପାଇଁ ୧,୦୦୦ ଷ୍ଟିଲ୍ ପ୍ଲେଟ୍ ବଣ୍ଟା ଯାଇଥିଲା। ଏହି ମଡେଲ ପ୍ଲାଷ୍ଟିକ୍ ଜିନିଷ ବ୍ୟବହାରରୁ ରୋକିବ ବୋଲି ସେତେବେଳେ ସେ ଅନୁଭବ କରିଥିଲେ। ବର୍ତ୍ତମାନ ତାଙ୍କ ପାଖେ ପାଖାପାଖି ୩୦ ପ୍ରକାର ଷ୍ଟିଲ ବାସନକୁସନ, ଚାମଚଠୁ ନେଇ ଆଇସକ୍ରିମ କପ୍ ରହିଛି। ବର୍ତ୍ତମାନ ଏହା ଏକ ଜାତୀୟ ନେଟ୍‌ୱର୍କରେ ପରିଣତ ହୋଇଛି। ସବୁଠୁ ବଡ଼ କଥା ହେଉଛି, ଅଦ୍ୟମ ଚେତନା ଆମେରିକାରେ ମଧ୍ୟ ଦୁଇଟି ପ୍ଲେଟ୍ ବ୍ୟାଙ୍କ ୟୁନିଟ୍‌ର ଆରମ୍ଭ କରିଛି।



## ଆଜି ଆସିଥିଲେ

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଜଣେ ବହୁ ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ସେ ଏକାଧାରରେ ଥିଲେ ଜଣେ କବି, ସଙ୍ଗୀତକାର, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ। ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ତାଙ୍କ ଲେଖନୀରୁ ନିସୃତ। କାନ୍ତକବିଙ୍କ କବିତାରେ ପ୍ରଣତି, ପ୍ରତ୍ୟୟ ଓ ସମର୍ପଣର ବାଣୀ ସ୍ପଷ୍ଟ ଥାଏ। ରମ୍ୟ ରଚନା, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଆଦି ସବୁ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ। 'ବୁଢ଼ା ଶଙ୍ଖାରି' ଗଳ୍ପ ହେଉ କିମ୍ବା 'ଜୀବନ ସଙ୍ଗୀତ' କବିତା, ଉଭୟ ଗଦ୍ୟ ଓ ପଦ୍ୟ ପାଇଁ ସେ ପାଠକଙ୍କ ନିକଟରେ ଆଦୃତ ହୋଇଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ୧୮୮୮ ମସିହା ଆଜିର ଦିନରେ କଟକ ଜିଲ୍ଲାର ବାଖରାବାଦର ଧୂଆଁପତ୍ରିଆଗଳିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପୈତୃକ ଗ୍ରାମ ହେଉଛି ଭଦ୍ରକ ଜିଲ୍ଲା ତିହିଡ଼ିବ୍ଲକ୍ ଅନ୍ତର୍ଗତ ତାଳପଦା। ସେ ମାଣବସା ଗୁରୁବାର ତିଥିରେ ଜନ୍ମ ନେଇଥିବାରୁ ମାତା ଲକ୍ଷ୍ମୀଙ୍କ ନାମ ଅନୁସାରେ ତାଙ୍କ ନାମ ଲକ୍ଷ୍ମୀକାନ୍ତ ବୋଲି ରଖାଯାଇଥିଲା। ତାଙ୍କ ପିତାଙ୍କ ନାମ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଓ ମାତାଙ୍କ ନାମ ରାଧାମଣୀ । ଲକ୍ଷ୍ମୀକାନ୍ତ ହାଇସ୍କୁଲରେ ପଢ଼ିବା ସମୟରେ ପାଠ ଛାଡ଼ି ଇଂରେଜମାନଙ୍କ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରି ଅନେକ ରଚନା ସୃଷ୍ଟି କରିଥିଲେ। ଉତ୍କଳ ସମ୍ମିଳନୀରେ ସେ ସଂଶ୍ଳିଷ୍ଟ ହୋଇ ପରବର୍ତ୍ତୀ କାଳରେ ସାମାଜିକ ଏକତା ଓ ସ୍ୱରାଜ୍ୟ ପାଇଁ ବହୁ ଜାତୀୟତାପୂର୍ଣ୍ଣ ସଙ୍ଗୀତ ଓ ପ୍ରବନ୍ଧ ଆଦି ଲେଖିଥିଲେ। ୧୯୧୩ରେ ସେ ରେଭେନ୍ସା କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ପ୍ରଥମେ ତାଙ୍କ ଲେଖାମାନ 'ମୁକୁର' ଓ 'ଉତ୍କଳ ସାହିତ୍ୟ' ଭଳି ପତ୍ରିକାରେ ପ୍ରକାଶ ପାଇଥିଲା। ବ୍ୟାସକବି ଫକୀରମୋହନଙ୍କ ପ୍ରେରଣା ଓ ଆଶୀର୍ବାଦ ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଅଦମ୍ୟ ଝଲକ ଦେଖିବାକୁ ମିଳିଥାଏ। ଓଡ଼ିଆ ଜାତି ମଧ୍ୟରେ ନିକୃଷ୍ଟତାକୁ ଦୂର କରି ଦୃଢ଼ ଆତ୍ମବିଶ୍ୱାସ ଜଗାଇବା ଲକ୍ଷ୍ମୀକାନ୍ତଙ୍କ କବିତାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେ ମାସିକ ସାହିତ୍ୟ ପତ୍ରିକା 'ଡଗର'ର ପ୍ରତିଷ୍ଠାତା ଥିଲେ। 'ଡଗର'ରେ 'ମୁଁ କାହିଁକି ଲେଖେ'ଶୀର୍ଷକ ସ୍ତମ୍ଭରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଲେଖକଙ୍କୁ ସେ ଲୋକଲୋଚନକୁ ଆଣିଥିଲେ। କାନ୍ତକବିଙ୍କ ରଚିତ 'ଜୀବନ ସଙ୍ଗୀତ' ଓଡ଼ିଶା ସାହିତ୍ୟ ଜଗତରେ ଏକ ଦୁର୍ଲଭ ସଙ୍ଗୀତ ଗ୍ରନ୍ଥ। କବି ନିଜ ରଚିତ ସଙ୍ଗୀତର ସ୍ୱର ନିଜେ ଦେବା ସହ ଏହାର ଇଂରାଜୀ ଅନୁବାଦ 'ସଙ୍ଗ ଅଫ୍ ଦ ସୋଲ' ନିଜେ କରିଛନ୍ତି । 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନ ଉଡ଼ାଇବ ହେ', 'ମୋ ସକଳ ଗର୍ବ ଚୂର୍ଣ୍ଣ କରିଛ', 'ଦେ ମୋତେ ବାୟା କରି', 'କୋଟି କୋଟି କଣ୍ଠେ ଆଜି', 'ଉଡ଼ାଇ ନିଶାଣ ବଜାଇ ଭେରି', 'ବନ୍ଦେ ଉତ୍କଳ ଜନନୀ' ଭଳି ଅନେକ କାଳଜୟୀ ସଙ୍ଗୀତର ସେ ସ୍ରଷ୍ଟା । ୧୯୩୩ରେ ଭଦ୍ରକ ଉଚ୍ଚ ବିଦ୍ୟାଳୟରେ ତାଙ୍କ ସମ୍ମାନାର୍ଥେ ଆୟୋଜିତ ସଭାରେ ସର୍ବସମ୍ମତିକ୍ରମେ ତାଙ୍କୁ 'କାନ୍ତକବି' ଉପାଧି ଦିଆଯାଇଥିଲା। ଦୀର୍ଘଦିନ ରୋଗରେ ପୀଡ଼ିତ ହୋଇ ଶେଷରେ ୧୯୫୩ ମସିହା ଫେବ୍ରୁଆରୀ ୨୪ରେ ଆଖି ବୁଜିଥିଲେ ଓଡିଆ ଜଗତର ଏହି କାଳଜୟୀ ସ୍ରଷ୍ଟା ।




## ସୁବର୍ଣ୍ଣ

## ଲାଉରେ ପଟାସ୍ ପ୍ରୟୋଗ

**ଲାଉରେ ପଟାସିୟମ, ଭିଟାମିନ୍, ଖଣିଜ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ରହିଥାଏ। ବଜାରରେ ଲାଉର ଚାହିଦା ସବୁବେଳେ ରୁହେ। ତେବେ ଲାଉ ଚାଷରେ ଅଧିକ ଫଳ ଆସିବାକୁ ପଟାସ ବ୍ୟବହାର କରିପାରିବେ।**

ପଟାସ ଗଛ ପାଇଁ ଏକ ଆବଶ୍ୟକୀୟ ପୋଷକତତ୍ତ୍ୱ। ମୁଖ୍ୟ ରୂପେ ଏହା ଫୁଲ ଓ ଫଳର ବିକାଶରେ ସାହାଯ୍ୟ କରିଥାଏ। ଏହା ଗଛମୂଳକୁ ଶକ୍ତ ବନାଇବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ତେଣୁ କୃଷି ବିଶେଷଜ୍ଞଙ୍କ ମତରେ ଲାଉ ଗଛ ମୂଳେ ଉଚିତ ପରିମାଣର ପଟାସ ପ୍ରୟୋଗ କରିପାରିବେ। ତେଣୁ ଗଛ ୩ରୁ୪ ଫୁଟ ଲମ୍ବା ହେଲେ, ପ୍ରଥମେ ଫୁଲ ଫୁଟିଥାଏ, ସେହି ସମୟରେ ପଟାସ ପ୍ରୟୋଗ କରନ୍ତୁ। ଏଥିପାଇଁ ଏକ ଚାମଚ ପଟାସକୁ ଏକ ଲିଟର ପାଣିରେ ଘୋଳ ବନାଇ ଗଛମୂଳରେ ପ୍ରୟୋଗ କରିପାରିବେ। ପ୍ରତି ୧୫ଦିନ ଅନ୍ତରରେ ଏହାକୁ ପ୍ରୟୋଗ କରିବା ଆବଶ୍ୟକ। ସେହିପରି ଗଛମୂଳରେ ଅଧିକ ମାତ୍ରାର ପଟାସ ବ୍ୟବହାର କରିବା ଅନୁଚିତ। ମାସରେ ଥରେ ଗୋବରଖତ କିମ୍ବା ଜିଆଖତ ପ୍ରୟୋଗ କରି ପାରିବେ। ଗଛରେ ଥିବା ପୁରୁଣା ପତ୍ରକୁ ବାହାର କରିଦିଆଯାଏ। ଏହି ଉପାୟ ଆପଣାଇଲେ ଗଛରେ ଲାଉ ଅଧିକ ଫଳିଥାଏ। ଚାଷୀଭାଇମାନଙ୍କ ଆୟ ବୃଦ୍ଧି ହୋଇଥାଏ।





## ଗହମ ବିହନ ବୁଣାଯନ୍ତ୍ର

ବର୍ତ୍ତମାନ କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ନୂଆ ନୂଆ କୃଷି ଉପକରଣ ଚାଷୀଙ୍କ ଶ୍ରମ ଚିନ୍ତା ଦୂର କରୁଛି। କମ୍ ସମୟରେ ଏକାଧିକ ଜମିର ଚାଷ କାର୍ଯ୍ୟକୁ ସହଜ କରୁଛି। ଏମିତି ଏକ ଆଧୁନିକ କୃଷି ଉପକରଣ ହେଉଛି ଏୟାର ସିଡର। ଏହି କୃଷି ଯନ୍ତ୍ରଟି ଚାଷୀଙ୍କ ସମୟ ବଞ୍ଚାଇବା ସହ ଫସଲ ବୁଣା ପ୍ରକ୍ରିୟାକୁ ସହଜ କରୁଛି। ଏହି ଯନ୍ତ୍ରର କାମ ହେଉଛି, ଏହା ବିହନ ଏବଂ ଉର୍ବରକକୁ ମାଟିରେ ସମାନ ରୂପେ ପକାଇଥାଏ। ଏହି ମେସିନ୍‌ରେ ବାୟୁ ଚାପ ଜରିଆରେ ଜମିରେ ବିହନ ବୁଣାଯାଏ। ଫଳରେ ବିହନ ମାଟିରେ ସଠିକ୍ ଗଭୀର ଏବଂ ଦୂରତ୍ୱରେ ପଡ଼ିଥାଏ। ଏହାଦ୍ୱାରା ଅଙ୍କୁରଣ ଭଲ ହୋଇଥାଏ। ସାଧାରଣତଃ ପାରମ୍ପରିକ ଭାବେ ବିହନ ବୁଣା କାମରେ ଅଧିକ ସମୟ ଲାଗିଥାଏ। ହେଲେ ଏୟାର ସିଡର ମାତ୍ର କିଛି ସମୟ ମଧ୍ୟରେ ବଡ଼ ବଡ଼ ଚାଷ ଜମିରେ ବିହନ ବୁଣିଥାଏ। ଫଳରେ ଏହା ଏକାସାଙ୍ଗେ ବିହନ ଏବଂ ଉର୍ବରକକୁ ଏକାସାଙ୍ଗେ ଜମିରେ ପହଞ୍ଚାଇ ଦେଇଥାଏ। ଏହାଦ୍ୱାରା ଫସଲକୁ ଆରମ୍ଭରୁ ପୋଷଣ ମିଳିପାରେ ଏବଂ ଉତ୍ପାଦନ ବୃଦ୍ଧି ହୋଇଥାଏ। ଏହି ବିହନ ବୁଣାଯନ୍ତ୍ର ଦ୍ୱାରା କେବଳ ସମୟ ବଞ୍ଚିପାରିବ ତାହା ନୁହେଁ, ବିହନ ନଷ୍ଟ ହୁଏ ନାହିଁ। ଆମ ଦେଶରେ ବିଭିନ୍ନ ପ୍ରକାରର ଏୟାର ସିଡର ଉପଲବ୍ଧ ରହିଛି। ଏହା ମୁଖ୍ୟରୂପେ ଆକାର, କ୍ଷମତା, କୌଶଳ ଆଧାରରେ ବାଣ୍ଟି ଦିଆଯାଇଛି। ମିନି ଏୟାର ସିଡର, ଟ୍ରାକ୍ଟର ମାଉଣ୍ଟେଡ୍ ଏୟାର ସିଡର, ଉନ୍ନତ ତଥା ଉଚ୍ଚ କ୍ଷମତା ସମ୍ପନ୍ନ ଏୟାର ସିଡର ଆଦି ଉପଲବ୍ଧ ରହିଛି। ଏହି କୃଷି ଯନ୍ତ୍ର ମାଧ୍ୟମରେ ଗୋଟିଏ ଥରରେ ଏକର ଏକର ଜମିରେ ବିହନ ଏବଂ ଖତ ଓ ଉର୍ବରକ ପ୍ରୟୋଗ କରାଯାଇପାରେ। ଏହି କୃଷି ଯନ୍ତ୍ରର ମୂଲ୍ୟ ଏହାର କ୍ଷମତା, କୌଶଳ ଏବଂ ବ୍ରାଣ୍ଡ ଉପରେ ନିର୍ଭର କରେ। ତେଣୁ ଆଗାମୀ ଦିନରେ ଏୟାର ସିଡର ଉପକରଣ ଚାଷୀ ତଥା ଚାଷୀକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

## ଆଳୁ ଚୋପାରୁ ପ୍ରାକୃତିକ ଖତ

**ଆଳୁ ଚୋପାରେ ଅନେକ ପୋଷକତତ୍ତ୍ୱ ରହିଥାଏ। ତେଣୁ ଏହାକୁ ନ ଫିଙ୍ଗି ଗଛ ପାଇଁ ପ୍ରାକୃତିକ ଖତ ରୂପେ ବ୍ୟବହାର କରିପାରିବେ। ଏହା ମାଟିର ଗୁଣବତ୍ତା ସହ ଗଛ ବୃଦ୍ଧି କରାଇବାରେ ସାହାଯ୍ୟ କରେ।**

ଜିଆଖତ ଏବଂ ଚା' ପତ୍ର ସହ ଆଳୁ ଚୋପାକୁ ମିଶାଇ ତରଳ କିମ୍ବା ଶୁଖିଲା ଖତ ଭାବେ ଫସଲରେ ପ୍ରୟୋଗ କରିହେବ। ଫୁଲ ଏବଂ ଫଳ ବୃଦ୍ଧି କରିବାରେ ଆଳୁ ଚୋପା ସାହାଯ୍ୟ କରେ। ଏଥିପାଇଁ ପ୍ରଥମେ ୧୦୦ ଗ୍ରାମ୍ ଆଳୁ ଚୋପାକୁ ଅଧଲିଟର ପାଣିରେ ପକାଯାଏ। ଅନ୍ୟ ପାତ୍ରରେ ୧୦୦ ଗ୍ରାମ୍ ଜିଆଖତ ଏବଂଆଉ ଏକ ପାତ୍ରଟିରେ ୧୦ ଗ୍ରାମ୍ ବ୍ୟବହୃତ ଚା' ପତି ପକାଯାଇଥାଏ। ଉଭୟ ପାତ୍ରରେ ଅଧ ଲିଟର ପାଣି ପକାଇ ତିନିଟି ପାତ୍ରକୁ ୨ ଦିନ ଢ଼ାଙ୍କି ଦିଆଯାଏ। ପରେ ତିନିଟି ଘୋଳକୁ ଏକ ବଡ଼ କଣ୍ଟେନରରେ ଛାଣି ଦିଆଯାଏ। ଏକ ଲିଟର ତରଳ ଖତକୁ ୪ରୁ ୫ଲିଟର ପାଣିରେ ମିଶାଇ ୧୦ରୁ ୧୫ ଦିନ ଅନ୍ତରରେ ଫସଲରେ ପ୍ରୟୋଗ କଲେ ଫୁଲ ଫଳ ଅଧିକ ଆସେ।

ଆଳୁ ଚୋପାକୁ ୩ଦିନ ଖରାରେ ଶୁଖାଇ ଏହାକୁ ଜିଆଖତ ଏବଂ ବ୍ୟବହୃତ ଚା'ପତି ସହ ମିଶାଇ ମଧ୍ୟ ବ୍ୟବହାର କରିପାରିବେ। ଗଛ ମୂଳେ ହାଲୁକା କୋଡ଼ାଖୋସା କରି ଏହାକୁ ପ୍ରୟୋଗ କରିବା ଭଲ।



## ଏ ସପ୍ତାହ ପାଇଁ କେତେକ ପରାମର୍ଶ

**କୃଷି ପାଣିପାଗ**

- କମ୍ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ।
- ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ ତଳିଘରାରେ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ଶୀତଦିନିଆ ପନିପରିବାରେ ଜଳସିଞ୍ଚନ କରନ୍ତୁ। ରବି ପନିପରିବାରେ ଘାସ ବାଛି କୋଡ଼ାଖୋସା କରନ୍ତୁ।
- ଆଳୁ ଫସଲରେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ। ହୁଡ଼ା ଚଉଡ଼ା ଓ ମଜବୁତ ରଖନ୍ତୁ।
- ଶୀତଋତୁରେ ମାଛଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ @ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ। ପ୍ରତିଦିନ ମାଛମାନଙ୍କୁ ତେଲ ପିଡ଼ିଆ ଖାଇବାକୁ ଦିଅନ୍ତୁ।

## ହ୍ୟାଙ୍ଗିଂ କୁଣ୍ଡ କିଣୁଥିଲେ

**ଆଜିକାଲି ଘରକୁ ନୂଆ ଲୁକ୍ ଦେବାକୁ ଅଧିକାଂଶ ଓହଳା କୁଣ୍ଡରେ ଗଛ ଲଗାଉଛନ୍ତି। ଏହା ବାଲକୋନିର ସୌନ୍ଦର୍ଯ୍ୟ ବଢ଼ାଇବା ସହ ଘରକୁ ଆଧୁନିକ ସ୍ପର୍ଶ ଦେଇଥାଏ। ତେଣୁ ହ୍ୟାଙ୍ଗିଂ କୁଣ୍ଡ କିଣୁଥିଲେ ଧ୍ୟାନ ଦିଅନ୍ତୁ।**



**ମେକ୍ରମ ହ୍ୟାଙ୍ଗିଂ କୁଣ୍ଡ:** କୁଣ୍ଡରେ ତୁଳା, ରଶି କିମ୍ବା ଝୋଟକୁ ବାନ୍ଧି ଏହି କୁଣ୍ଡ ତିଆରି କରାଯାଏ। ଏଥିରେ ସ୍ପାଇଡର ପ୍ଲାଣ୍ଟ, ମନି ପ୍ଲାଣ୍ଟ ଆଦି ଗଛ ଲଗାଯାଏ । ସ୍ଥାନର ଅଭାବ ଥିଲେ ଏହି କୁଣ୍ଡ ବ୍ୟବହାର ସବୁଠୁ ଭଲ।

**ମେଟାଲ୍ ହ୍ୟାଙ୍ଗିଂ କୁଣ୍ଡ:** ଧାତୁରୁ ନିର୍ମିତ କୁଣ୍ଡ ମଜବୁତ ଓ ସ୍ଥାୟୀ। ଏହା ବିଭିନ୍ନ ଡିଜାଇନ୍ ଏବଂ ଆକାରରେ ଉପଲବ୍ଧ। ଏହି କୁଣ୍ଡ ଅଧିକ ଦିନ ବ୍ୟବହାର କରିହୁଏ। ଭାଙ୍ଗିବାର ଆଶଙ୍କା ନ ଥାଏ। ପାଣି ନିଷ୍କାସନ ଏବଂ ବାୟୁ ଚଳାଚଳ ପାଇଁ କୁଣ୍ଡଟି ସର୍ବୋତ୍ତମ। ଏଥିରେ ଫୁଲ କିମ୍ବା ଇନ୍‌ଡୋର ପ୍ଲାଣ୍ଟ ଲଗାଇପାରିବେ।

**କାଚ କୁଣ୍ଡ:** ବାଲକୋନିକୁ ମଡର୍ଣ୍ଣ ଲୁକ୍ ଦିଏ କାଚ କୁଣ୍ଡ। ସର୍ବଦା ଏହାର ମାନ ଦେଖି କିଣିବା ଦରକାର। ଅଳଙ୍କାରିକ ପଥର, ଲାଇଟ୍ ଦେଇ କୁଣ୍ଡକୁ ଆକର୍ଷଣୀୟ କରିପାରିବେ। ଏହି କୁଣ୍ଡରେ ଲକି ବାମ୍ବୋ, ତୁଳସୀ, ପୁଦିନା, ଧଣିଆ ଆଦି ଲଗାଯାଇଥାଏ।

**ଟେରାକୋଟା କୁଣ୍ଡ:** ଟେରାକୋଟା ଓହଳା କୁଣ୍ଡ ହାଲୁକା ହୋଇଥାଏ। ସମସ୍ତ ପାଣିପାଗ ପାଇଁ ଏହି କୁଣ୍ଡ ଭଲ। ଏହି କୁଣ୍ଡରେ ଫୁଲ, ପନିପରିବା, ମନିପ୍ଲାଣ୍ଟ ଆଦି ଲଗାଇପାରିବେ।

**ବାମ୍ବୋ ହ୍ୟାଙ୍ଗିଂ ପ୍ଲାଣ୍ଟର:** ବାଲ୍‌କୋନିକୁ ପ୍ରାକୃତିକ ଲୁକ୍ ଦେବାକୁ ବାଉଁଶ ତିଆରି କୁଣ୍ଡ ବ୍ୟବହାର କରିପାରିବେ । ଏହି କୁଣ୍ଡକୁ କାନ୍ଥ କିମ୍ବା ଛାତରେ ଓହଳାଇ ପାରିବେ। ଏହା ପରିବେଶ ଅନୁକୂଳ।

**ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍ ଆଜିଠୁ**

# ବାରବାଟୀ ପ୍ରସ୍ତୁତ; ଆଜି ମହାମୁକାବିଲା





କଟକ, ୮।୧୨ (ତୁଷାର ସେନାପତି)

କାଉଣ୍ଟ ଡାଉନ ଶେଷ ହୋଇଛି। ପ୍ରତୀକ୍ଷାର ମଧ୍ୟ ଅନ୍ତ ଘଟିଛି। ରାତି ପାହିଲେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମୁକାବିଲା ଖେଳାଯିବ। ସିରିଜର ଏହି ପ୍ରଥମ ମ୍ୟାଚ୍ ଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଛନ୍ତି। ବାରବାଟୀ ମଧ୍ୟ ପ୍ରସ୍ତୁତ ରହିଛି। ପ୍ରଥମ ମ୍ୟାଚରେ ବିଜୟୀ ହୋଇ ଅଗ୍ରଣୀ ହାସଲ କରିବା ଉଭୟ ଦଳର ଲକ୍ଷ୍ୟ। ସେହିଭଳି ବର୍ଷକରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ ବାରବାଟୀରେ ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ନେଇ ଓଡ଼ିଶାର କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।

## ଝାଳ ବୁହାଇଲେ ଗିଲ୍; ବିଶ୍ରାମ ନେଲେ କୁଲଦୀପ

ଟେଷ୍ଟ ସିରିଜକୁ ହାରିବା ପରେ ଭାରତୀୟ ଦଳ ଦିନିକିଆରେ ୨-୧ରେ ବିଜୟୀ ହୋଇ ପ୍ରତିଶୋଧ ନେଇଥିଲା। ଏହି ବିଜୟ ଟି-୨୦ ସିରିଜ ପୂର୍ବରୁ ଖେଳାଳିଙ୍କ ମନୋବଳ ମଧ୍ୟ ଦୃଢ଼ ରହିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଘରୋଇ ଦଳ ସୋମବାର ବାରବାଟୀରେ ବେଶ୍ କିଛି ଘଣ୍ଟା ନେଟ୍ସରେ ଝାଳ ବୁହାଇଥିଲେ। ଅପରାହ୍ନ ପାଖାପାଖି ୨ଟାରୁ ଆରମ୍ଭ କରି ସାଢ଼େ ୪ଟା ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ଖେଳାଳିମାନେ ଫିଲ୍ଡିଂ, ବୋଲିଂ ଓ ନେଟ୍ସରେ ବ୍ୟାଟିଂ କରିଥିଲେ। ବାଉଣ୍ଡାରୀ ଲାଇନରେ ଥିବା ଦୁଇଟି ନେଟ୍ସରେ ପ୍ରଥମେ ଶୁବମନ ଗିଲ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା ଓ ସଞ୍ଜୁ ସାମସନ ବ୍ୟାଟିଂ ଅଭ୍ୟାସ କରିଥିଲେ। ବିଶେଷ କରି ଆହତ ସମସ୍ୟାରୁ ମୁକୁଳି ଥିବା ଗିଲ୍ ନେଟ୍ସରେ ବହୁତ ସମୟ ପର୍ଯ୍ୟନ୍ତ ନେଟ୍ସରେ ଦ୍ରୁତ ବୋଲରଙ୍କୁ ଖେଳିଥିଲେ। ଫଳରେ ଆସନ୍ତାକାଲି ଗିଲ୍‌ଙ୍କ ଖେଳିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଅପରପକ୍ଷରେ ସ୍ପିନର କୁଲଦୀପ୍ ଯାଦବ ନେଟ୍ସରେ ବୋଲିଂ ନ କରି ବିଶ୍ରାମ କରୁଥିବାର ଦେଖିବାକୁ ମିଳିଥିଲା। ଅନ୍ୟତମ ସ୍ପିନର ବରୁଣ ଚକ୍ରବର୍ତ୍ତୀ କିନ୍ତୁ ଆରମ୍ଭରୁ ସୂର୍ଯ୍ୟକୁମାର ଓ ତିଳକଙ୍କୁ ବୋଲିଂ କରିଥିଲେ। ତେଣୁ ପ୍ରଥମ ଟି-୨୦ର ଚୂଡ଼ାନ୍ତ ଏକାଦଶରେ ରିଷ୍ଟସ୍ପିନର କୁଲଦୀପ୍‌ଙ୍କ ଖେଳିବା ଆଶା କ୍ଷୀଣ ହୋଇଛି। ସେହିଭଳି ଯଶପ୍ରୀତ୍ ବୁମ୍‌ରାଙ୍କ ସହ ଶିବମ ଦୁବେ ନେଟ୍ସରେ ବେଶ କିଛି ସମୟ ବୋଲିଂ ଅଭ୍ୟାସ କରିଥିଲେ। ତେଣୁ ବୁମରାଙ୍କ ସହ ପାଣ୍ଡ୍ୟା ନୂଆ ବଲରେ ବୋଲିଂ ଆରମ୍ଭ କରିବା ସ୍ପଷ୍ଟ ହୋଇଛି। ଦୁବେ ତୃତୀୟ ଦ୍ରୁତ ବୋଲର ଭୂମିକା ତୁଲାଇବେ। ସେହିଭଳି ବରୁଣଙ୍କ ସହ ଅକ୍ଷର ପଟେଲ ସ୍ପିନ ବିଭାଗ ସମ୍ଭାଳିବେ। ତେବେ ୱିକେଟ୍‌କିପର ଭାବେ କିଏ ଖେଳିବେ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଅଷ୍ଟ୍ରେଲିଆରେ ସଞ୍ଜୁ ସାମସନଙ୍କୁ ପଛରେ ପକାଇ ଜିତେଶ ଶର୍ମାଙ୍କୁ ଦଳ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଉଭୟ ସୋମବାର ନେଟ୍ସରେ ବ୍ୟାଟିଂ କରୁଥିବାର ଦେଖିବାକୁ ମିଳିଥିଲା। ମୁଖ୍ୟ ପିଚର ସାଇଡ୍‌ରେ ରହିଥିବା ନେଟ୍ସରେ ଅଭ୍ୟାସ କରିଥିବା ଜିତେଶ ବଡ଼ ବଡ଼ ସଟ୍ ମାରି ଦର୍ଶକଙ୍କ ମନମୋହିଥିଲେ।

## 'ପ୍ରତ୍ୟେକ ପୋଜିସନରେ ବ୍ୟାଟିଂ କରିପାରିବେ ସଞ୍ଜୁ'

ସେହିଭଳି ସଞ୍ଜୁ ସାମସନଙ୍କୁ ନେଇ ସୂର୍ଯ୍ୟକୁମାର କହିଛନ୍ତି, 'ସେ ଯେତେବେଳେ ଆସିଥିଲେ ଉପର ଅର୍ଡର ବ୍ୟାଟିଂ କରିଥିଲେ। ମୁଁ ଭାବୁଛି ଓପନରଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସବୁ ପୋଜିସନରେ ବ୍ୟାଟିଂ କରିପାରିବାର ଦକ୍ଷତା ରଖୁଥିବା ଦରକାର। ଶୁବମନ ତାଙ୍କ ପୂର୍ବରୁ ଶ୍ରୀଲଙ୍କା ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ତେଣୁ ଗିଲ୍ ସେହି ପୋଜିସନ (ଓପନିଂ) ପାଇଁ ଯୋଗ୍ୟ। ସଞ୍ଜୁଙ୍କୁ ଆମେ ମଧ୍ୟ ସୁଯୋଗ ଦେଇଥିଲୁ। ସେ ପ୍ରତ୍ୟେକ ପୋଜିସନରେ ଖେଳିବାକୁ ଯୋଗ୍ୟ। ଏପରି ଜଣେ ଖେଳାଳି ଦଳରେ ରହିବା ଭଲ' ବୋଲି ଅଧିନାୟକ ଯାଦବ କହିଛନ୍ତି। ଫଳରେ ଆସନ୍ତାକାଲି ଗିଲ୍ ଇନିଂସ ଓପନ୍ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

## କଟକର ପ୍ରଶଂସକ ବେଶ ଉତ୍ସାହୀ; ମୁଁ ବି ବାମହାତରେ ଟସ୍ ପକାଇବି

ସେହିଭଳି କଟକରେ ପ୍ରଥମଥର ନାଲିମାଟିରେ ପିଚ୍ ପ୍ରସ୍ତୁତ ହୋଇଥିବା ନେଇ ସୂର୍ଯ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେ କହିଛନ୍ତି ପୂର୍ବରୁ ଏଠାରେ ଆମେ 'କଳା ମାଟି'ର ପିଚରେ ଖେଳିଛୁ। ବର୍ତ୍ତମାନ ସୁଦ୍ଧା ମୁଁ ଗ୍ରାଉଣ୍ଡକୁ ଯାଇନି। ପିଚ୍ ଯଦି ନାଲି ମାଟି ହୋଇଥିବ ତେବେ ଆହୁରି ଭଲ। ନାଲି ମାଟିରେ ପିଚ୍ ଫାଷ୍ଟ ରହିଥାଏ। ସେହିଭଳି ବାରବାଟୀରେ ପ୍ରଥମଥର ଖେଳିବାକୁ ଯାଉଥିବା ସୂର୍ଯ୍ୟ କହିଛନ୍ତି, 'ଏଠାରେ ମୁଁ ପୂର୍ବରୁ ଆଇପିଏଲ୍ ଓ ଘରୋଇ କ୍ରିକେଟ୍ ମ୍ୟାଚ୍ ଖେଳିଛି। ଏଠାକାର ପ୍ରଶଂସକ ବେଶ ଉତ୍ସାହୀ। ଲୋକେଶ ରାହୁଲ ତୃତୀୟ ଦିନିକିଆରେ ବାମହାତରେ ଟସ୍ ପକାଇ ଯେଉଁଭଳି ବିଜୟୀ ହୋଇଥିଲେ ମୁଁ ମଧ୍ୟ କାଲି ବାରବାଟୀରେ ବାମହାତରେ ଟସ୍ ପକାଇବି' ବୋଲି ମଜାରେ ସାମ୍ବାଦିକଙ୍କୁ କହିଥିଲେ ସୂର୍ଯ୍ୟକୁମାର।

**ଖେଳ ଆରମ୍ଭ : ରାତି ୭ଟା**

**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟଷ୍ଟାର**



## ଗିଲ୍, ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଦଳରେ ସନ୍ତୁଳନ ଆଣିଛି: ସୂର୍ଯ୍ୟ

'ହାର୍ଦ୍ଦିକ ପାଣ୍ଡ୍ୟା ଓ ଶୁବମନ ଗିଲ୍ ଉଭୟ ସୁସ୍ଥ ଫିଟ୍ ଦେଖାଯାଉଛନ୍ତି। ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଫଳରେ ଦଳରେ ସନ୍ତୁଳନ ଆଣିଛି। ଗତ ଏସିଆ କପ୍‌ରେ ପାଣ୍ଡ୍ୟା ଯେତେବେଳେ ନୂଆ ବଲରେ ବୋଲିଂ କରିଥିଲେ ସେତେବେଳେ ଆମର ଚୂଡ଼ାନ୍ତ ଏକାଦଶ ଲାଗି ଅନେକ ବିକଳ୍ପ ଓ କମ୍ବିନେଶନ ଖୋଲା ହୋଇଯାଇଥିଲା। ପାଣ୍ଡ୍ୟାଙ୍କ ସାମିଲ ହେବା ଫଳରେ ଦଳକୁ ଏହି ସମସ୍ତ ଲାଭ ମିଳିଥାଏ। ତାଙ୍କର ଅଭିଜ୍ଞତା, ସମସ୍ତ ବଡ଼ ବଡ଼ ମ୍ୟାଚ୍ ଏବଂ ଆଇସିସି ଓ ଏସିସି ଟୁର୍ଣ୍ଣାମେଣ୍ଟରେ ସେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ମୁଁ ଭାବୁଛି ସେହି ଅଭିଜ୍ଞତା ଦଳ ପାଇଁ ବହୁତ ଉପଯୋଗୀ ହେବ। ପାଣ୍ଡ୍ୟାଙ୍କ ଉପସ୍ଥିତି ନିଶ୍ଚିତ ଭାବରେ ଦଳରେ ଏକ ଭଲ ସନ୍ତୁଳନ ରକ୍ଷା କରିବ' ବୋଲି ସୋମବାର ଅଭ୍ୟାସ ସେସନ ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ସାମ୍ବାଦିକ ସମ୍ମିଳନୀ ଏହା କହିଛନ୍ତି।



## ଅଭିଷେକଙ୍କୁ ଅଟକାଇବା ପାଇଁ ସ୍ୱତନ୍ତ୍ର ପ୍ଲାନ କରିଛୁ: ମାରକ୍ରମ

ଟି-୨୦ ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା। ଏଥିରେ ଅନ୍ୟ ଫର୍ମାଟ୍ ତୁଳନାରେ ଭିନ୍ନ ଧରଣର ଲଢ଼େଇ ହୋଇଥାଏ। ଆମେ ରେକର୍ଡ ଉପରେ ବିଶ୍ୱାସ କରୁନୁ। କିନ୍ତୁ ଆସନ୍ତାକାଲି ଆମେ ଆମର ଶ୍ରେଷ୍ଠତ୍ୱ ଦେବୁ ଏବଂ ଖେଳର ମଜା ଉଠାଇବୁ' ବୋଲି ସୋମବାର ଅଭ୍ୟାସ ପୂର୍ବରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଆଇଡେନ ମାରକ୍ରମ କହିଛନ୍ତି। ସେହିଭଳି ବିସ୍ଫୋରକ ଭାରତୀୟ ଓପନର୍ ଅଭିଷେକ ଶର୍ମାଙ୍କୁ ମାରକ୍ରମ ବେଶ୍ ପ୍ରଶଂସା କରିଛନ୍ତି। 'ଦିନିକିଆ ସିରିଜ୍‌ରେ ଫର୍ମରେ ଥିବା ଦୁଇ ଭାରତୀୟ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ବିନା ଭାରତ ଟି-୨୦ ସିରିଜ ଖେଳୁଥିବାରୁ ଉଭୟଙ୍କ ଅନୁପସ୍ଥିତି ନିଶ୍ଚୟ ଅନୁଭୂତ ହେବ। ତେବେ ଅଭିଷେକ ଜଣେ ଦୁର୍ଦ୍ଧର୍ଷ ଖେଳାଳି। ଆମେ ତାଙ୍କୁ ଅଟକାଇବା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛୁ।' ଦକ୍ଷିଣ ଆଫ୍ରିକା ଖେଳାଳିମାନେ ସନ୍ଧ୍ୟା ୫ଟାରୁ ଓ ଫ୍ଲଡ ଲାଇଟ୍‌ରେ ରାତି ସାଢ଼େ ୭ଟା ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ନେଟ୍ସରେ ଝାଳ ବୁହାଇଥିଲେ। ସେଣ୍ଟର ପିଚ୍ ନିକଟରେ ଥିବା ନେଟ୍ସରେ ଡେଭିଡ୍ ମିଲର ଓ କୋର୍ବିନ ବୋଶ୍ ବଡ଼ ବଡ଼ ଛକା ମାରି ମ୍ୟାଚ୍ ପୂର୍ବରୁ ନିଜକୁ ପ୍ରସ୍ତୁତ କରିଥିଲେ। ସେହିଭଳି ଲୁନ୍‌ଗି ଏନ୍‌ଗିଡି ବାଉଣ୍ଡାରୀ ଲାଇନରେ ଉଚ୍ଚ କ୍ୟାଚ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଥିଲା।

## ଟସ୍ ନେବ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଆସନ୍ତାକାଲି ବାରବାଟୀରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚରେ ଟସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଯେତେହୁ ବର୍ତ୍ତମାନ ଓଡ଼ିଶାରେ ଶୀତର ଲହରି ଜାରି ରହିଛି ତେଣୁ ମ୍ୟାଚରେ କାକର ବୋଲରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ରାତି ୮ଟାରୁ କାକରର ପରିମାଣ ବଢ଼ିବ। 'ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରୁ ବାରବାଟୀରେ କାକର ପଡ଼ିବାର ସମ୍ଭାବନା ରହିଛି। ରାଜ୍ୟରେ ବର୍ତ୍ତମାନ ଥଣ୍ଡା ପାଗ ସାଙ୍ଗକୁ କାକର ପାଇଁ ପାଗ ଅନୁକୂଳ ରହିଛି। ରାଜ୍ୟକୁ ଏବେ ବଙ୍ଗୋପସାଗର ପଟୁ କିଛିକାଂଶରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସୁଥିବାରୁ ଏହା କାକର ପାଇଁ ଅନୁକୂଳ ପାଗ ସୃଷ୍ଟି କରିଛି। ମ୍ୟାଚ୍ ଦିନ ସମାନସ୍ଥିତି ଜାରି ରହିବ' ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଯଦି କାକରର ପରିମାଣ ୮ଟା ପରେ ବଢ଼ିବ ତେବେ ଏଥିରେ ଦ୍ୱିତୀୟ ଇନିଂସରେ ଫିଲ୍ଡିଂ କରୁଥିବା ଦଳ ସମସ୍ୟାର ସମ୍ମୁଖୀନ ହେବ। କାକର ଯୋଗୁ ବଲ୍ ଓଦା ହୋଇ ହାତରୁ ଖସିବ। ଫଳରେ ବଲ୍‌କୁ ଗ୍ରୀପ୍ କରିବାରେ ସ୍ପିନରଙ୍କୁ ଅସୁବିଧା ହେବ। ଏ ସବୁ କାରଣରୁ ଟସ୍ ଜିତିଲେ ପ୍ରଥମେ ଫିଲ୍ଡିଂ କରିବାକୁ ଉଭୟ ଦଳ ପସନ୍ଦ କରିବେ। ସେହିଭଳି ସୋମବାର ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କାକରକୁ ନେଇ କହିଛନ୍ତି ଯେ ଏହା ଆମ ହାତରେ ନାହିଁ। କାକର ପାଇଁ ଆମେ ସେତେଟା ବ୍ୟସ୍ତ ନାହୁଁ। ଆଇପିଏଲ୍ ସମେତ ଏକାଧିକ ଦିବା-ରାତ୍ର ମ୍ୟାଚରେ କାକରରେ କେଉଁଭଳି ଖେଳାଯିବ ଆମେ ସେଥିରେ ଅଭ୍ୟସ୍ତ ହୋଇଗଲୁଣି।

## ଦଳ ସହ ଅଭ୍ୟାସକୁ ଆସିଲେନି ପାଣ୍ଡ୍ୟା

ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସୋମବାର ଦଳ ସହ ପ୍ରାକ୍ଟିସ କରିବାକୁ ବାରବାଟୀ ଷ୍ଟାଡିୟମକୁ ଆସି ନ ଥିଲେ। ଶନିବାରଠୁ ଭୁବନେଶ୍ୱରରେ ପହଞ୍ଚିଥିବା ପାଣ୍ଡ୍ୟା ପ୍ରଥମ ଖେଳାଳି ଭାବେ ରବିବାର ଏକାକୀ ସନ୍ଧ୍ୟାରେ ବାରବାଟୀରେ ବେଶ୍ କିଛି ସମୟ ଅଭ୍ୟାସ କରିଥିଲେ। କିନ୍ତୁ ସୋମବାର ସେ ଟିମ୍ ସହ ଅଭ୍ୟାସକୁ ନ ଆସି ବିଶ୍ରାମ ନେବାକୁ ଉଚିତ ମଣିଥିଲେ। ଫଳରେ ବାରବାଟୀରେ ଉପସ୍ଥିତ ହଜାର ହାଜର କ୍ରିକେଟ୍ ପ୍ରେମୀ ଆଜି ପାଣ୍ଡ୍ୟାଙ୍କ ଝଲକ ପାଇବାରୁ ବଞ୍ଚିତ ହୋଇଥିଲେ।

## ଭାରତ ଲାଗି ତୃତୀୟଥର ଭାଗ୍ୟବାନ ହେବ କି ବାରବାଟୀ

ଭୁବନେଶ୍ୱର, ୮।୧୨ (ସମିସ): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ବାରବାଟୀରେ ସିରିଜ୍ ଆରମ୍ଭ ହେଉଥିବାରୁ ଓଡ଼ିଶା ଦର୍ଶକ କିଛିଟା ଅଧିକ ଉତ୍ସାହିତ ରହିବା ସ୍ୱାଭାବିକ୍। କିନ୍ତୁ ଉଭୟ ଦଳ ଏଠାରେ ପରସ୍ପର ସହ ତୃତୀୟ ଟି-୨୦ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ଏହି ମ୍ୟାଚ୍ ଭାରତ ଲାଗି ଲକି ସାବ୍ୟସ୍ତ ହେବ କି ଦଳ ହ୍ୟାଟ୍ରିକ୍ ପରାଜୟ ବରଣ କରିବ ତାହାକୁ ନେଇ ବେଶ ଚର୍ଚ୍ଚା ଚାଲିଛି। ପୂର୍ବରୁ ୨୦୧୫ ଓ ୨୦୨୨ରେ ଖେଳାଯାଇଥିବା ଦୁଇଟିଯାକ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପରାଜିତ ହୋଇଛି। ଏଠାରେ ଦଳକୁ ଭାଗ୍ୟଦେବୀ ସହାୟ ହେବ କି ନାହିଁ ତାହା ଆସନ୍ତାକାଲି ମ୍ୟାଚ୍ ପରେ ଜଣା ପଡ଼ିବ। ସେହିପରି ଉଭୟ ଦଳ ନୂଆ ଅଧିନାୟକ ଓ କିଛି ନୂଆ ଖେଳାଳିଙ୍କୁ ନେଇ ଏହି ସିରିଜ୍ ଖେଳିବ। ବିଶ୍ୱକପ୍ ପୂର୍ବରୁ ଏହାକୁ ମିଶାଇ ଆଉ ୧୦ଟି ମ୍ୟାଚ୍ ଖେଳାଯିବାକୁ ଥିବାରୁ ଏବେ ଉଭୟ ଚାମ୍ପିଅନ ଓ ରନର୍ସ ଅପ୍ ଦଳ ଏବେଠାରୁ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ଆରମ୍ଭ କରିବେ ବୋଲି ଯୋଜନା ରଖିଛନ୍ତି।

### କ'ଣ ହୋଇପାରେ ରେକର୍ଡ

ଭାରତ ଏଠାରେ ଆସନ୍ତାକାଲିର ମ୍ୟାଚ୍ ଜିତିଲେ ଭାରତ ପରାଜିତ ହେବାର ଧାରା ଭାଙ୍ଗିବ। ଦଳ ଓ ଦର୍ଶକଙ୍କ ଲାଗି ସିରିଜ୍‌ର ପ୍ରଥମ ମ୍ୟାଚ୍ ବିଜୟ ବେଶ ଉତ୍ସାହ ଆଣିଥାଏ।

**ଯଶପ୍ରୀତ୍ ବୁମ୍‌ରା** : ସେହିପରି ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଯଦି ଏଠାରେ ଆଉ ଗୋଟିଏ ୱିକେଟ ନିଅନ୍ତି ତେବେ ଏହି ଫର୍ମାଟରେ ସେ ୧୦୦ତମ ୱିକେଟ ହାସଲ କରିବେ। କିନ୍ତୁ ସେ ବିଶ୍ୱର ମାତ୍ର ପଞ୍ଚମ ବୋଲର ଭାବେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ୩ଟି ଯାକ ଫର୍ମାଟ୍‌ରେ ୧୦୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାର ବିରଳ ରେକର୍ଡର ଅଧିକାରୀ ହେବେ।

ଏହି ଫର୍ମାଟରେ ୯୮ଟି ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଆଉ ଦୁଇଟି ୱିକେଟ ଅକ୍ତିଆର କଲେ ଏହି ଫର୍ମାଟର ୧୦୦ ୱିକେଟ ପୂରଣ କରିବେ।



## ସମ୍ଭାବ୍ୟ ଖେଳାଳି

**ଭାରତ**: ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା (ୱିକେଟ ରକ୍ଷକ), ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ।
**ବେଞ୍ଚ୍**: ସଞ୍ଜୁ ସାମସନ, ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା।
**ଦକ୍ଷିଣ ଆଫ୍ରିକା**: ଆଇଡେନ୍ ମାରକ୍ରମ (ଅଧିନାୟକ), କ୍ୱିଣ୍ଟନ ଡି କକ୍, ଟୋନି ଡି ଜୋର୍ଜି/ ରୀଜା ହେଣ୍ଡ୍ରିକ୍ସ, ଡିୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ ମିଲର, ମାର୍କୋ ଜାନସେନ, କର୍ବିନ ବୋଶ୍, କେଶବ ମହାରାଜ, ଲୁନ୍‌ଗି ଏନ୍‌ଗିଡି, ଆନରିଚ୍ ନୋର୍ଜେ। **ବେଞ୍ଚ**: ଡୋନୋଭାନ ଫେରେରା, ଜର୍ଜ ଲିଣ୍ଡେ, ଓଟନେଲ ବାର୍ଟମ୍ୟାନ୍, କ୍ୱେନା ମାଫକା।

**ଜାତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଯାପିତ**

# ସିନିଅର ଓ ସବ୍‌ଜୁନିଅର ବିଭାଗରେ ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୮।୧୨ (ସମିସ)

ଇଣ୍ଡିଆନ ଆସୋସିଏସନ ଅଫ କିକ୍ ବକ୍ସିଂ ଅର୍ଗାନାଇଜେସନ (ଆଇକେଓ) ପକ୍ଷରୁ ନିଖିଳ ଓଡ଼ିଶା କିକ ବକ୍ସିଂ ଆସୋସିଏସନ ସହାୟତାରେ ଭୁବନେଶ୍ୱରଠାରେ ୪ ଦିନ ଧରି ଚାଲିଥିବା ଜାତୀୟ କିକ ବକ୍ସିଂ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଟାଉନ ହାଉସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ (ସିନିଅର) ଓ ଉପକନିଷ୍ଠ (ସବଜୁନିଅର) ବର୍ଗରେ ଓଡ଼ିଶା ଦଳଗତ ଚାମ୍ପିଅନ ହୋଇଥିଲା ବେଳେ କନିଷ୍ଠ (ଜୁନିୟର) ବର୍ଗରେ କେରଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିପରି କର୍ଣ୍ଣାଟକର ପରିତୋଷ ମେଘାଳୟର ରୟାଲସନ ଙ୍କୁ ପରାସ୍ତ କରି ପ୍ରଥମ ଆଇଏସ୍‌କେଏ ଜାତୀୟ ପ୍ରୋ କୁଁ ଖମେର ଟାଇଟଲ ହାସଲ କରିଛନ୍ତି। ପ୍ରୋ କିକ ବକ୍ସିଂ ୫୦ କିଲୋ ବର୍ଗରେ ଓଡ଼ିଶାର ରାହୁଲ ଘଡେଇ ଓ ୬୦ କିଲୋ ବର୍ଗରେ କେରଳର ନିହାଲ କରିମ ବେଲ୍ଟ ହାସଲ ଜରିଥିବା ନେଇ ଆୟୋଜକ କମିଟି ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି, ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ, ଆଇଏକେଓ ସଭାପତି ଇଂ ପ୍ରବୋଧ ମହାନ୍ତି, ସମାଜସେବୀ ରୋଜାଲିନ ପାଟଶାଣୀ ମିଶ୍ର, ରୋଟାରୀ ଜିଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଯୋଗ ଦେଇଥିଲେ।




## ମନ୍ଥର ବୋଲିଂ ଲାଗି ଭାରତ ଦଣ୍ଡିତ

ନୂଆଦିଲ୍ଲୀ,୮।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ମନ୍ଥରଗତିରେ ବୋଲିଂ କରିଥିବା ଭାରତୀୟ ଦଳକୁ ଦଣ୍ଡ ପ୍ରଦାନ କରାଯାଇଛି। ଦକ୍ଷିଣ ଆଫ୍ରିକା ଇନିଂସରେ ବୋଲିଂ କରିଥିବା ଭାରତ ନିର୍ଦ୍ଧାରିତ ସମୟରେ ୨ ଓଭର କମ୍ ବୋଲିଂ କରିଥିଲା। ଅମ୍ପାୟାରଙ୍କ ରିପୋର୍ଟ ପାଇବା ପରେ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନ ଖେଳାଳିମାନଙ୍କର ୧୦ ଶତକଡ଼ା ମ୍ୟାଚ୍ ଫି କାଟି ନେଇଛନ୍ତି। ଏହି ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ଜିତି ସିରିଜ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲା। ଏହି ଅର୍ଥ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ମଧ୍ୟ ଲାଗୁ ହେବ ବୋଲି ରିଚାର୍ଡସନ ସ୍ପଷ୍ଟ କରିଛନ୍ତି।

## ଆଜିଠାରୁ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୮।୧୨(ସମିସ): କଟକର ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ମଙ୍ଗଳବାରଠାରୁ ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତ ଭାବେ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ (ବାଇ), ଓଡ଼ିଶା ବ୍ୟାଡମିଣ୍ଟନ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆୟୋଜନ କରୁଛନ୍ତି। ଆସନ୍ତା ୧୪ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ଟି ଦେଶରୁ ୫୭୮ ଜଣ ପ୍ରତିଯୋଗୀ ୫ଟି ଭିନ୍ନ ଭିନ୍ନ ବିଭାଗରେ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ଭାରତରୁ ସର୍ବାଧିକ ୩୧୦ରୁ ୩୩୦, ମାଲେସିଆରୁ ୪୫ରୁ ୫୫, ଇଣ୍ଡୋନେସିଆରୁ ୪୦ରୁ ୫୦, ଚାଇନିଜ୍ ତାଇପେରୁ ୨୫ରୁ ୩୫ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏସିଆ, ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ ଆଦି ମହାଦେଶରୁ ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ଓଡ଼ିଶାରୁ ୧୩ ଜଣ ଖେଳାଳି ସମସ୍ତ ବିଭାଗରେ ଭାଗ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଆୟୁଷ ଦାଶ, ଆର୍ଯ୍ୟ ମାଝୀ, ମହିଳା ସିଙ୍ଗଲ୍ସରେ ହର୍ଷିତା ରାଉତ ଓ ଜାତୀୟ ଜୁନିଅର ଚାମ୍ପିଅନ ତନ୍‌ଭୀ ପତ୍ରୀ, ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି, ଆୟୁଷ ପଟ୍ଟନାୟକ, କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରାଣା, ମହିଳା ଡବଲ୍ସରେ ଋତୁପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ୍, ପୂର୍ବା ପ୍ରତ୍ୟାଶା ପଣ୍ଡା, ବିଶାଖା ଟପ୍ପୋ, ମିକ୍ସଡ ଡବଲ୍ସରେ ଆୟୁଷ ଦାଶ-ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ-ତନ୍ମୟ କୁମାର ସାହୁ ଅଂଶଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ବୁଲଗାରିଆର ଷ୍ଟୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ମହିଳା ଡବଲ୍ସ ଯୋଡି ଆପ୍ରିୟାନୀ ରାହାୟୁ-ସିତି ଫାଦିଆ, ଥାଇଲାଣ୍ଡର ଲାଲିନରାତ ଚାଇୱାନ୍, ଇଣ୍ଡୋନେସିଆର ମହମ୍ମଦ୍ ରିଆନ୍ ଆଡ୍ରିଆଣ୍ଟୋ ଅଂଶଗ୍ରହଣ କରୁଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS